୬ ବଦଳିଲା ଭାରତ-ଇଂଲଣ୍ଡ ଟି-୨୦ ମ୍ୟାଚ୍‌ର ସମୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୫୪ • ୪ ଜୁଲାଇ ୨୦୨୬ ଶନିବାର • ଭୁବନେଶ୍ୱର • Vol -33 • Issue-154 • 4th July 2026, Saturday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ଜାପାନୀ ସଂସ୍ଥା ଏସିଏମଇ ଓ ଆଇଏଚଆଇ କର୍ପୋରେସନ ସହ ସହଯୋଗ ପତ୍ର ସ୍ୱାକ୍ଷରିତ

# ଗ୍ଲୋବାଲ୍ ଗ୍ରୀନ୍ ହବ୍ ହେବ ଓଡ଼ିଶା

### ପାରାଦ୍ୱୀପ ଓ ଗୋପାଳପୁରରେ ୩ ପ୍ରକଳ୍ପ ପାଇଁ ୬୭,୦୦୦ କୋଟିର ପୁଞ୍ଜି ନିବେଶ, ନିଯୁକ୍ତି ପାଇବେ ୮ ହଜାର

ଭୁବନେଶ୍ୱର, ୩।୭
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମୀ) ଦ୍ୱାରା ପରିଚାଳିତ ହେବ ବୋଲି ଶୁକ୍ରବାର ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ, ଜାପାନୀ ଶିଳ୍ପ ବ୍ୟବସାୟିକ ପ୍ରତିନିଧି ମଣ୍ଡଳଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ, ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡ଼ିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ।

ଜାପାନର ବିଜିନେସ୍ ଡେଲିଗେଟ୍‌ମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ପୁଞ୍ଜି ନିବେଶ ସମ୍ପର୍କରେ ବିଶେଷକରି ସବୁଜ ଅର୍ଥନୀତିର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ଅବସରରେ ରାଜ୍ୟ ସରକାର ଏସିଏମଇ ଗ୍ରୁପ ଓ ଆଇଏଚଆଇ କର୍ପୋରେସନ୍ ସହିତ ଏକ ସହଯୋଗ ପତ୍ର ବା ମେମୋରାଣ୍ଡମ ଅଫ୍ କୋଅପରେସନ୍ ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ। ଏହି ସହଯୋଗ ଦ୍ୱାରା ଟେକ୍ନୋଲୋଜି ଟ୍ରାନ୍ସଫର, ପରିବେଶ ଅନୁକୂଳ ଦୀର୍ଘସ୍ଥାୟୀ ଶିଳ୍ପାୟନ ସହିତ ଓଡ଼ିଶାରେ ବ୍ୟାପକ ନିଯୁକ୍ତି ଓ ଅର୍ଥନୈତିକ ସୁଯୋଗ ସୃଷ୍ଟି ହେବ।




ଏହି ଦୁଇଟି କମ୍ପାନୀ ଏସିଏମଇ ଓ ଆଇଏଚଆଇ ଓଡ଼ିଶାରେ ୩ଟି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସହଯୋଗର ହାତ ବଢାଇଛନ୍ତି। ଏହାର ସମୁଦାୟ ନିବେଶ ମୂଲ୍ୟ ପ୍ରାୟ ୬୭,୦୦୦ କୋଟି ଟଙ୍କା ଏବଂ ଏହା ଦ୍ୱାରା ୭,୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି ପ୍ରକଳ୍ପ ଗୁଡିକ ହେଲା ଗୋପାଳପୁରରେ ୦.୪ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ। ଏଥିରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି ବିହୀନ ଫ୍ଲୋଟିଂ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ।

ଏହା ସହିତ ପାରାଦ୍ୱୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ। (ପୃଷ୍ଠା ୭ରେ)

### ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ

# କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୩।୭
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଶୁକ୍ରବାର ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଉଦ୍‌ଘାଟନ କରିଥିଲେ। ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆୟୋଜିତ ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୪,୫୦୦ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିବେ।

ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ନିମାପଡ଼ା ଓ ଗୋପ ବ୍ଲକ୍‌ର ୧୯୦ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିମାପଡ଼ା ବ୍ଲକ୍‌ର କମ୍ୟୁନିଟି ସପୋର୍ଟ ଷ୍ଟାଫ ଶାନ୍ତିଲତା ସ୍ୱାଇଁ, ନିରୁପମା ଛଟୋଇ, ରୁବିନା ପ୍ରଧାନ ଓ ରୂପାଲି ବେହେରା ଏବଂ ଗୋପ ବ୍ଲକ୍‌ର ପ୍ରଭାତୀ ନାୟକ, ରଶ୍ମିରେଖା ନନ୍ଦ ଓ ମନୋରମା ନାଥଶର୍ମାଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ରାଜ୍ୟରେ କାର୍ଯ୍ୟରତ ସମୁଦାୟ ୬୨,୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ପର୍ଯ୍ୟାୟକ୍ରମେ ପରିଚୟପତ୍ର ପ୍ରଦାନ କରାଯିବ। ଏଥିରେ କମ୍ୟୁନିଟି ରିସୋର୍ସ ପର୍ସନ୍, ମାଷ୍ଟର ବୁକ୍ କିପର ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଏବଂ ଲାଇଭଲିହୁଡ୍ ସପୋର୍ଟ ପର୍ସନ୍ ସାମିଲ ଅଛନ୍ତି।




ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଲକ୍ଷପତି ଦିଦି' ଅଭିଯାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ମହିଳାଙ୍କ ଆର୍ଥିକ ସଶକ୍ତିକରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ ସ୍ୱାବଲମ୍ବୀ କରିବା ସହ ଅଧିକରୁ ଅଧିକ ଲକ୍ଷପତି ଦିଦି, ମହାଲକ୍ଷପତି ଦିଦି ଏବଂ କୋଟିପତି ଦିଦି ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଲକ୍ଷ୍ୟ ହାସଲରେ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ଦକ୍ଷତା ବୃଦ୍ଧି ଓ କ୍ଷମତା ବିକାଶ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆହୁରି ସଶକ୍ତ କରାଯାଇ ମହିଳା ସଶକ୍ତିକରଣ ଅଭିଯାନକୁ ନୂତନ ଦିଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ଯେ, କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ମିଶନ ଶକ୍ତିର ମେରୁଦଣ୍ଡ। ସେମାନଙ୍କ ଦକ୍ଷତା, ନେତୃତ୍ୱ ଏବଂ କ୍ଷେତ୍ରସ୍ତରରେ ନିଷ୍ଠାପୂର୍ବକ କାର୍ଯ୍ୟ ମହିଳା ସଶକ୍ତିକରଣ ଅଭିଯାନକୁ ଆହୁରି ଗତିଶୀଳ କରିବା ସହ ରାଜ୍ୟରେ ଅଧିକରୁ ଅଧିକ ସଫଳ ମହିଳା ଉଦ୍ୟୋଗୀ ସୃଷ୍ଟି କରିବାରେ ସହାୟକ ହେବ।

ଏହି ତାଲିମ କାର୍ଯ୍ୟକ୍ରମରେ ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନର ସଶକ୍ତିକରଣ, ଜୀବିକା ବିକାଶ, ଉଦ୍ୟୋଗୀ ସୃଷ୍ଟି, ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଡିଜିଟାଲ ସଶକ୍ତିକରଣ, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ରସ୍ତରରେ ଉତ୍ତମ ସେବା ପ୍ରଦାନ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ଼. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ, ଉପ ସଚିବ ନମ୍ରତା ମୋଦୀ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ। ଏହି ଅବସରରେ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜିର ମୁଖ୍ୟ ଖବର

- ନୌଗଛିଆ ସଡ଼କ ଦୁର୍ଘଟଣାରେ ଦୁଇ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଏବଂ ସାତ ଜଣ ଆହତ।
- ୟୁପିର ଇଟାରେ କଣ୍ଟେନର ରୋଡୱେଜ୍ ବସ୍ ଯାତ୍ରୀଙ୍କୁ ଧକ୍କା ଦେଲା, ୫ ମୃତ ।
- ଭେନେଜୁଏଲାରେ ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୨,୫୯୫ କୁ ବୃଦ୍ଧି।
- ପ୍ରଫେସର ଯୋଗୀଶ ସିଂହଙ୍କୁ ଦ୍ୱିତୀୟ ଥର ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତ।
- ୧୮ରୁ ଶ୍ରୀମନ୍ଦିରର ହେବ ବୈଷୟିକ ଯାଞ୍ଚ।
- ପ୍ରଧାନମନ୍ତ୍ରୀ ୬ ଜୁଲାଇରୁ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ଯିବେ।
- ନିଶାଦ୍ରବ୍ୟ ବିନଷ୍ଟୀକରଣ ପକ୍ଷରେ ୬୪.୮ ମେଟ୍ରିକ ଟନରୁ ଅଧିକ ଜବତ ଗଞ୍ଜେଇ ନଷ୍ଟ।
- ଆନ୍ଧ୍ର ପ୍ରଦେଶରେ ବିବାହ ଶୋଭାଯାତ୍ରାର ଅଟୋ-ରିକ୍ସାକୁ ଧକ୍କା ଦେଲା ଟ୍ରକ୍, ଚାରି ଜଣଙ୍କର ମୃତ୍ୟୁ।

# ଡାକ୍ତରଙ୍କ ସହ ରାଜ୍ୟ ସରକାରଙ୍କ ଆଲୋଚନା ଆଜି

ଭୁବନେଶ୍ୱର, ୩।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟର ଅନେକ ସ୍ଥାନରେ ଏହି ଆନ୍ଦୋଳନ ଲାଗି ରହିଥିବାରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। କେତେକ ସ୍ଥାନରେ ପୋଷ୍ଟମର୍ଟମ ହୋଇପାରିନଥିବା ବେଳେ ଗୁରୁତର ରୋଗୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ନଥିବାରୁ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେବେ ଏଡିଏମ୍‌ଓ ଏହାକୁ ଅସ୍ୱୀକାର କରିଛନ୍ତି। ଡାକ୍ତରଙ୍କୁ ଆନ୍ଦୋଳନରୁ ନିବୃତ୍ତ ରହି କାର୍ଯ୍ୟରେ ଯୋଗଦେବାକୁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲେ



ମଧ୍ୟ ଆନ୍ଦୋଳନ ଜାରି ରହିଛି। ସମସ୍ୟାର ସମାଧାନ ପାଇଁ ଶନିବାର ପୂର୍ବାହ୍ନରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ରାଜ୍ୟ ସରକାର ଆଲୋଚନା ପାଇଁ ଡାକିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଆନ୍ଦୋଳନରତ ଡାକ୍ତରଙ୍କ ପ୍ରତିନିଧି ଦଳ ସହିତ ସେମାନଙ୍କର ସମସ୍ୟା ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଏ ନେଇ ଓମସାର ସଭାପତି ଡା କିଶୋର ଚନ୍ଦ୍ର ମିଶ୍ର ଓ ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ଚିଠି ଦିଆଯାଇଛି।

ଅନ୍ୟପକ୍ଷରେ ଡାକ୍ତର ଆନ୍ଦୋଳନ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମୋହନ ପଣ୍ଡା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସ୍ଥିତି ଉପରେ ଅନୁଧ୍ୟାନ ନଜର ରଖାଯାଇଛି। କିଛି ଜିଲ୍ଲାରେ ଡାକ୍ତର କାର୍ଯ୍ୟରେ ଯୋଗଦେଲେଣି। ଢେଙ୍କାନାଳ, କଳାହାଣ୍ଡିରେ କାର୍ଯ୍ୟରେ ଯୋଗଦେବା (ପୃଷ୍ଠା ୭ରେ)

# କିଭ୍ ଉପରେ ଋଷର ଆକ୍ରମଣ : ୩୦ ମୃତ

କିଭ୍, ୩।୭

ଋଷ୍ ଦ୍ୱାରା ୟୁକ୍ରେନର ରାଜଧାନୀ କିଭ୍‌ରେ ବୁଧବାରରୁ ଗୁରୁବାର ରାତି ଯାଏ ହୋଇଥିବା ପ୍ରଚଣ୍ଡ ଆକ୍ରମଣ ପରେ ମୃତ୍ୟୁ ସଂଖ୍ୟା ୩୦ରେ ପହଞ୍ଚିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ନିରନ୍ତର ଆକ୍ରମଣ ଓ ବିସ୍ଫୋରଣରେ ସହରର ଅନେକ ଅଞ୍ଚଳ ଭାରି କ୍ଷତିଗ୍ରସ୍ତ ହୋଇଛି। ଧ୍ୱଂସସ୍ଥଳରେ ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି ଏବଂ ମୃତାହତଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ଋଷ୍ ଆକ୍ରମଣର କଡ଼ାଗଣ୍ଡା ହିସାବ ନିଆଯିବ ଓ ତୁରନ୍ତ ସମାନୁପାତିକ ଜବାବ ଦିଆଯିବ ବୋଲି କହିଛନ୍ତି।

ରିପୋର୍ଟ ଅନୁସାରେ, ଏହି ଆକ୍ରମଣ ଏକାଧିକ ପର୍ଯ୍ୟାୟରେ ହୋଇଥିଲା ଏବଂ



ଏଥିରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ବ୍ୟବହାର କରାଯାଇଥିଲା। ସହରର ଆବାସିକ ଅଞ୍ଚଳ, ଭବନ ଓ କିଛି ଜନସାଧାରଣ ସୁବିଧା କେନ୍ଦ୍ର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଅନେକ ଘର ଧ୍ୱଂସ ହୋଇଯାଇଥିବାରୁ ଲୋକମାନେ ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ଆକ୍ରମଣ ପରେ ତୁରନ୍ତ ଜରୁରିକାଳୀନ ସେବା ଟିମ୍‌ଗୁଡ଼ିକୁ ସକ୍ରିୟ କରାଯାଇଛି। ଅଗ୍ନିଶମ ବିଭାଗ, ଚିକିତ୍ସା ଦଳ ଓ (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୭୦୦ (+୩୨୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୪୭୫ (+୨୯୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧, ୦୨୫ (+୨୪୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (+୫)

# ୧୦ ଆଇଏଏସ୍ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ

ଭୁବନେଶ୍ୱର, ୩।୭
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଓଡ଼ିଶାର ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ପାଇଁ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ-ତଥା-ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲଙ୍କୁ (ପୃଷ୍ଠା ୭ରେ)

# ଲଗାଣ ବର୍ଷା, ସୁନାମୀ ଏବଂ ଭୂସ୍ଖଳନ ପ୍ରତିରୋଧକ ବ୍ୟବସ୍ଥା ଉପରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, ୩।୭
ନ୍ୟୁଜ୍ ବ୍ୟୁରୋ

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବନ୍ୟା ତଥା ବର୍ଷାଜଳ ପରିଚାଳନା ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଉନ୍ନତ ବୈଷୟିକ କାର୍ଯ୍ୟପ୍ରଣାଳୀ ଏବଂ ସମୁଦାୟ ଭିତ୍ତିକ ସଚେତନତା ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନ କ୍ଷମତା ବୃଦ୍ଧି ଦିଗରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି ।



ବୈଠକରେ ସହରାଞ୍ଚଳରେ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତିର ପରିଚାଳନା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଏବଂ ଆଇଆଇଟି ରୁର୍କୀ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଏମଓୟୁ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଏ ସଂକ୍ରାନ୍ତରେ ଆଇଆଇଟି ରୁର୍କୀ ପକ୍ଷରୁ ପ୍ରସ୍ତୁତ ଡିପିଆର୍ ପ୍ରଦର୍ଶିତ ହୋଇଥିଲା । ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗ ସହ ସମନ୍ୱୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ଟି ସହରାଞ୍ଚଳର ତାଲିକା କରି ସହରାଞ୍ଚଳ ବନ୍ୟା ପରିଚାଳନା ଏବଂ ବର୍ଷାଜଳ ନିଷ୍କାସନ (ପୃଷ୍ଠା ୭ରେ)

# ୬ରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୭
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୬ ତାରିଖରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୬ ତାରିଖ ପୂର୍ବାହ୍ନ ୧୦ଟା ୧୫ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ। ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରଦ୍ଧାଳୁଙ୍କ ପାଇଁ ହୋଇଥିବା ବ୍ୟବସ୍ଥାର ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।

## ଏକାଳ ପଖାଳ



ଡାକ୍ତର ସମାଜ ରାଜରାସ୍ତାରେ
ଆନ୍ଦୋଳନେ ପୁରାରତ
ରୋଗୀଙ୍କ ଜୀବନ ସୂତାଖିଏ ଝୁଲେ
ଯମ ବଢେଇଛି ହାତ
ଜନମନେ ହୁଏ କ୍ଷତ
କିଏ ସେ ଦାୟୀ କିଏ ସୁଧୁରିବ
ଜାଣି ସବୁ ନୀରବ ତ ! ?

# ଇ-୨୦ ପେଟ୍ରୋଲ୍‌ରେ ମାଇଲେଜ୍ କମୁଥିବା ସ୍ୱୀକାର କଲେ ପେଟ୍ରୋଲିୟମ ମନ୍ତ୍ରୀ




ନୂଆଦିଲ୍ଲୀ, ୩।୭

ଇ-୨୦ ପେଟ୍ରୋଲରେ ଗାଡ଼ିର ମାଇଲେଜ ହ୍ରାସ ପାଉଥିବା ନେଇ ହେଉଥିବା ଚର୍ଚ୍ଚାକୁ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସ୍ୱୀକାର କରିଛନ୍ତି। ଏହାଦ୍ୱାରା ମାଇଲେଜ ଅଳ୍ପ କମୁଛି। କିନ୍ତୁ ମାଇଲେଜ କମିବାର ଅନେକ କାରଣ ରହିଛି। ଇ-୨୦ ତେଲରେ ତ୍ୱରଣ ଓ ଇଞ୍ଜିନ ପ୍ରଦର୍ଶନରେ ଉନ୍ନତି ଆସିଥିବା ସେ ଦାବି କରିଛନ୍ତି। ଦେଶବ୍ୟାପୀ ପେଟ୍ରୋଲରେ ଇଥାନଲ ମିଶାଇ ବିକ୍ରି କରିବା ପାଇଁ ଜାରି ରହିଥିବା କାର୍ଯ୍ୟକ୍ରମକୁ ସେ ଦୃଢ଼ ଭାବେ ସମର୍ଥନ କରିଛନ୍ତି। ଦେଶର ସବୁ ପେଟ୍ରୋଲ ପମ୍ପରେ ଇ-୨୦ ପେଟ୍ରୋଲ ବିକ୍ରି ହେଉଛି। ଗାଡ଼ି ନିର୍ମାତା ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରି ସରକାର ଏହି ତେଲ ଆଣିଛନ୍ତି। ଖୁବ୍‌ଶୀଘ୍ର ଇ-୨୫ ତେଲ ବିକ୍ରି ପାଇଁ ଯୋଜନା ରହିଛି। ସେ ଦିଗରେ କାମ ଜୋରସୋରରେ ଚାଲିଛି। ପେଟ୍ରୋଲ୍‌ରେ ଇଥାନଲ ମିଶାଇବା କିଛି ନୂଆ କଥା ନୁହେଁ।

କିମ୍ବଦନ୍ତୀ କାର୍ ନିର୍ମାତା ହେନରି ଫୋର୍ଡ ଏହାକୁ 'ଭବିଷ୍ୟତର ତେଲ' ଆଖ୍ୟା ଦେଇଥିଲେ। ଏପରିକି ରେସିଂ କାରଗୁଡ଼ିକରେ ମଧ୍ୟ ଇଥାନଲ୍ ମିଶା ତେଲ ପଡୁଛି ବୋଲି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି।ପୂର୍ବରୁ (ପୃଷ୍ଠା ୭ରେ)

# ଅତି ଭୀଷଣ ବର୍ଷା ସମ୍ଭାବନା ୯ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୩।୭
ନ୍ୟୁଜ୍ ବ୍ୟୁରୋ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ଉତ୍ତର ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାଖାପାଖି ଅଞ୍ଚଳ ଉପରେ ରହିଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ମଧ୍ୟରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି।

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଜାରି



ରହିଥିବା ବେଳେ ଶନିବାର କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। (ପୃଷ୍ଠା ୭ରେ)





# ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପକ୍ଷରୁ ସେବା କାର୍ଯ୍ୟ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ନେମାଳ ସ୍ଥିତ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅଚ୍ୟୁତାନନ୍ଦ ଙ୍କ ସ୍ନାନ ପୂର୍ଣିମା ଯାତ୍ରା ଉପଲକ୍ଷେ ଦିବସ ବ୍ୟାପୀ ବିଭିନ୍ନ ସେବାମୂଳକ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଭାରତୀୟ ରେଡ଼କ୍ରସ ସୋସାଇଟି ରାଜ୍ୟ ଶାଖା ଆନୁକୂଲ୍ୟରେ ମହାବିଦ୍ୟାଳୟର ୱା ଆର ସି ସଂଗଠନ ତତ୍ତ୍ୱାବଧାନ ରେ ଛାତ୍ର ମାନେ ପାନୀୟ ଜଳ ବଣ୍ଟନ କରିବାସହ ସ୍ୱାସ୍ଥ୍ୟ ସେବା ଓ ସଫେଇ କାର୍ଯ୍ୟ ସମ୍ପାଦନ କରିଥିଲେ । କାର୍ଯ୍ୟକ୍ରମ କୁ କଟକ ଜିଲ୍ଲା ୱାଇ ଆର ସି କନଭେନର ସେକ୍ରେଟାରୀ ଡ଼. ସସ୍ମିତା ପଟ୍ଟନାୟକ, ଜିଲ୍ଲାସଂଯୋଜକ ପ୍ରଫେସର ଅକ୍ଷୟ କୁମାର ମହାନ୍ତି, ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାୟକ, ମହାବିଦ୍ୟାଳୟ ୱାଇ ଆର ସି ସଂଯୋଜକ ଅଧ୍ୟାପକ ଡ଼.ଚିତ୍ତରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ କଟକ ଜିଲ୍ଲାର ବିଭିନ୍ନ କଲେଜ ର ଛାତ୍ରଛାତ୍ରୀ ମାନେଏଥିରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କୁ ୱା ଇ ଆର ସି ଟି ସାର୍ଟ, ଟୋପି ଏବଂ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ଏମ୍‌କେସିଜିରେ ପ୍ଲାଜମା ଓ ରେଡ୍ ସେଲ୍ ଅଦଳବଦଳ ଚିକିତ୍ସା ଆରମ୍ଭ

**ବ୍ରହ୍ମପୁର ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ଏକ ମାତ୍ର ମେଡ଼ିକାଲ୍ କଲେଜ ଭାବେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ପ୍ରଥମ ଥର ପାଇଁ ପ୍ଲାଜମା ଓ ରେଡ୍ ସେଲ୍ ଅଦଳବଦଳ ଚିକିତ୍ସା ଆରମ୍ଭ ହୋଇଛି। ଏମ୍‌କେସିଜିର ଟ୍ରନ୍ସଫ୍ୟୁଜନ ମେଡ଼ିସିନ୍ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଜଣେ ଗୁରୁତର ମହିଳା ରୋଗୀଙ୍କ ଶରୀରରେ ସଫଳତାର ସହ ଥେରାପିଟିକ୍ ପ୍ଲାଜମା ଏକ୍ସଚେଞ୍ଜ କରାଯାଇଛି। ସେହିପରି ସିକିଲ୍‌ସେଲ୍ ରୋଗରେ ପୀଡ଼ିତ ଆଉ ଜଣେ ରୋଗୀଙ୍କର ଥେରାପିଟିକ୍ ରେଡ୍ ସେଲ୍ ଏକ୍ସଚେଞ୍ଜ କରାଯାଇ ତାଙ୍କୁ ସୁସ୍ଥ କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି, ପୂର୍ବରୁ ଏହି ବ୍ୟୟବହୁଳ ଚିକିତ୍ସା ପାଇଁ ଦକ୍ଷିଣ ଓଡ଼ିଶାର ରୋଗୀ କଟକ, ଭୁବନେଶ୍ୱର ନଚେତ୍ ରାଜ୍ୟ ବାହାରକୁ ଯାଉଥିଲେ। ବର୍ତ୍ତମାନ ଦକ୍ଷିଣ ଓଡ଼ିଶାର ହଜାର ହଜାର ଗରିବ ରୋଗୀ ଏମ୍‌କେସିଜିରେ ସମ୍ପୂର୍ଣ୍ଣ ମାଗଣାରେ ଏହି ସେବା ପାଇପାରିବେ ବୋଲି କୁହାଯାଇଛି। ଏହି ଦୁଇଟି ଅତ୍ୟାଧୁନିକ ଚିକିତ୍ସା ସେବା ଉପଲବ୍ଧ ହେବା ଦ୍ୱାରା ଦକ୍ଷିଣ ଓଡ଼ିଶାର ରୋଗୀଙ୍କୁ ବଡ଼ ଆଶ୍ୱସ୍ତି ମିଳିବ । ପୂର୍ବରୁ ଏଥିପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବାହାରକୁ ଯିବାକୁ ପଡୁଥିଲା। କିନ୍ତୁ ଏବେ ଏମ୍‌କେସିଜିରେ ଏହା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଏମ୍‌କେସିଜି ଡ଼ିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡ଼ାକ୍ତର ହରିକୃଷ୍ଣ ଦଳେଇ କହିଛନ୍ତି । ଏହି ସଫଳତା ପାଇଁ ଏମ୍‌କେସିଜି ଅଧିକ୍ଷକ ପ୍ରଫେସର ଡ଼ାକ୍ତର ସୁଦୀପା ଦାସ ସମଗ୍ର ଡ଼ାକ୍ତରୀ ଦଳକୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ଏଭଳି ସ୍ପେଶାଲିଟି ସେବାର ସମ୍ପ୍ରସାରଣ କରାଯିବ ବୋଲି କହିଛନ୍ତି। ପ୍ରକାଶଥାଉକି, ଏମ୍‌କେସିଜିକୁ ଆସିଥିବା ଜଣେ ୪୦ ବର୍ଷୀୟା ମହିଳା ଆଟିଫିକାଲ୍ ହେମୋଲାଇଟିକ୍ ୟୁରେମିକ୍ ସିଣ୍ଡ୍ରୋମ୍ ନାମକ ଏକ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ମେଡ଼ିସିନ୍ ବିଭାଗରେ ଭର୍ତ୍ତି ହୋଇଥିଲେ। ତାଙ୍କର କିଡ୍‌ନୀ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଟ୍ରାନ୍ସଫ୍ୟୁଜନ୍ ମେଡ଼ିସିନ୍ ବିଭାଗ ଡ଼ାକ୍ତରଙ୍କ ନେତୃତ୍ୱରେ ଏକ ମଲ୍ଟି-ଡ଼ିସିପ୍ଲିନାରୀ ଟିମ୍ ଏହି ମହିଳା ରୋଗୀଙ୍କ ପ୍ଲାଜମା ଏକ୍ସଚେଞ୍ଜ କରିଥିଲେ। ପ୍ଲାଜମା ଅଦଳବଦଳ ପ୍ରକ୍ରିୟାରେ ରୋଗୀଙ୍କ ରକ୍ତକୁ ଫିଲ୍ଟର କରାଯାଇ ସେଥିରେ ଥିବା କ୍ଷତିକାରକ ଆଂଟିବଡ଼ି ଏବଂ ବିଷାକ୍ତ ପଦାର୍ଥକୁ ବାହାର କରିଦିଆଯାଇଥାଏ । ଏହାଦ୍ୱାରା ଅଟୋଇମ୍ୟୁନ୍ ଏବଂ ସ୍ନାୟୁଗତ ରୋଗରେ ଆକ୍ରାନ୍ତ ଗୁରୁତର ରୋଗୀଙ୍କ ଜୀବନ ରକ୍ଷା ପାଇଥାଏ । ବର୍ତ୍ତମାନ ସମ୍ପୃକ୍ତ ମହିଳା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ବେଶ୍ ସୁଧାର ଆସିଛି ଏବଂ ତାଙ୍କୁ ଏଭଳି ୪ଟି ସେସନ୍ ଚିକିତ୍ସା ଦିଆଯିବ ବୋଲି ଏମ୍‌କେସିଜି ପକ୍ଷରୁ କୁହାଯାଇଛି । ସେହିପରି ଏମ୍‌କେସିଜିରେ ଜଣେ ସିକିଲସେଲ୍ ରୋଗୀଙ୍କ ରେଡ୍ ସେଲ୍ ଅଦଳବଦଳ କରାଯାଇଛି ।

# ୧୩ ବର୍ଷର ଅପେକ୍ଷା ପରେ ଶିଶୁ କଲ୍ୟାଣ ସମିତିର ନୂତନ ଭବନ ଉଦ୍‌ଘାଟିତ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଶିଶୁ କଲ୍ୟାଣ ସମିତିର ନୂତନ ସରକାରୀ ଭବନ ଉଦଘାଟନ କଲେ ଜିଲ୍ଲାପାଳ ଡ. ନୃପରାଜ ସାହୁ। ଦୀର୍ଘ ୧୩ ବର୍ଷର ପ୍ରତୀକ୍ଷା ପରେ ଶିଶୁ କଲ୍ୟାଣ ସମିତି, ସୁବର୍ଣ୍ଣପୁର ର ନୂତନ ସରକାରୀ କାର୍ଯ୍ୟାଳୟ ଭବନ ଉଦ୍ଘାଟିତ ହୋଇଛି। ନୂତନ କାର୍ଯ୍ୟାଳୟ ଦ୍ୱାରା ଶିଶୁ ମାନଙ୍କ ସୁରକ୍ଷା,ଯତ୍ନ ଓ ପୁନର୍ବାସ ସମ୍ବନ୍ଧୀୟ କାର୍ଯ୍ୟ ଅଧିକ ସୁବିଧାଜନକ ଓ ସୁଚାରୁ ଭାବେ ସମ୍ପାଦିତ ହୋଇପାରିବ। ଉଦ୍ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବର୍ଣ୍ଣପୁର ଡା. ନୃପରାଜ ସାହୁ ଫିତା କାଟି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଯୋଗ ଦେଇଥିବା ବେଳେ ଶିଶୁ କଲ୍ୟାଣ ସମିତି, ପୂର୍ବତନ ଶିଶୁ କଲ୍ୟାଣ ସମିତିର ସଭ୍ୟ ରାଧେଶ୍ୟାମ ପଣ୍ଡା, ସାନ୍ତନୁ କୁମାର କର୍ଣ୍ଣ, ହେମନ୍ତ କୁମାର ସା, ଦିଲ୍ଲୀପ କୁମାର ମୁଖୀ, ସାମାଜିକ କର୍ମୀ ଗୋବିନ୍ଦ ମହାରଣା, ସଖୀ, ଉତ୍କଳ ବାଳାଶ୍ରମ ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟାଳୟ ଭବନ ଶିଶୁ ସୁରକ୍ଷା ଦିଗରେ ଏକ ନୂଆ ପଦକ୍ଷେପ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏହି ନୂତନ ସରକାରୀ କାର୍ଯ୍ୟାଳୟ ପାଇଁ ନୂତନ ଭାବେ ନିଯୁକ୍ତ ହୋଇଥିବା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ଲୀନା ବାବୁ, ସଦସ୍ୟା ଅଞ୍ଜଳି ନେଗୀ, ରଞ୍ଜିତା ସାହୁ, ସଦସ୍ୟ କେଶବ ଚନ୍ଦ୍ର ମେହେର ଓ ବ୍ରଜେନ୍ଦ୍ର କୁମାର୍ ବିଶି ସମସ୍ତେ ମିଶି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ଏବଂ ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ସମିତିର ଅଭିଯୋଗକୁ ଗୁରୁତର ସହ ନେଇ ତାଙ୍କର ପ୍ରଚେଷ୍ଟା ଫଳରେ ଉକ୍ତ କାର୍ଯ୍ୟାଳୟ କୁ ମଞ୍ଜୁର କରିଥିଲେ। ପୂର୍ବରୁ ଭଡ଼ା ଘରେ କାର୍ଯ୍ୟାଳୟ ଚାଲୁ ଥିବାରୁ ବିଭିନ୍ନ ସମସ୍ୟା ଦେଖା ଦେଇଥିଲା। ନୂତନ ସରକାରୀ ଭବନ ମିଳିବା ପରେ ଶିଶୁ ମାନଙ୍କ ହିତରେ ଶୁଣାଣି ଓ ଅନ୍ୟାନ୍ୟ କାର୍ଯ୍ୟ ଆହୁରି ଭଲ ଭାବରେ ହୋଇପାରିବ। ଏହି କାର୍ଯ୍ୟକ୍ରମକୁ ଶିଶୁ କଲ୍ୟାଣ ସମିତିର ସମସ୍ତ ସଭ୍ୟ ଓ ସଭ୍ୟା ସମ୍ପାଦନ କରିଥିଲେ।

# ସାମାଜିକ ଓ ଅର୍ଥନୈତିକ ଯୋଜନା ପ୍ରଣୟନରେ ପରିସଂଖ୍ୟାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କଲେକ୍ଟରେଟ୍ ସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଜୁନ୍ ୨୯ ତାରିଖକୁ 'ଜାତୀୟ ପରିସଂଖ୍ୟାନ ଦିବସ' ଭାବେ ପାଳନ କରାଯାଏ। ଭାରତୀୟ ପରିସଂଖ୍ୟାନର ଜନକ ଭାବେ ଜଣାଶୁଣା ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସ୍‌ଙ୍କ ଜନ୍ମଜୟନ୍ତୀ ଅବସରରେ ଏହି ଦିବସ ପାଳିତ ହୋଇଥାଏ। ସାମାଜିକ ଓ ଅର୍ଥନୈତିକ ଯୋଜନା ପ୍ରଣୟନରେ ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ସାଧାରଣ ଜନତା ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିସଂଖ୍ୟାନର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ମହାଲିକ କହିଥିଲେ ଯେ, ରାଜ୍ୟ ତଥା ଜାତୀୟ ସ୍ତରରେ ଦେଶର ବିକାଶ କ୍ଷେତ୍ରରେ ପରିସଂଖ୍ୟାନ ଏକ ମୂଳଦୁଆ ସଦୃଶ। ସଠିକ୍ ତଥ୍ୟ ବ୍ୟତୀତ ଦେଶରେ କୌଣସି ପ୍ରକାରର ଲୋକହିତକର ଯୋଜନା ପ୍ରଣୟନ କରିବା କେବଳ କଷ୍ଟସାଧ୍ୟ ନୁହେଁ, ବରଂ ଅସମ୍ଭବ। ତେଣୁ ସଠିକ୍ ପରିସଂଖ୍ୟାନ ହିଁ ସର୍ବାଙ୍ଗୀନ ବିକାଶର ପଥ ପରିଷ୍କାର କରିଥାଏ ବୋଲି ସେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଡ. ଅଜିତ କୁମାର ବରାଳ ପରିସଂଖ୍ୟାନକୁ ଜୀବନ ଦର୍ଶନ ସହ ତୁଳନା କରିଥିଲେ। ସେ ସୂଚାଇଥିଲେ ଯେ, ଯେପରି ଲକ୍ଷ୍ୟହୀନ ଜୀବନର କୌଣସି ଅର୍ଥ ନାହିଁ, ସେହିପରି ସଠିକ୍ ପରିସଂଖ୍ୟାନ ବିନା ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ପ୍ରାୟତଃ ଲକ୍ଷ୍ୟଭ୍ରଷ୍ଟ ହୋଇଥାଏ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ନିର୍ଭୁଲ୍ ତଥ୍ୟକୁ ଆଧାର କରି ନିଷ୍ପତ୍ତି ନେବା ଅତ୍ୟନ୍ତ ଜରୁରୀ ବୋଲି ସେ ଦର୍ଶାଇଥିଲେ। ଏହି ଅବସରରେ ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଗଜେନ୍ଦ୍ର କୁମାର ବେହେରା ପରିସଂଖ୍ୟାନର ବ୍ୟାପକତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ, 'ସଠିକ୍ ପରିସଂଖ୍ୟାନ ସରକାରଙ୍କୁ ସମୟୋପଯୋଗୀ ଯୋଜନା ପ୍ରଣୟନ କରିବାରେ ସହାୟତା କରିଥାଏ, ଯାହା ଦେଶର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ।' ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା ଯଥା- କୃଷି ଓ ଜଳସେଚନ ଗଣନା, ଶସ୍ୟକାଟ ପରୀକ୍ଷା, ମୂଲ୍ୟ ସୂଚକାଙ୍କ ନିର୍ଦ୍ଧାରଣ, ଶିଳ୍ପ ସର୍ଭେ, ଜିଲ୍ଲା ପରିସଂଖ୍ୟାନ ହାଣ୍ଡବୁକ୍ ପ୍ରସ୍ତୁତି ଓ ଜାତୀୟ ନମୁନା ସର୍ଭେ ଆଦି କିଭଳି ନୀତି ନିର୍ଦ୍ଧାରଣରେ ମୂଳଦୁଆ ସାଜିଛି, ସେ ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲାରେ ପରିସଂଖ୍ୟାନ କ୍ଷେତ୍ର କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ ଭାବେ ୨୦୨୫-୨୬ କୃଷି ବର୍ଷ ପାଇଁ ନିରବଚ୍ଛିନ୍ନ ଓ ନିଷ୍ଠାପର ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସେମାନଙ୍କୁ ଭବିଷ୍ୟତରେ ଆହୁରି ଅଧିକ ଦକ୍ଷତାର ସହ କାର୍ଯ୍ୟ କରିବାକୁ ଉତ୍ସାହିତ କରିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଅଧିକାରୀମାନେ ଯୋଗଦେଇଥିଲେ। ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ କୁମାର ନାଗଭୂଷଣ, ଡିଡି ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର ଡ. ନବଘନ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ପ୍ରଫେସର ଏବଂ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।



# କଲଚରାଲ ଏକାଡେମୀର ମାସିକ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ, ବୌଦ୍ଧ ପକ୍ଷରୁ ମାସିକ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗୁଟୁସିଙ୍ଗାଠାରେ ଏକାଡେମୀର ସଭାପତି ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବରାଜ ନାୟକ ମୁଖ୍ୟ ଅତିଥି, କାର୍ତ୍ତିକେଶ୍ୱର ନାୟକ ସମ୍ମାନିତ ଅତିଥି ଏବଂ ଏକାଡେମୀର ସମ୍ପାଦକ ରାଧାମୋହନ ମାହାଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ରଶ୍ମିତା କୁମାରୀ ବେହେରା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏକ ସୁମଧୁର ଭଜନ ପରିବେଷଣ କରିଥିଲେ। ପରେ ରାଧାମୋହନ ମାହାଣା ଅତିଥି ପରିଚୟ ପ୍ରଦାନ କରିଥିଲେ।ଆଲୋଚନା ଚକ୍ରରେ କାର୍ତ୍ତିକେଶ୍ୱର ନାୟକ ବୌଦ୍ଧ ଜିଲ୍ଲାର ସାହିତ୍ୟ ପରମ୍ପରା ଓ ଏକାଡେମୀର ଭୂମିକା ଉପରେ ମତ ରଖିଥିଲେ। ମୁଖ୍ୟ ଅତିଥି ଦେବରାଜ ନାୟକ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ଅବଦାନ, ମହତ୍ତ୍ୱ ଓ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଧ୍ରୁବଚରଣ ଘିବେଲା ସାହିତ୍ୟ ହେଉଛି ସଂଘର୍ଷର କାହାଣୀ ବୋଲି କହିବା ସହ ନିର୍ମଳ ଓ ସମାଜମୁଖୀ ସାହିତ୍ୟ ସୃଷ୍ଟି ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହାପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଭାପତି ଟଙ୍କଧର ସାହୁ ସଭାପତିତ୍ୱ କରିଥିବା ବେଳେ ସୁବାଷ ମହାକୁଡ଼ ଓ




କୃଷ୍ଣଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବି. କେ. ନିର୍ମଳ କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କବିତା ପାଠରେ ବିଜୟ ସାହୁ, କୃଷ୍ଣଚନ୍ଦ୍ର ସେଠୀ, କାର୍ତ୍ତିକେଶ୍ୱର ନାୟକ, ଦେବରାଜ ନାୟକ, ଟଙ୍କଧର ସାହୁ, ରାଧାମୋହନ ମାହାଣା, ଧ୍ରୁବଚରଣ ଘିବେଲା, ରଶ୍ମିତା ବେହେରା, ସୁବାଷ ମହାକୁଡ଼, ରାଜକିଶୋର ପ୍ରଧାନ ଓ ବି. କେ. ନିର୍ମଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ରାଜକୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ।

# କୋରେଇରେ ୧୦୭ ଅଭିଯୋଗ ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୨ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଯାଜପୁର, ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରେଇ ଅବନିକାନ୍ତ ସାହୁ, ଭାରପ୍ରାପ୍ତ ତହସିଲଦାର, ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।




# ବୀରମହାରାଜପୁରରେ ୧୩୩ଟି ଅଭିଯୋଗର ଶୁଣାଣି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କେ କେ ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୧୩୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୧୧୬ଟି ବ୍ୟକ୍ତିଗତ ଓ ୧୭ଟି ସାମୁହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି।

# 'ଶୁଷ୍କ ଉତ୍ସବ କର୍ମ ପୁଞ୍ଜିର ପୁଣ୍ୟ ନୁହେଁ'

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଗାନ୍ଧିଜୀ କହୁଥିଲେ ମୋ ଘର ଚାରିପଟେ ଧର୍ମର ପ୍ରାଚୀର ଉଠୁ ଆପତ୍ତି ନାହିଁ, କିନ୍ତୁ ମୋ ଘର ଦେଇ ସର୍ବଧର୍ମର ମହକ ବାସ୍ନାୟିତ କରୁ। ସେହି ମର୍ମରେ ସଦ୍‌ଭାବନା ସମିତିର ୫୬୫ ତମ ମାସିକ ସନ୍ଥ ଦିବସ ସ୍ଥାନୀୟ ଗୋପବନ୍ଧୁ ଭବନଠାରେ ଦେବସ୍ନାନ ପୂର୍ଣ୍ଣମା ତିଥିରେ ପାଳିତ ହୋଇଯାଇଛି। କୋଷାଧ୍ୟକ୍ଷ ସନ୍ଦିପ କୁମାର ଚାନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଜୀବନରେ କର୍ତ୍ତବ୍ୟ ପାଶୋରୀ ମଉଜ ମଜଲିସର ଶୁଷ୍କ ଉତ୍ସବ କର୍ମ ପୁଞ୍ଜିର ପୁଣ୍ୟ ନୁହେଁ ପ୍ରସଙ୍ଗ ରଖାଯାଇଥିଲା। ସଭା ପ୍ରାରମ୍ଭରେ ଏ ମାସରେ ଭୂମିଷ୍ଠ ସନ୍ଥ କବୀର ଓ ଜ୍ଞାନଦେବଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ, ପତ୍ରକାର, ତଥା ସମାଜସେବୀ କବି ବିଷ୍ଣୁ ଶତପଥି, ସମ୍ମାନିତ ଅତିଥି ଭାବେ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ ଝରଣା ବେହେରା ଯୋଗଦେଇଥିଲେ। ଡ ଶଶୀଧର ବିଶ୍ୱାଳ, ଭାଗ୍ୟଧର ନନ୍ଦ, ପଞ୍ଚାନନ ବେହେରା, ଡ କୁଞ୍ଜବନ ପୃଷ୍ଟି, କୈବଲ୍ୟ ମହାପାତ୍ର, ରାଜେନ୍ଦ୍ର ସାମଲ, ଅଶୋକ ପଲେଇ, ଶିବଶଙ୍କର ଗିରି ଓ ନନ୍ଦ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଓ ସଦସ୍ୟ ସାମ୍ବାଦିକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟା ସମାଧାନ ଦାବିରେ ନାଗରିକ କମିଟିର ଧାରଣା ଧମକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ମାଉସୀ ମା' ମନ୍ଦିର ପରିସରରେ ବୌଦ୍ଧ ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନାଗରିକ କମିଟିର ସଂପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ପ୍ରଥମତଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟା, ଅବହେଳିତ ସଂଗ୍ରହାଳୟ, ପାତାଳି ଶ୍ରୀକ୍ଷେତ୍ର ନାୟକପଡାର ବିକାଶ ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ରାଜ୍ୟସରକାରଙ୍କୁ ପ୍ରେରଣ କରାଯାଇନଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏସବୁ ସମସ୍ୟା ପ୍ରତି ଧ୍ୟାନ ଦେଇ ତୁରନ୍ତ ସମାଧାନ ନକଲେ ଆସ । ୩୦ ତାରିଖରେ ନାଗରିକ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଏବଂ ନାଗରିକ କମିଟିର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ନିଜ ମତାମତ ଉପସ୍ଥାପନ କରିଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି: ୯୬ ଦରଖାସ୍ତ ଗ୍ରହଣ



**କଟକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଟିଗିରିଆ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୬ ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୮୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୩ଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ ଆଠଗଡ, ପ୍ରହ୍ଲାଦ ନାରାୟଣ ଶର୍ମା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ଶିକ୍ଷା, ବିଦ୍ୟୁତ, ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଜୁନ ୨୯ ତାରିଖରେ ନିଆଳି ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ମୌଳିକ ଆଇନ୍ ଓ କାର୍ଯ୍ୟବିଧି ଆଧାରିତ ପ୍ରଶିକ୍ଷଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନବନିଯୁକ୍ତ ସରକାରୀ ଓକିଲ ମାନଙ୍କୁ ନେଇ ମୌଳିକ ଆଇନ୍ ଓ କାର୍ଯ୍ୟବିଧି ଆଧାରିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧୀକ୍ଷକ କୁଳଦୀପ୍ ମୀନା ଯୋଗ ଦେଇଥିଲେ । ଅଭିଭୋକ୍ତା ଉପ ନିର୍ଦ୍ଦେଶକ ତ୍ରିଲୋଚନ ପରିଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ବିଭିନ୍ନ ବିଷୟରେ ଉପଖଣ୍ଡ ପୋଲିସ ଅଧିକାରୀ ଲରେନ୍ସ ରାଉତରାୟ, ଅବସରପ୍ରାପ୍ତ ପିପି ଅନିଲ କୁମାର ପ୍ରଧାନ, ସାଇବରଥାନା ଉପ ଆରକ୍ଷୀ ଅଧୀକ୍ଷକ ସ୍ମିତା ଶୁଭାଷିନୀ ଟେଟେ, ପିପି ସବିତା କୁମାରୀ ପଣ୍ଡା, ଉପ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାତ୍ର, ଅତିରିକ୍ତ ପିପି ହରିହର କହଁର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶନିବାର ଦିନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଏସ ରାମପୁରରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ୯୦% ମାର୍କ ପାଇ ଏ୧ ଗ୍ରେଡ ପାଇଥିବା ଶାଳିନୀ ବନଛୋର ଓ ଲିନୁ ନାଏକ ଙ୍କୁ ଏବଂ ଅଷ୍ଟମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅଲିଭା ଭୁଏ ଓ ଅନିମା ରଣା କୁ ପୁଷ୍ପଗୁଚ୍ଛ, ଉତ୍ତରୀ ଓ ସ୍ମାରକୀ ଚିହ୍ନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭା ର ସଭାପତିତ୍ୱ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହୋସିୟା ଛତ୍ରିୟା କରିଥିଲେ ଏବଂ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଭରତ ଭୂଷଣ ପୂଜାରୀ ଯୋଗ ଦେବା ସହ ସଭା ଟିକୁ ସଂଯୋଜନା ସୁଧୀର ଗଡତିଆ କରିଥିଲେ। ସି ଆର ସି ସି ପ୍ରଦୀପ୍ତ କିଶୋର ଦାଶଙ୍କ ସହିତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଉମାକାନ୍ତ ତ୍ରିପାଠୀ, ଗଣିତ ଶିକ୍ଷିକା ସୁଜାତା ସାହୁ, ହିନ୍ଦୀ ଶିକ୍ଷିକା ତରଙ୍ଗିନୀ ମହାପାତ୍ର, କଳା ଶିକ୍ଷିକା ଅନିତା ନାଏକ, କୁଶ ଭୋଇ, ରୀନା ବାଗ, ଚୌହାନ କୁମାର ଦାଶଙ୍କ ସହିତ ଅଭିଭାବକ ବୃନ୍ଦ ଓ ସମସ୍ତ ଛାତ୍ରୀ ଅଂଶ ଗ୍ରହଣ କରି ସଭା ଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ସୁଧୀର ଗଡତିଆ ଧନ୍ୟବାଦ ଅର୍ପଣ କରି ସଭାପତି ଙ୍କ ଆଦେଶ କ୍ରମେ ସଭା ଟିକୁ ସାଙ୍ଗ କରାଗଲା।

# ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଶିଳ୍ପ କେନ୍ଦ୍ର, ବୌଦ୍ଧ ପକ୍ଷରୁ ସ୍ଥାନୀୟ କୃଷି ବଜାରରେ 'ଉଦ୍ୟମୀ ଓଡ଼ିଶା' କାର୍ଯ୍ୟକ୍ରମ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଶିଳ୍ପାୟନକୁ ଗତିଶୀଳ କରିବା, ନୂତନ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ନିବେଶ ପାଇଁ ଅନୁକୂଳ ପରିବେଶ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରମୁଖ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୦୦ରୁ ଅଧିକ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ସମ୍ଭାବ୍ୟ ନିବେଶକମାନେ ଉତ୍ସାହର ସହ ଯୋଗଦେଇଥିଲେ।ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ 'ମେକ୍ ଇନ୍ ବୌଦ୍ଧ, ମେକ୍ ଫର୍ ଓଡ଼ିଶା' ଆହ୍ୱାନକୁ ସଫଳ କରି ବୌଦ୍ଧ ଜିଲ୍ଲାକୁ ଏକ ସମ୍ଭାବନାମୟ ଶିଳ୍ପ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ସେ ଯୁବପିଢ଼ିଙ୍କୁ ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟମ ଏବଂ ମୁଖ୍ୟମନ୍ତ୍ରୀ ଏସ୍‌ଆର୍‌ଆଇଏମ୍ ଭଳି ଯୋଜନାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚ୍ଚାଳକ ଯୋଗେଶ୍ୱର ବିଶୋଇ ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତତନ୍ତ, ପର୍ଯ୍ୟଟନ ଓ କ୍ଷୁଦ୍ର ବନଜାତ ଦ୍ରବ୍ୟ ଭିତ୍ତିକ ଶିଳ୍ପର ଅପାର ସମ୍ଭାବନା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହାସହ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ କିପରି ଶୀଘ୍ର ଓ ସହଜରେ ଅନୁମୋଦନ ମିଳିପାରିବ, ତାହାର ପାୱାର ପଏଣ୍ଟ ପ୍ରଦର୍ଶନ କରାଯାଇଥିଲା। ଦିପା ବୌଦ୍ଧ ପକ୍ଷରୁ ଜିଲ୍ଲାର ନିବେଶ ସହାୟତା ବ୍ୟବସ୍ଥା, ଲ୍ୟାଣ୍ଡ ବ୍ୟାଙ୍କର ଉପଲବ୍ଧତା, ନିବେଶକଙ୍କ ପାଇଁ ସରକାରୀ ସୁବିଧା ଏବଂ ପ୍ରକଳ୍ପର ପ୍ରାରମ୍ଭରୁ କାର୍ଯ୍ୟକାରୀ ପର୍ଯ୍ୟାୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହ୍ୟାଣ୍ଡହୋଲ୍ଡିଂ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଉପସ୍ଥିତ ସମ୍ଭାବ୍ୟ ନିବେଶକମାନଙ୍କ ବିଭିନ୍ନ ପ୍ରଶ୍ନର ତୁରନ୍ତ ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ସ୍ଥାନୀୟ ସଫଳ ଉଦ୍‌ଯୋଗୀମାନଙ୍କ ଅନୁଭୂତି ବାଣ୍ଟିବା। ସେମାନେ ପିଏମଏଜିପି ଓ ପିଏମଏଫଏମଇ ଯୋଜନାର ସହାୟତାରେ କିପରି ନିଜ ଉଦ୍ୟମକୁ ସଫଳ କରିଛି, ତାହା ଉପସ୍ଥିତ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟକ ହୋଇଥିଲା। ଶେଷରେ ଆଇପିଓ ଶୁଭେନ୍ଦୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନବଜୀବନ ଆଶ୍ରମରେ ଅନୁଭବ ମୂଳକ ଶିକ୍ଷା କାର୍ଯ୍ୟକ୍ରମ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ମୋ ଯୁବ ଭାରତ ପକ୍ଷରୁ ଗଞ୍ଜାମ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ସ୍ଥାନୀୟ ମଦନ ମୋହନ ପୁର ନବଜୀବନ ଆଶ୍ରମରେ ଅନୁଭବ ମୂଳକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ପ୍ରତିଷ୍ଠାତା ସୁଶ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଚନ୍ଦନ ନାୟକ ଉପସ୍ଥିତ ଶିବିରାର୍ଥିଙ୍କୁ ବିଭିନ୍ନ ଯୋଗ ଓ ପ୍ରଣାୟାମ ଶିକ୍ଷା ଦାନ କରିବା ସହ ତାର ଉପକାରିତା ସମ୍ପର୍କରେ ବୁଝାଇ ଥିଲେ । ଅନୁଷ୍ଠାନର ସଭାପତି ରାକେଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଶିବିର ରେ ରହୁଥିବା ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ନେଇ ମ୍ୟୁଜିକ ଚେୟାର ଆୟୋଜିତ କରାଯାୟୀ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏକ ସଭାରେ ମୁଖ୍ୟଅତିଥି ଭାବେ ବାଳାଶ୍ରମ ର ମୁଖ୍ୟ ପରିଚାଳକ ସୁଶାନ୍ତ ମହାରଣା, ସମ୍ମାନିତ ଅତିଥିଭାବେ ଫାର୍ମାସିଷ୍ଟ ସୁନୀଲ କୁମାର ସାବତ, ସମାଜସେବୀ ଅଜୟ ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ । ଅନୁଭବ ମୂଳକ ଶିକ୍ଷା କୁ ନେଇ ଶିକ୍ଷା ଚକ୍ର ପ୍ରତ୍ୟକ୍ଷ ଅନୁଭୂତି, ପ୍ରତିଫଳନ ମୂଳକ ଅନୁଧ୍ୟାନ, ଅମୃତ ଧାରଣା ଓ ସକ୍ରିୟ ପରୀକ୍ଷଣ କୁ ନେଇ ଗୁଣାତ୍ମକ ଶିକ୍ଷା ଅର୍ଜନ କରିବା ପାଇଁ ବିଭିନ୍ନ ଉଦାହରଣ ଦେଇ ଉପସ୍ଥିତ ବାଳାଶ୍ରମର ଛାତ୍ର ଛାତ୍ରୀ ମାନଙ୍କ ସହ ଆଲୋଚନା କରାଯାଇଥିଲା । ଛାତ୍ର ପରମେଶ୍ୱର ଧନ୍ୟବାଦ ଅର୍ପଣ କରିଥିଲେ





# ମେଗା ପାନୀୟ ଜଳ ପ୍ରକଳ୍ପ ଅଚଳ:ପାଣି ପାଇଁ ଲୋକେ ହନ୍ତସନ୍ତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ପହାଇବା ଲକ୍ଷ୍ୟରେ ବୌଦ୍ଧ ବ୍ଲକର ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ନିକଟରେ ପ୍ରାୟ ୪୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକଳ୍ପ ଥିଲେ ମଧ୍ୟ ଲୋକଙ୍କ ଘରକୁ ପାଣି ପହଞ୍ଚିପାରୁନାହିଁ। ଗତ ୫ ଦିନ ଧରି ବ୍ଲକର ବିଭିନ୍ନ ପଞ୍ଚାୟତରେ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ହଜାର ହଜାର ପରିବାର ଜଳକଷ୍ଟରେ ଦିନ କାଟୁଛନ୍ତି। ପ୍ରକଳ୍ପ ପାଇଁ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜଗତି ନିକଟ ମହାନଦୀରୁ ଇଣ୍ଟେକ୍ ୱେଲ୍ ମାଧ୍ୟମରେ ଜଳ ଉଠାଯାଉଛି। କିନ୍ତୁ ମହାନଦୀରେ ଜଳସ୍ତର ଅସ୍ୱାଭାବିକ ଭାବେ କମିଯିବା ସହ ଦୀର୍ଘଦିନ ଧରି ଗୋଟିଏ ପମ୍ପ ଅଚଳ ରହିଥିବାରୁ ସମଗ୍ର ଜଳଯୋଗାଣ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ବର୍ତ୍ତମାନ ନଦୀରୁ ଇଣ୍ଟେକ୍ ୱେଲ୍ ପର୍ଯ୍ୟନ୍ତ ପାଣି ପହଞ୍ଚାଇବାକୁ ଜେସିବି ଲଗାଇ ବାଲି ଖୋଳି ନାଳ ତିଆରି କାମ ଚାଲିଛି। ଏହା ସରିବାକୁ ଆହୁରି କିଛି ଦିନ ଲାଗିପାରେ ବୋଲି ସୂଚନା ମିଳିଛି। ସବୁଠାରୁ ବଡ଼ କଥା ହେଲା, ଏହି ପ୍ରକଳ୍ପ ଦ୍ୱାରା ବୌଦ୍ଧ ବ୍ଲକର ୨୩ଟି ପଞ୍ଚାୟତରେ ନିୟମିତ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ



ରଖାଯାଇଥିଲେ ମଧ୍ୟ ବଘିଆପଡା, ଟିକରପଡା, ଆମ୍ବଝରି, ବର୍ଡ଼ିଗାଁ ସମେତ ଅନେକ ପଞ୍ଚାୟତରେ ମାସ ମାସ ଧରି ଅନିୟମିତ ଜଳଯୋଗାଣ ଚାଲିଛି। ଅନେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ଥିଲେ ମଧ୍ୟ ସେଥିରୁ ପାଣି ବାହାରୁନାହିଁ। କେଉଁଠି ଦିନେ ଛାଡ଼ି ଦିନେ ପାଣି ଆସୁଥିବା ବେଳେ ବର୍ତ୍ତମାନ ଲଗାତାର ୫ ଦିନ ଧରି ଯୋଗାଣ ବନ୍ଦ ରହିଛି। ଏପଟେ ଲୋକେ ସକାଳୁ ନଳକୂଅ ନିକଟରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ପାଣି ସଂଗ୍ରହ କରୁଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରକଳ୍ପର ରକ୍ଷଣାବେକ୍ଷଣରେ ଅବହେଳା, ଖରାପ ପମ୍ପର ମରାମତିରେ ବିଳମ୍ବ ଏବଂ ବୈଷୟିକ ତ୍ରୁଟି ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ଦୁଇ ବର୍ଷରୁ ଅଧିକ ସମୟ ହେଲା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ କେତେକ ଓଭରହେଡ୍ ଟ୍ୟାଙ୍କର କାମ ଏବେବି ଅଧାରେ ପଡ଼ିରହିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ୁଛି। କୋଟି କୋଟି ଟଙ୍କାର ପ୍ରକଳ୍ପ ଥିଲେ ବି ଯଦି ଲୋକଙ୍କୁ ପିଇବା ପାଣି ମିଳୁନାହିଁ, ତେବେ ଏହି ପ୍ରକଳ୍ପ କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଜଳଯୋଗାଣ ବ୍ୟବସ୍ଥାକୁ ତୁରନ୍ତ ସ୍ୱାଭାବିକ କରିବା ସହ ପ୍ରକଳ୍ପର ତ୍ରୁଟି ଦୂର କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।



## କମିସନରେଟ ପୋଲିସର 'ନିଶାମୁକ୍ତ ଓଡ଼ିଶା' ଅଭିଯାନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

କମିସନରେଟ ପୋଲିସ ତରଫରୁ ଚୌଦ୍ୱାର ଥାନାରେ 'ନିଶାମୁକ୍ତ ଓଡ଼ିଶା ଅଭିଯାନ ଓ ଗଣ ନିଶା ବିରୋଧୀ ଶପଥ ଗ୍ରହଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଆଇସି ରଜନୀକାନ୍ତ ଦାସ ଏବଂ ଅତିରିକ୍ତ ଆଇଆଇସି ନିରଞ୍ଜନ ଭୋଇ ଉଦ୍‌ବୋଧନ ଦେଇ ନିଶା ସେବନର ଭୟାବହତା, ବ୍ୟକ୍ତି, ପରିବାର ତଥା ସମାଜ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ବିଷଦ ଆଲୋଚନା କରିବା ସହିତ ମାଦକଦ୍ରବ୍ୟ ସେବନରୁ ବିରତ ରହି ଏକ ସୁସ୍ଥ ସମାଜ ଗଠନରେ ସହଭାଗୀ ହେବାକୁ ଉପସ୍ଥିତ ଯୁବ ବର୍ଗଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୁବବର୍ଗ ଓ ଥାନାର ପୋଲିସ୍ କର୍ମଚାରୀମାନେ ଗଣ ନିଶା ବିରୋଧୀ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ଯୁବକ, ସ୍ୱେଚ୍ଛାସେବୀ ଓ ଛାତ୍ର ଅଂଶ ଗ୍ରହଣ କରିଥିଲେ।

## ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣା:ଭୀମସେନ୍ ଟୁଡୁଙ୍କ ଜାମିନ୍ ଆବେଦନ ଖାରଜ

**କଟକ, ନ୍ୟୁଜ୍ ବ୍ୟୁରୋ**

ବହୁଚର୍ଚ୍ଚିତ ମୟୂରଭଞ୍ଜର ମେଡିକାଲ୍ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣା। ଅପରାଧିକ ମାମଲାରେ ବିଚାର ବିଭାଗୀୟ ଜେଲ୍ ହାଜତ ଥିବା ପୁରଷ ବନ୍ଧୁ ଭୀମସେନ ଟୁଡୁଙ୍କ ଜାମିନ୍ ଆବେଦନ ଖାରଜ। ଜାମିନ୍ ଆବେଦନକୁ ଖାରଜ କଲେ କଟକ ସ୍ୱତନ୍ତ୍ର ଏଡିଜେ କୋର୍ଟ। ଅଭିଯୁକ୍ତ ଭୀମସେନ୍ ଟୁଡୁଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ରହିଛି। ଏଭଳି ଘଟଣାର ସାମାଜିକ ପ୍ରଭାବ ଖୁବ୍ ଅଧିକ ରହିଛି। ତେଣୁ ଏହାକୁ ଆଧାର କରି ଜାମିନ୍ ଖାରଜ କରାଯାଇଛି। ସୂଚନାଯୋଗ୍ୟ ଯେ, ଜୁନ୍ ୪ ତାରିଖରେ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ମିଳିଥିଲା। ହେଲେ ପ୍ରେମ ବ୍ୟାପାରକୁ ନେଇ ପୁରୁଷବନ୍ଧୁ ଭୀମସେନ ଜଣେ ଯୁବତୀଙ୍କ ସହ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଥିବା ଚନ୍ଦ୍ରିକାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ। ପରିବାର ଲୋକେ ଅଭିଯୋଗ କରିଥିଲେ, ଚନ୍ଦ୍ରିକାଙ୍କ ସହ ଦୀର୍ଘ ଦିନର ପ୍ରେମ ସମ୍ପର୍କ ଭିତରେ ଦ୍ୱିତୀୟ ଯୁବତୀ ଆସିବା ପରେ ଓଏଏସ୍ ତାଲିମ୍ ନେଉଥିବା ପୁରୁଷବନ୍ଧୁ ଭୀମସେନ ମାନସିକ ନିର୍ଯାତନା ଦେଇ ଚନ୍ଦ୍ରିକାଙ୍କୁ ଚାପରେ ରଖିବା ଆରମ୍ଭ କରିଥିଲେ। ତେବେ ପୋଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ପୁରୁଷ ବନ୍ଧୁ ଭୀମସେନ୍ ଟୁଡୁଙ୍କୁ ଗିରଫ କରିବା ପରେ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି।

## ବିକଶିତ ଭାରତ ରୋଜଗାର ଓ ଆଜୀବିକା ମିଶନର ସଫଳ କାର୍ଯ୍ୟକାରିତା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

**କଟକ, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ "ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ)" ଯୋଜନା ୧ ଜୁଲାଇ ଠାରୁ କାର୍ଯ୍ୟକାରୀ ହୋଇଥିବା ବେଳେ ଏହି ଯୋଜନାର ଜିଲ୍ଲାସ୍ତରୀୟ ସମ୍ମିଳନୀ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ ଯେ, ଏହି ଯୋଜନାରେ ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ବିକାଶ, ଜୀବିକାରେ ଉନ୍ନତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଭଳି ପ୍ରମୁଖ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏଥିସହ ପ୍ରତ୍ୟେକ ହିତାଧିକାରୀଙ୍କୁ ପୂର୍ବ ଅପେକ୍ଷା ଅଧିକ ଦୈନିକ ମଜୁରି ସହ ବର୍ଷକୁ ୧୨୫ ଦିନର ନିଶ୍ଚିତ କାର୍ଯ୍ୟ ସୁଯୋଗ ପ୍ରଦାନ କରାଯିବ। ପୂର୍ବରୁ ଚାଲିଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ ନୂତନ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ



ପ୍ରଶାନ୍ତ କୁମାର ନାୟକ "ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ)" ଯୋଜନାର ଉଦ୍ଦେଶ୍ୟ ଓ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ଯୋଗଦେଇ କହିଥିଲେ ଯେ ଏହି ଯୋଜନା ଗ୍ରାମୀଣ ଅଞ୍ଚଳର ବିକାଶ କରିବା ସହ ଜିଲ୍ଲାର ଉନ୍ନତିରେ ମଧ୍ୟ ସହାୟକ ହେବ। ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ବନ୍ଧୁଚରଣ ସାହୁ ଯୋଗଦେଇ ସରକାରଙ୍କର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଜବ୍‌କାର୍ଡଧାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାସନ ବନ୍ଦନା ଖଟୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାର, ବିହନ ବୁଣା ଏବଂ ଅମଳ ସମୟରେ ମୋଟ୍ ୬୦ ଦିନ ପାଇଁ କାମ ବିରତି କରିପାରିବେ, ଯାହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଉପଲବ୍ଧତା ସୁନିଶ୍ଚିତ କରାଯାଇପାରିବ। ସମସ୍ତ କାର୍ଯ୍ୟ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଟ୍ରାକିଂ ସିଷ୍ଟମ୍ ମାଧ୍ୟମରେ ଡିଜିଟାଲ୍ ମ୍ୟାପିଙ୍ଗ କରାଯିବ।

### ଜଳେଶ୍ୱର ବିଜେଡ଼ି ପକ୍ଷରୁ ମହିଳା ଓ ଯୁବ ସମ୍ମିଳନୀ

## 'ପୂର୍ବତନ ନବୀନ ସରକାରଙ୍କ କାର୍ଯ୍ୟକୁ ରାଜ୍ୟବାସୀ ଭୁଲିପାରୁନାହାନ୍ତି'

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବିଜେଡି ପକ୍ଷରୁ ଗୋବରଘଟ୍ଟା ଗ୍ରାମପଞ୍ଚାୟତ ସ୍ଥିତ ଚନ୍ଦନା ଲୀଳା କଲ୍ୟାଣମଣ୍ଡପ ସମ୍ମିଳନୀ କକ୍ଷରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଯୁବକ ତଥା ମହିଳା ମାନଙ୍କୁ ସଚେତନ କରିବା ପାଇଁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶକୁ ୪ଟି ଅଧିବେଶନରେ ବିଭକ୍ତ କରାଯାଇଥିଲା। ଏହି ସମ୍ମିଳନୀରେ ଧ୍ରୁବଜ୍ୟୋତି ଗିରି, ନିମାଇଁ ଚରଣ ଘୋଷ, ସୁବନିତା ଦତ୍ତ ଓ ସୁରଜ କୁମାର ଚୌରାଶିଆ ପ୍ରମୁଖ ବିଭିନ୍ନ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପ୍ରାକ୍ତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ସଭାପତି ଇପସିତା



ସାହୁ, ରାଜ୍ୟ ପ୍ରବକ୍ତା ଡ. ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲାପରିଷଦ ଉପସଭାପତି ଅନସୂୟା ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷ ମାନସ କୁମାର ଜେନା, ପୌରପାଳିକା ଅଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ, ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ଦିଲ୍ଲୀପ କୁମାର ସାମଲ, ଅନାଦି ଚରଣ ଦାସ, ଆନନ୍ଦ କର, କାଉନସିଲର କବିତା ଧଳ, ନଗର ବିଜେଡି ସଭାପତି ସୁରଜିତ ଘୋଷ ପ୍ରମୁଖ ଯୋଗଦେଇଥିଲେ। ଚବିଶ ବର୍ଷର ଶାସନ ନବୀନ ପଟ୍ଟନାୟକଙ୍କ କର୍ମକୁ ଓଡ଼ିଶାବାସୀ ଭୁଲିପାରୁନାହାନ୍ତି। କିନ୍ତୁ କ୍ଷମତାରୁ ଯିବା ପରେ ରାଜ୍ୟ ଋଣ ଭାରରେ ଉବୁଟୁବୁ ହେଉଛି। ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହେବାକୁ ବସିଥିବା ବେଳେ ସରକାରୀ ଅଫିସଗୁଡ଼ିକ ଦଳୀୟ ଅଫିସରେ ପରିଣତ ହୋଇଛି। ନାରୀ ସୁରକ୍ଷା ନ କହିଲେ ଭଲ ଦିନକୁ ଦିନ ରାଜ୍ୟରେ ଜଙ୍ଗଲ ସଫା ହେଉଛି ଓ ଜଙ୍ଗଲ ଜମିକୁ ଶିଳ୍ପପତିଙ୍କ ହାତକୁ ଟେକି ଦିଆଯାଉଛି। ବିଜେଡି ସରକାର ସମୟରେ ସମଗ୍ର ରାଜ୍ୟରେ ଖୋଲାଯାଇଥିବା ୧୭ଟି ବିଶ୍ୱ ବିଦ୍ୟାଳୟ, ୧୩ଟି ମେଡିକାଲ୍ କଲେଜ ତଥା ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ଏବେ ଦୟନୀୟ ଅବସ୍ଥାରେ ଚାଲିଥିବା ବେଳେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ବିଜେପି ସରକାରର ଏପରି ମନମାନି ଓ ଅବହେଳାକୁ ବିଜେଡିର ନେତାମାନେ ଦୃଢ଼ ବିରୋଧ କରିବା ସହିତ ପ୍ରତ୍ୟେକ ବ୍ଲକ ପଞ୍ଚାୟତ ମ୍ୟୁନିସିପାଲଟିରେ ଲୋକଙ୍କୁ ନବୀନ ପଟ୍ଟନାୟକଙ୍କ ଜନାଭିମୁଖୀ କାର୍ଯ୍ୟ ସମ୍ପର୍କରେ ସଚେତନ କରିବା ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଉପସ୍ଥିତ ଶିକ୍ଷାବିତ ଲେଲିନ କୁମାର ପ୍ରଧାନ ମଞ୍ଚ ଆହ୍ୱାନ କରିଥିବା ବେଳେ ମନୋରଞ୍ଜନ ଦାସ, ଗୌତମ କୁମାର ପାତ୍ର, କାଉନସିଲର ମୀର ଆବାସ ଅଲ୍ଲୀ, ଦେବଯାନୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସମୁଦ୍ର କୂଳ ଲଂଘିବା ଓ ବେଳାଭୂମି ଅବକ୍ଷୟ ଘଟଣାରେ ଆନ୍ଦୋଳନ ପାଇଁ ସଜବାଜ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ଗତ କିଛି ମାସ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି। ବିଶେଷ କରି ଗୋଖରକୁଦା ଠାରୁ ବଟେଶ୍ୱର ମନ୍ଦିର ବେଳାଭୂମି ପର୍ଯ୍ୟନ୍ତ ବେଳାଭୂମି ଅବକ୍ଷୟ ହେଉଥିବା ଦେଖିବାକୁ ମିଳିଛି। ଯାହାଫଳରେ ବେଳାଭୂମି ନଷ୍ଟ ହେବା ସହ ବଟେଶ୍ୱର ଠାରୁ ସମୁଦ୍ର କୂଳକୁ ସଂଯୋଗ ରାସ୍ତାବି ଉଚ୍ଚ ଜୁଆର ମାଡ଼ରେ ଭାଙ୍ଗି ଗଲାଣି। ଏଥିପାଇଁ ସମୁଦ୍ର ଉପକୂଳ ତଟବର୍ତ୍ତୀ ଅଞ୍ଚଳରେ ଜଣାପଡିଛି। ଆନ୍ଦୋଳନ ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି। କଣ୍ଟିଆଗଡ଼ର ଶିବରାମ ପଲାଇ, ପିତାମ୍ବର ସ୍ୱାଇଁ, ରଞ୍ଜିତ ପଲାଇ, ନାରାୟଣ ପ୍ରଧାନ, ସମୟ ସ୍ୱାଇଁ, ରଞ୍ଜନ ପ୍ରଧାନ ଓ କିଶୋର ପ୍ରଧାନ, ଖଟୁଆ କୁଦା ପୁର ଗ୍ରାମର ବୃନ୍ଦାବନ ପ୍ରଧାନ, ଶବର କୁମାର ତରାଇ, ଅଜୟ ପ୍ରଧାନ, ପ୍ରଦୀପ ସାହୁ, ପିଣ୍ଟୁ ସାହୁ, ଅଭିରାମ ଗୌଡ଼ ଏବଂ ନୀଳାଦ୍ରିପୁର ଗ୍ରାମର ଦିଲ୍ଲୀପ ଛୋଟରାଏ, ଧର୍ମରାଜ ସ୍ୱାଇଁ, ତ୍ରିଲୋଚନ ପ୍ରଧାନ, ସତୀଶ ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ଶ୍ରୀଧର ସ୍ୱାଇଁ ଓ ପିତାମ୍ବର ପ୍ରଧାନ ପ୍ରମୁଖଙ୍କୁ



ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟର ବତାବରଣ ସୃଷ୍ଟି ହୋଇଛି। ଏଥିପାଇଁ ଆନ୍ଦୋଳନ ପାଇଁ ସଜବାଜ ହେଲେଣି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳବାସୀ। ଏନେଇ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ତଥା ତିନି ଗ୍ରାମବାସୀ କଣ୍ଟିଆଗଡ଼, ନୀଳାଦ୍ରିପୁର ଓ ଖଟୁଆକୁଦା ଗ୍ରାମବାସୀ ବଟେଶ୍ୱର ପୀଠ ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିଲେ। ପ୍ରଶାସନ ପକ୍ଷରୁ ତୁରିତ ପଦକ୍ଷେପ ଗ୍ରହଣ ନକରନ୍ତି ତାହେଲେ ଆସନ୍ତା ୮ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ପ୍ରତିବାଦ ଓ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିବା ନେଇ ୧୭ ଜଣିଆ କମିଟି ଗଠନ କରାଯାଇଛି। ଏଥିସହ ପ୍ରତ୍ୟେକ ଗ୍ରାମର ଜଣେ ପୁରୁଷ ଓ ଜଣେ ମହିଳା ଆନ୍ଦୋଳନରେ ସାମିଲ୍ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ପାଳିବନ୍ଧ ପଞ୍ଚାୟତ ସମସ୍ତ ଗ୍ରାମରେ ଡାକବାଜି ଯନ୍ତ୍ର ତଥା ମାଇକ୍‌ରେ ପ୍ରଚାର କରାଯାଇ ଲୋକଙ୍କୁ ସଚେତନତା କରାଯିବ ବୋଲି ଶିବରାମ ପଲାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୋଡମ୍ ପେଟା ଗ୍ରାମର ଚାରି ଭାଗରୁ ତିନି ଭାଗ ସମୁଦ୍ର ଗର୍ଭରେ ଲୀନ ହୋଇସାରିଲାଣି ଆଉ କିଛି ମାସ ପରେ ସମ୍ପୂର୍ଣ୍ଣ ଅନ୍ୟ ଗ୍ରାମ ଗୁଡିକରେ ସମୁଦ୍ର ଲହଡି ମାରିବ ବୋଲି ସେ କହିଛନ୍ତି।

## ଜଗତସିଂହପୁରରେ ଅସୁରକ୍ଷିତ ସାମ୍ବାଦିକ:ଆକ୍ରମଣକାରୀଙ୍କ ଟେର୍ ପାଉନି ପୋଲିସ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ଜଗତସିଂହପୁର ଜିଲ୍ଲାରେ ବ୍ୟାପିଲାଣି ଅରାଜକତା। ଅସାମାଜିକ ମାଫିଆ ମାନଙ୍କର ପ୍ରଶାସନକୁ ନାହିଁ ଆଉ ଡର ଭୟ। ଦୁର୍ନୀତି ଅନ୍ୟାୟ ଓ ବେଆଇନ୍ କାରବାରରେ ଲିପ୍ତ ଥିବା ମାଫିଆ ମାନଙ୍କର କଳା କାରନାମା ଗୁଡିକୁ ନ୍ୟୁଜ୍ କରି ଲୋକଲୋଚନକୁ ଆଣୁଥିବା ସାମ୍ବାଦିକ ମାନଙ୍କୁ ଖୁଲମ୍‌ଖୁଲା କରାଯାଉଛି ଟାର୍ଗେଟ୍। ଗତ କିଛିଦିନ ଭିତରେ ଜଗତସିଂହପୁର ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ଅନେକ ସାମ୍ବାଦିକଙ୍କ ଉପରେ ହେଲାଣି ଆକ୍ରମଣ। ନ୍ୟୁଜ୍ ପ୍ରସାରଣକୁ ନେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଇଥିବା ସାମ୍ବାଦିକମାନଙ୍କ ଉପରେ ହେଉଥିବା ଏଭଳି ଘନ ଘନ ଆକ୍ରମଣ ଜଗତସିଂହପୁର ଜିଲ୍ଲାର ଆଇନ୍ ଶୃଙ୍ଖଳା ଉପରେ ଏକରକମ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେଆଇନ୍ କାରବାରରେ ଲିପ୍ତ ଥିବା ମାଫିଆମାନଙ୍କ ମୁଖା ଖୋଲୁଥିବା ସାମ୍ବାଦିକମାନେ ଏବେ ନିଜକୁ ଅସୁରକ୍ଷିତ ମଣିଲେଣି। ଏହାର ଏକ ନିଚ୍ଛକ ଉଦାହରଣ ଦେଖିବାକୁ ମିଳିଛି ତିର୍ତ୍ତୋଲ ଥାନା ଅଞ୍ଚଳରେ। ଏହି ଘଟଣା ତିର୍ତ୍ତୋଲ ପୋଲିସର ଅପାରଗତାକୁ ପଦାରେ ପକାଇଦେଇଥିବା ବେଳେ ଏନେଇ ଜିଲ୍ଲା ସାମ୍ବାଦିକ ମହଲରେ ସୃଷ୍ଟି ହୋଇଛି ତିବ୍ର ଅସନ୍ତୋଷ। ଜିଲ୍ଲାର ନିର୍ଭିକ ସାମ୍ବାଦିକ କୁହାଯାଉଥିବା ରମେଶ ମହାନ୍ତିଙ୍କ ଉପରେ ନ୍ୟୁଜ୍ ପ୍ରସାରଣକୁ ନେଇ ହୋଇଛି ମରଣାନ୍ତକ ଆକ୍ରମଣ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର ହୋଇଥିବା ରମେଶଙ୍କ ମୁଣ୍ଡରେ ଅନେକ ଷ୍ଟିଜ୍ ହେବା ସହିତ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ମୁଖ୍ୟ ବଡ ମେଡିକାଲ୍‌କୁ ମଧ୍ୟ ସ୍ଥାନାନ୍ତର କରାଯାଇଥିଲା। ଏହି ମରଣାନ୍ତକ ଆକ୍ରମଣ ଘଟଣା ଘଟିବାର ୩ ମାସ ୨୫ ଦିନ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି ତିର୍ତ୍ତୋଲ ପୋଲିସ। ପୋଲିସ ଅଭିଯୁକ୍ତ ମାନଙ୍କ ଟେର୍ ପାଉନି ନା ଅଭିଯୁକ୍ତ ମାନଙ୍କୁ ଧରିବାକୁ ତିର୍ତ୍ତୋଲ ପୋଲିସର ଆନ୍ତରିକତା ନାହିଁ? ନା ଅଭିଯୁକ୍ତମାନଙ୍କ ପାଖରେ ବିକ୍ରି ହେଇଗଲା ତିର୍ତ୍ତୋଲ ପୋଲିସ? ଏଭଳି ବିଭିନ୍ନ କଥା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବେଆଇନ୍ ବାଲି ଚୋରା ଚାଲାଣରେ ଲିପ୍ତ ଥିବା ବାଲିମାଫିଆ ଓ ମଦ ମାଫିଆ ମାନଙ୍କ କଳା କାରନାମା ଉପରେ ଦିର୍ଘଦିନ ହେଲାଣି ନ୍ୟୁଜ୍ ପ୍ରସାରଣ କରି ମାଫିଆଙ୍କ ମୁଖା ଖୋଲି ଆସୁଥିବା ଜିଲ୍ଲାର ନିର୍ଭିକ ସାମ୍ବାଦିକ ଭାବେ ଜଣାଶୁଣା ରମେଶ ମହାନ୍ତିଙ୍କ ଘର ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ। ସବୁଦିନ ପରି ନ୍ୟୁଜ୍ କାର୍ଯ୍ୟ ସାରି ଗତ ମାର୍ଚ୍ଚ ମାସ ୨ ତାରିଖ ଦିନ ରାତିରେ ସିଏ ତିର୍ତ୍ତୋଲ ନିଶାମଣୀ ସରଣୀ ବରିପଦା ରାସ୍ତା ବାଟଦେଇ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ତାଙ୍କ ପିଛା କରୁଥିବା କିଛି ଦୁର୍ବୃତ୍ତ ଏକ ନିଛାଟିଆ ସ୍ଥାନରେ ହଠାତ୍ ତାଙ୍କୁ ଅଟକାଇ ଅତର୍କିତ ଭାବେ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଜୀବନରେ ମାରିଦେବାକୁ ଚେଷ୍ଟା କରିଥିଲେ। ସେଇ ସମୟରେ ଉକ୍ତ ରାସ୍ତାରେ କିଛି ଯୁବକ ଦୋଳ ଠାକୁର ନେଇ ଆସୁଥିବାର ଦେଖି ଦୁର୍ବୃତ୍ତମାନେ ତାଙ୍କୁ ମୁମୂର୍ଷ ଅବସ୍ଥାରେ ଛାଡି ସେଠାରୁ ଚମ୍ପଟ୍ ମାରିଥିଲେ। ଗଲାବେଳେ ଦୁର୍ବୃତ୍ତମାନେ ସାମ୍ବାଦିକ ରମେଶଙ୍କ ପାଖରେ ଥିବା ୨ଟି ମୋବାଇଲ୍ ସହିତ ଅନ୍ୟାନ୍ୟ ସାମଗ୍ରି ନେଇଯାଇଥିଲେ। ଖବରପାଇ ତିର୍ତ୍ତୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ଗୁରୁତର ଆହତ ରମେଶଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିକଟସ୍ଥ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାରୁ ମୁଣ୍ଡରେ ଅନେକ ଷ୍ଟିଜ୍ କରାଯିବା ପରେ ମଧ୍ୟ ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ଯଥାଶିଘ୍ର ତାଙ୍କୁ ମୁଖ୍ୟ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମଦମାଫିଆ ଓ ବାଲିମାଫିଆଙ୍କ ପକ୍ଷରୁ ସାମ୍ବାଦିକ ରମେଶଙ୍କ ଉପରେ ଏଭଳି ଅମାନୁଷିକ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିଲା ବୋଲି ସେତେବେଳେ ଅଞ୍ଚଳସାରା ଚର୍ଚ୍ଚାର ବିଷୟ ପାଲଟିଥିଲେ ସୁଦ୍ଧା ତିର୍ତ୍ତୋଲ ପୋଲିସ କିନ୍ତୁ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତ ମାଫିଆମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏଭଳି ଜଣେ ନିର୍ଭିକ ସାମ୍ବାଦିକଙ୍କ କଣ୍ଠରୋଧ କରିବାକୁ ଏପରି ଅମାନୁଷିକ ଭାବେ ମରଣାନ୍ତକ ଆକ୍ରମଣ କରିବାଟା ଗଣତନ୍ତ୍ର ଉପରେ କୁଠାରଘାତ ସଦୃଶ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



## ନିଶା ନିବାରଣ ନେଇ ପୋଲିସର ପଦକ୍ଷେପ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ପୋଲିସ ଓ ସହରର ବରିଷ୍ଠ ନାଗରିକଙ୍କ ସହ ନିଶା ନିବାରଣ ଉପରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ କମ୍ ବୟସ ଯୁବକ ଓ ବ୍ୟକ୍ତିମାନେ ବିଭିନ୍ନ ନିଶାରେ ମସଗୁଲ୍ ଥିବାବେଳେ ତାହା ପାରିପାର୍ଶ୍ୱିକ ପରିବେଶ ଓ ସମାଜ ଉପରେ କୁପ୍ରଭାବ ପଡୁଥିବା ଓ ଘରୋଇ ହିଂସା ପରି ଘଟଣା ଘଟୁଥିବାରୁ ଏହାର ସଚେତନତା ଓ ସହଯୋଗ ନିମନ୍ତେ ପୋଲିସ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଥିଲେ। ଯୁବ ସମାଜ କିପରି ନିଶା ଠାରୁ ଦୂରେଇ ରହିବେ ଓ ସମାଜକୁ ଏକ ସୁସ୍ଥ ବାତାବରଣ ଭିତରେ ବଞ୍ଚିବେ ସେ ସମ୍ପର୍କରେ ଉପସ୍ଥିତ ପୋଲିସ ଅଧିକାରୀମାନେ କହିଥିଲେ। ବହୁ ବରିଷ୍ଠ ନାଗରିକ ନିଶା କାରବାରକୁ କିପରି ଯୁବ ସମାଜ ଗ୍ରହଣ କରିବ ସେ ସମ୍ପର୍କରେ ନିଜ ମତାମତ ରଖିଥିଲେ। ନିଜ ଅଞ୍ଚଳରେ ଯଦି କିଛି ନିଶାଡି ଓ ଅବୈଧ କାରବାର ଚାଲୁଛି ତେବେ ପୋଲିସର ମୁକ୍ତ ସହାୟତା କେନ୍ଦ୍ର ସହ ସମ୍ପର୍କ କରିବାକୁ ଅଧିକାରୀମାନେ ବରିଷ୍ଠ ନାଗରିକଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସହ ଉମରକୋଟ ପୋଲିସର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବୃଦ୍ଧାଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ମାମଲା ରୁଜୁ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣରେ ହଂସୁଆ ପୋଲ ଉପରୁ ଜଣେ ୭୯ ବର୍ଷ ବୟସ୍କା ବୃଦ୍ଧା ଶଙ୍ଖପୁର (ମଦନପୁର) ରୋଦନ ନାୟକ, ହଂସୁଆ ପୋଲ ଉପରୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ବୃଦ୍ଧାଜଣକ ନ୍ୟାୟ ପାଇବା ଆଶାରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଙ୍କ ନିକଟରେ ଆବେଦନ କରିଛନ୍ତି। ବୃଦ୍ଧାଜଣକର ୩ ପୁଅ ଓ ୩ ଝିଅ ଅଛନ୍ତି। ଏମାନେ ବୃଦ୍ଧାଙ୍କୁ ଯତ୍ନ ନନେବାରୁ ଏବଂ ଭରଣ ପୋଷଣ ଦାୟିତ୍ୱ ନନେବାରୁ ବୃଦ୍ଧାଜଣକ ନିରାଶ ହୋଇ ହଂସୁଆ ପୋଲରୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲେ। ଆଇନ୍‌ସେବା ପ୍ରାଧିକରଣରେ ଆଇନ୍‌ଜୀବୀ ପ୍ରମୋଦ କୁମାର ନାୟକଙ୍କ ଜରିଆରେ ବୃଦ୍ଧାଜଣଙ୍କ ଆବେଦନ କରି ତାଙ୍କ ପୁଅ ଓ ଝିଅଙ୍କୁ ଡକାଇ ଆଲୋଚନା କରି ସମାଧାନ କରିବା ସହିତ ତାଙ୍କର ଦାୟିତ୍ୱ ତୁଲାଇବା ପାଇଁ ନିବେଦନ କରିଛନ୍ତି। ସମଗ୍ର ଜିଲ୍ଲାରେ ବୃଦ୍ଧା ଜଣଙ୍କ ଏହି ମାମଲା ଉକ୍ତ ସମୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଚଳିତ ମଇ ମାସ ୨୨ ତାରିଖ ପୋଲରୁ ଡେଇଁବା ମାମଲାଟି ଜିଲ୍ଲାରେ ଚହଳ ପକାଇଥିଲା। ବର୍ତ୍ତମାନ ବୃଦ୍ଧା ଜଣକ ତାଙ୍କ ମଝିଆ ବୋହୂ ପାଖରେ ରହୁଥିବାବେଳେ ଅନ୍ୟ ବୋହୂ ତାଙ୍କୁ ହଇରାଣ ହରକତ କରୁଥିବା ବୃଦ୍ଧାଜଣକ ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଜଣାପଡିଛି।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ମ / ଲଗ୍ନ | ୧୧ | ଶ୍ୱ୧୦ / ୯ଟରା |
| ୨ବୃଷୁବୁ | ୨୩ / ୧୧ | ୮ |
| ୩କେ / ୪ | ୫ | ୭ / ୬ |

**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୪।୦୭।୨୦୨୬, ଆଷାଢ଼ ଦ୨୦ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୫।୧୪।୨୦ ଚନ୍ଦ୍ରୋଦୟ- ରାଘ ୯।୩୮।୧୮**
ଚତୁର୍ଥୀ ଦିଘ ୧୨।୪୧ ପର୍ଯ୍ୟନ୍ତ। **ଧନିଷ୍ଠା ନକ୍ଷତ୍ର-** ଦିଘ ୧।୪୫ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର। **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ପଞ୍ଚମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୨।୪୧ ଗତେ ବେଲ ଓ ପଣସ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଦିଘ ୧୨।୧୯ ମଧ୍ୟେ। ଦିଘ ୩।୧୧ ଗତେ ଦିଘ ୩।୪୯ ମଧ୍ୟେ। **ପର୍ବୋତ୍ସବ-** ଶରଣ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ। ମାନସିକ ଶାନ୍ତି ଲାଭ କରିବେ। ମହିଳାମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ। ଧନ ଲାଭ ଯୋଗ ରହିଛି। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ।



**ବୃଷ:** ଶରୀର ସୁସ୍ଥ ରହିବ। ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ। ପ୍ରତୀକ୍ଷିତ ଖବରଟି ଆପଣଙ୍କୁ ମିଳିପାରେ।



**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନ ରହିବେ। ବେପାର ବାଣିଜ୍ୟରେ କ୍ଷତି ସହିବାକୁ ପଡ଼ିପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବ। ମନ ଅସ୍ଥିର ରହିବ।



**କର୍କଟ:** ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟ କରିପାରନ୍ତି। ଅଟକି ରହିଥିବା କାମଟି ପୁଣିଥରେ ଆରମ୍ଭ ହୋଇପାରେ। ରୋଜଗାର ଭଲ ହେବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ। ମନ ଭଲ ରହିବ।



**ସିଂହ:** ଧନ ଲାଭ ହେବ। ଅନେକ ଯଶର ଅଧିକାରୀ ହେବେ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ।



**କନ୍ୟା:** ସତ୍ କର୍ମରେ ଲିପ୍ତ ରହିବେ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଖର୍ଚ୍ଚର ପରିମାଣ ଅଧିକ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**ତୁଳା:** ପ୍ରତ୍ୟୁଷର ଯାତ୍ରାରେ ସଫଳତା ହାସଲ କରିବେ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ। ଶରୀର ସୁସ୍ଥ ରହିବ। ଘରେ ଶାନ୍ତି ଓ ଆନନ୍ଦ ଲାଭ କରିବେ।



**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ। ଆୟର ପରିମାଣ ବଢ଼ିବ। ପରୋପକାରୀ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଓ ମନ ଭଲ ରହିବ।



**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଶରୀର ସୁସ୍ଥ ରହିବ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣର ସୁଯୋଗ ଜୁଟିପାରେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଖୁସିର ବାତାବରଣ ରହିବ।



**ମକର:** ଚଞ୍ଚଳମନା ହେବେ। ଶୁଭ କାର୍ଯ୍ୟରେ ଯୋଗଦେବେ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ। ଆୟର ପରିମାଣ ସ୍ଥିର ରହିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**କୁମ୍ଭ:** ଶରୀର ସୁସ୍ଥ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟର ପରିମାଣ ବଢ଼ିବ। ଗୃହେ ଆନନ୍ଦ ଦେଖାଦେବ। ବନ୍ଧୁ ମିଳନର ଯୋଗ ରହିଛି। ପରୋପକାରୀ ହେବେ।



**ମୀନ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ବ୍ୟବସାୟ କ୍ଷତିରେ ଚାଲିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୫।୦୭।୨୦୨୬, ଆଷାଢ଼ ଦ୨୧ନ, ରବିବାର**
**ସୂର୍ଯ୍ୟୋଦୟ- ଘ ୫।୧୫।୪୧ ଚନ୍ଦ୍ରୋଦୟ- ରାଘ ୧୦।୧୧।୨୩**
ପଞ୍ଚମୀ ଦିଘ ୧।୩୩ ପର୍ଯ୍ୟନ୍ତ। **ଶତଭିଷା ନକ୍ଷତ୍ର-** ଦିଘ ୩।୧୫ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର। **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ଦିଘ ୧।୩୩ ଗତେ ନିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୦୩ ଗତେ ଦିଘ ୯।୪୧ ମଧ୍ୟେ। ଦିଘ ୧।୩୦ ଗତେ ଦିଘ ୨।୫୬ ମଧ୍ୟେ। **ପର୍ବୋତ୍ସବ-** ଅଣସର ପଞ୍ଚମୀ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## 'ମାଇଥୋସ୍ ୫' ଉପରୁ ପ୍ରତିବନ୍ଧକ ହଟିଲା

ଦୁନିଆର ସବୁଠାରୁ ଶକ୍ତିଶାଳୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମଡେଲ୍ ଉପରେ ଆମେରିକା ସରକାର ଲଗାଇଥିବା ପ୍ରତିବନ୍ଧକ ଏବେ ହଟିଯାଇଛି । ଏହି ବ୍ୟାନ୍ ହଟିବା ପରେ ଏହାର ନିର୍ମାତା କମ୍ପାନୀ 'ଆନ୍ଥ୍ରୋପିକ୍' ଘୋଷଣା କରିଛି ଯେ, ସେମାନେ ଖୁବ୍ ଶୀଘ୍ର ନିଜର ସବୁଠାରୁ ପାୱାରଫୁଲ୍ ଇଓ ମଡେଲ୍ 'କ୍ଲଡ୍ ଫେବଲ୍ ୫' ଏବଂ 'ମାଇଥୋସ୍ ୫' ର ସେବା ସାରା ବିଶ୍ୱରେ ପୁଣିଥରେ ଆରମ୍ଭ କରିବାକୁ ଯାଉଛନ୍ତି। ଏହି AI ମଡେଲ୍ କୌଣସି ସାଧାରଣ ଟୁଲ୍ ନୁହେଁ । କମ୍ପାନୀର ଦାବି ଅନୁଯାୟୀ, ହ୍ୟାକିଂ ଏବଂ ସାଇବର ସୁରକ୍ଷା ମାମଲାରେ ଏହା ମଣିଷଠାରୁ ମଧ୍ୟ ଅଧିକ ଦ୍ରୁତ ଓ ସଠିକ୍ ଭାବେ କାମ କରିପାରେ । ଏହି କାରଣରୁ ଜାତୀୟ ସୁରକ୍ଷା ପ୍ରତି ବିପଦ ଦର୍ଶାଇ ଆମେରିକା ପୂର୍ବରୁ ଏହା ଉପରେ ରୋକ୍ ଲଗାଇଥିଲା, ଯାହାକୁ ଏବେ ଡୋନାଲ୍ଡ ଟ୍ରମ୍ପ ସରକାର ପ୍ରତ୍ୟାହାର କରିନେଇଛନ୍ତି । ଆନ୍ଥ୍ରୋପିକ୍ କମ୍ପାନୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପୋଷ୍ଟ କରି କହିଛି, 'ଆମକୁ ସୂଚନା ମିଳିଛି ଯେ ଆମେରିକାର ବାଣିଜ୍ୟ ବିଭାଗ 'କ୍ଲଡ୍ ଫେବଲ୍ ୫' ଏବଂ 'ମାଇଥୋସ୍ ୫' ର ରପ୍ତାନି ଉପରେ ଲଗାଯାଇଥିବା ପ୍ରତିବନ୍ଧକକୁ ହଟାଇ ଦେଇଛି । ଆମେ ଆସନ୍ତାକାଲିଠାରୁ ଏହାର ଆକ୍ସେସ୍ ପୁଣି ଆରମ୍ଭ କରିବୁ ।' ଗତ ଜୁନ୍ ୧୨ ତାରିଖରେ ଆମେରିକା ସରକାର ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଏଆଇ ମଡେଲ୍ଗୁଡ଼ିକୁ ଅନ୍ୟ ଦେଶରେ ଉପଲବ୍ଧ କରାଇବା ଉପରେ ରୋକ୍ ଲଗାଇଥିଲେ। ସରକାରଙ୍କ କହିବା କଥା ଥିଲା ଯେ, ଏହି ଟୁଲର ସୁରକ୍ଷା ବ୍ୟବସ୍ଥାରେ କିଛି ତ୍ରୁଟି ରହିଥିଲା, ଯାହାର ଅପବ୍ୟବହାର କରାଯାଇପାରେ । ଏହାପରେ କମ୍ପାନୀ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲା । ଏବେ ଟ୍ରମ୍ପ ସରକାରଙ୍କ ଅନୁମତି ପରେ ଆମେରିକାର କିଛି ନିର୍ଦ୍ଦିଷ୍ଟ ସାଇବର ସୁରକ୍ଷା କମ୍ପାନୀକୁ ପ୍ରଥମେ 'ମାଇଥୋସ୍ ୫' ବ୍ୟବହାର କରିବାକୁ ସୁଯୋଗ ମିଳିଛି । ଆମେରିକାର ବାଣିଜ୍ୟ ମନ୍ତ୍ରୀ ହାୱାର୍ଡ ଲୁଟନିକ୍ ଏକ ଚିଠିରେ ସ୍ପଷ୍ଟ କରିଛନ୍ତି ଯେ, ଏହି ଏଆଇ ମଡେଲ୍ ଜନିତ ବିପଦକୁ କମ୍ କରିବା ପାଇଁ ଆନ୍ଥ୍ରୋପିକ୍ କମ୍ପାନୀ ଆମେରିକା ସରକାରଙ୍କ ସହ ମିଶି ସଫଳତାର ସହ କାମ କରିଛି । ଟେଷ୍ଟିଂ ସମୟରେ ଏହି ଏଆଇ ମଡେଲ୍ ସାଇବର ସୁରକ୍ଷା କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ସଫଳତା ଦେଖାଇଛି । କମ୍ପାନୀର ଦାବି ଅନୁଯାୟୀ, ଏହି ଏଆଇ ବିନା କମାଣ୍ଡରେ କମ୍ପ୍ୟୁଟର ସିଷ୍ଟମରେ ଥିବା ସାଙ୍ଘାତିକ ସୁରକ୍ଷା ତ୍ରୁଟି ଖୋଜି ବାହାର କରିପାରୁଛି । ଏପରିକି ଗୋଟିଏ ସିଷ୍ଟମରେ ୨୭ ବର୍ଷ ଧରି ଲୁଚି ରହିଥିବା ଏକ ବଡ଼ ସୁରକ୍ଷା ତ୍ରୁଟିକୁ ଏହା ଚିହ୍ନଟ କରିଛି । ଏହି ମଡେଲର ପ୍ରିଭ୍ୟୁ ସଂସ୍କରଣ ପୂର୍ବରୁ ବିଶ୍ୱର ପ୍ରାୟ ସମସ୍ତ ବଡ଼ ଓପରେଟିଂ ସିଷ୍ଟମ ଏବଂ ୱେବ୍ ବ୍ରାଉଜରରେ ହଜାର ହଜାର ସୁରକ୍ଷା ତ୍ରୁଟି ଖୋଜି ସାରିଛି । ଏହା କେବଳ ସିଷ୍ଟମର ଦୁର୍ବଳତା ଖୋଜେ ନାହିଁ, ବରଂ ସେହି ଦୁର୍ବଳତାର ଫାଇଦା ଉଠାଇ କେମିତି ହ୍ୟାକ୍ କରାଯାଇପାରିବ, ତାର ଉପାୟ ମଧ୍ୟ ବତାଇ ଦେଇଥାଏ । ଏହି କାରଣରୁ ବିଶ୍ୱର ବିଭିନ୍ନ ଦେଶର ଅର୍ଥମନ୍ତ୍ରୀ, କେନ୍ଦ୍ରୀୟ ବ୍ୟାଙ୍କ ଅଧିକାରୀ ଏବଂ ଆର୍ଥିକ କ୍ଷେତ୍ରର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ଯଦି ଏହି ଟେକ୍ନୋଲୋଜି ଭୁଲ୍ ହାତରେ ପଡ଼େ, ତେବେ ଭବିଷ୍ୟତରେ ସାରା ବିଶ୍ୱର ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି । ଆମେରିକାର ଗୁପ୍ତଚର ସଂସ୍ଥା CIAର ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍ ଏହି ଆଡଭାନ୍ସ AI ମଡେଲର କ୍ଷମତାକୁ 'ପରମାଣୁ ଅସ୍ତ୍ର' ସହ ତୁଳନା କରିଛନ୍ତି । ୱାଶିଂଟନରେ ଆୟୋଜିତ AWS ସମିଟରେ ସେ କହିଛନ୍ତି, 'ରାଷ୍ଟ୍ରପତିଙ୍କ ଜାତୀୟ ସୁରକ୍ଷା ଏବଂ ଆର୍ଥିକ ସୁରକ୍ଷା ପରାମର୍ଶଦାତାଙ୍କ ସହ ଆମ ଆଲୋଚନାରେ ଏହି ଆଧୁନିକ AI ମଡେଲ ଗୁଡ଼ିକର ପ୍ରଭାବ ବିଷୟରେ ଆଲୋଚନା ହୋଇଛି । ଏହାର ଶକ୍ତିକୁ ଯଦି ଆମେ 'ଡିଜିଟାଲ୍ ପରମାଣୁ ଅସ୍ତ୍ର' କହିବା, ତେବେ ତାହା ଆଦୌ ଭୁଲ୍ ହେବନାହିଁ ।'



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## କାଳନେମି

### "ପୂଜା"

ଶ୍ରଦ୍ଧେୟ ଭକ୍ତବୃନ୍ଦ ପୂଜାର ତାତ୍ପର୍ଯ୍ୟ ହେଉଛି "ପୂର୍ଣ୍ଣ ଜାଗ୍ରତ" ଈଶ୍ୱରଙ୍କ ପାଖରେ ପୂର୍ଣ୍ଣ ସମର୍ପଣ । ଲୋକ ଦେଖାଣିଆ ନ ହୋଇ ଈଶ୍ୱରଙ୍କ ପାଖରେ କାୟ, ମନ, ବାକ୍ୟକୁ ଅର୍ପଣ କରିବା ହିଁ ସୋହଁ । ସବୁ ସେଇ ସେ ଅର୍ଥ ଈଶ୍ୱର "ଇ" ଏହି ଅକ୍ଷରଟି ସବୁଠାରୁ ମହତ୍ୱପୂର୍ଣ୍ଣ ଅକ୍ଷର ବ୍ରହ୍ମ । ତେଣୁ ଯାହାର ଇଙ୍ଗିତର କୋଟୀ କୋଟୀ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ସଂହାର ତାକୁ ଆମେ କଣ ଦେଇ ପୂଜା କରିପାରିବା । ସେଇଠି କେବଳ ଭାବ, ଭକ୍ତି, ପ୍ରେମର ଭୋଗକୁ, ଉତ୍ସର୍ଗୀକୃତ କରି ପାରିଲେ ଈଶ୍ୱରଙ୍କ ପୂଜାର ଶ୍ରେଷ୍ଠ ଉପହାର ଭକ୍ତର ହୋଇଥାଏ। ଏହାହିଁ ସରଳ ମାର୍ଗ । ତେଣୁ ଭଗବାନ ଶବ୍ଦଟି ହେଉଛି "ଭ" ଭବସଂସାରରୁ ଯେ ତାରଣ କରି ଭକ୍ତକୁ ଯେଉଁ ପ୍ରଭୁ ଶ୍ରେଷ୍ଠ ମାର୍ଗ ପ୍ରଦାନ କରିଥାଆନ୍ତି ସେହିଁ ଭଗବାନ।

"ଗ"ର ଅର୍ଥ ହେଉଛି ବା ଆକାଶ ପରି ଯେ ସର୍ବବ୍ୟାପକ ସେ ହିଁ ଈଶ୍ୱର ବା ଭଗବାନ ତୃତୀୟ ଅକ୍ଷରଟି ହେଲା "ବା" ବାୟୁ ବା ପବନ ରୂପରେ ସକଳ ଜୀବ ଦେହରେ ପ୍ରାଣବାୟୁ ହୋଇ ଜୀବକୁ ଜୀବ ଜଗତରୁ ଯେ ସକଳ ଆନନ୍ଦ ପ୍ରଦାନ କରିଥାଆନ୍ତି ସେ ହିଁ ଭଗବାନ ଚତୁର୍ଥ ଅକ୍ଷରଟି ହେଲା "ନ" ନ ଅକ୍ଷରଟି ହେଲା ନକରାତ୍ମକ ନର୍କରୁ ଭକ୍ତଙ୍କୁ ଉଦ୍ଧାର କରି ନର ନାରାୟଣ ରୂପରେ ଜଗତରୁ ଜୀବକୁ ଶିବ ତତ୍ତ୍ୱ ବା ସ୍ୱହଂ ମନ୍ତ୍ରରେ ଦୀକ୍ଷିତ କରି ସକଳ ପାପ ତାପରୁ ମୁକ୍ତ କରି ପରବ୍ରହ୍ମ ତତ୍ତ୍ୱକୁ ଗୁରୁ ଶିଷ୍ୟ ପରମ୍ପରାରେ ସୁଦୃଢ଼ କରି ଜଗତରେ ସମଭାବର ସମନ୍ୱୟ ସୃଷ୍ଟି କରିଥାଆନ୍ତି । ସେହିଁ ଭଗବାନ, ସେହିଁ ଈଶ୍ୱର, ସେହିଁ ଜଗତଗୁରୁ, ଏହି ଭାବନାରେ ଜୀବ ବ୍ରତୀ ହୋଇ ସକଳ ଦେହେ ନାରାୟଣଙ୍କୁ ଦର୍ଶନ କରିବାହିଁ ପୂଜା । ହରିଓଁ ।

# ବିଶ୍ୱର ସମର ଇତିହାସରେ 'ଥୁସିଡାଇଡସ' ଟ୍ରାପ୍



ଡାକ୍ତର ରାଜକିଶୋର ପଣ୍ଡା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ଚଉଦ ମଇ ୨୦୨୬। ସ୍ଥାନ, ବେଜିଂ ସ୍ଥିତ ଗ୍ରେଟ୍ ହଲ୍ ଅଫ୍ ପିପୁଲ୍। ବିଶ୍ୱର ଦୁଇ ସବୁଠାରୁ ବୃହତ ଶକ୍ତିର ଶାସନ ମୁଖ୍ୟ ସାମନା ସାମନି ହୋଇ ବସିଛନ୍ତି। ସି ଜିନ୍ ପିଙ୍ଗ୍, ଟ୍ରମ୍ପଙ୍କୁ ଏକ ପ୍ରଶ୍ନ ପଚାରିଲେ। ପ୍ରଶ୍ନଟି ପାଖାପାଖି ଅଢ଼େଇ ହଜାର ବର୍ଷ ପୁରୁଣା, କ'ଣ ଚୀନ ଓ ଆମେରିକା ଥୁସିଡାଇଡସ୍ ଟ୍ରାପ୍ ବା ଫାସରୁ ବର୍ତ୍ତିପାରିବେ? ଟ୍ରମ୍ପଙ୍କ ପାଇଁ ବୋଧହୁଏ ଉପରୋକ୍ତ ନାମଟି ନୂଆ ଥିଲା, କିନ୍ତୁ ସି ଜିନ୍ ପିଙ୍ଗ୍ ଙ୍କର ଏହି ପ୍ରଶ୍ନରେ ବିଶ୍ୱବ୍ୟାପୀ ସାମରିକ ବିଶେଷଜ୍ଞ ମାନେ ଚମକି ପଡ଼ିଲେ। ପ୍ରକୃତ ଅର୍ଥରେ ଦେଖିଲେ ଜିନ୍ ପିଙ୍ଗ ପ୍ରଶ୍ନ ପଚାରୁ ନଥିଲେ ବରଂ ସେ ଆମେରିକାକୁ ଚେତାବନୀ ଦେଉଥିଲେ, ଅଢ଼େଇ ହଜାର ବର୍ଷ ତଳର ଚେତାବନୀ। ଉକ୍ତ ବୈଠକରେ ଜିନ୍ ପିଙ୍ଗ୍ ଟ୍ରମ୍ପଙ୍କୁ କହିଲେ କି, ତାଇୱାନ୍ ପ୍ରସଙ୍ଗରେ ଆମେରିକାର କୌଣସି ବି ପଦକ୍ଷେପ ଏହାକୁ ମହଙ୍ଗା ପଡ଼ିପାରେ। ବାହାରେ ଯୁଦ୍ଧ ଚାଲିଛି। ହୋର୍ମୁଜକୁ ଖୋଲିବା ନେଇ ମଧ୍ୟ ଅନିଶ୍ଚିତତା ଜାରି ରହିଛି। ଟ୍ରମ୍ପ ବୈଠକ ଶେଷ କରି ୱାସିଂଟନ୍‌କୁ ପ୍ରତ୍ୟାବର୍ତ୍ତନ କଲେ, କିନ୍ତୁ ଜିନ୍ ପିଙ୍ଗ କହିଥିବା ଥୁସିଡାଇଡସ୍ ଟ୍ରାପ୍‌ଟି ସମଗ୍ର ବିଶ୍ୱରେ ଆଲୋଚିତ ହେବାରେ ଲାଗିଲା। ତେବେ କ'ଣ ଏହି ଥୁସିଡାଇଡସ୍ ଟ୍ରାପ୍? ଏହାର ସବିଶେଷ ଇତିହାସ ହିଁ ଆମ ସନ୍ଦର୍ଭର ବିଷୟବସ୍ତୁ। "ଥୁସିଡାଇଡସ୍ ଟ୍ରାପ୍" ତତ୍ତ୍ୱଟି ଆଧୁନିକ ସମୟରେ ଯୁକ୍ତରାଷ୍ଟ୍ର ଓ ଚାଇନା ମଧ୍ୟରେ ଥିବା କୂଟନୈତିକ ସମ୍ପର୍କରେ ବ୍ୟାପକ ଭାବେ ବ୍ୟବହୃତ ହେଉଛି ସତ କିନ୍ତୁ ଏହି ଶବ୍ଦଟିର ଉତ୍ପତ୍ତି ଜାଣିବାକୁ ହେଲେ ଆମକୁ ଯିବାକୁ ପଡ଼ିବ ପ୍ରାଚୀନ ଗ୍ରୀସ୍ ସଭ୍ୟତାକୁ। ଯେତେବେଳେ ଗୋଟିଏ ଉଦୀୟମାନ ଶକ୍ତି, ଅନ୍ୟ ଗୋଟିଏ ଶାସକ ଶକ୍ତିକୁ ବିରୋଧ(Challange) କରିଥାଏ, ସେତେବେଳେ ଶାସକ ଗୋଷ୍ଠୀ ମଧ୍ୟରେ ଚିନ୍ତା ଓ ଭୟର ଉଦ୍ରେକ ହୋଇଥାଏ ଓ ପରିଶେଷରେ ଏହା ଯୁଦ୍ଧକୁ ଡାକିଆଣିଥାଏ। ଏଠାରେ ଆମେ ଉଦୀୟମାନ ଶକ୍ତି ଭାବରେ ଚୀନ୍‌କୁ ନେଇପାରିବା ଓ ଶାସକ ଶକ୍ତି ଭାବରେ ଆମେରିକାକୁ ଦେଖିପାରିବା, ସରଳ ଭାଷାରେ ଏହା ହିଁ "ଥୁସିଡାଇଡସ୍ ଟ୍ରାପ୍"ର ଅର୍ଥ। ଏହି ଶବ୍ଦର ସୃଷ୍ଟି "ଥୁସିଡାଇଡସ୍" ନାମକ ଗ୍ରୀକ୍ ସେନାପତି ଓ ଐତିହାସିକଙ୍କ ଠାରୁ ହୋଇଅଛି। ଏହାଙ୍କର ସମୟ ଥିଲା ଖ୍ରୀଷ୍ଟପୂର୍ବ ୪୬୦ ରୁ ୪୦୦। ଏଥେନ୍ସ ଓ ସ୍ପାର୍ଟା ମଧ୍ୟରେ ଖ୍ରୀଷ୍ଟପୂର୍ବ ୪୩୧ରେ ଆରମ୍ଭ ହୋଇଥିବା "ପେଲୋପୋନେସିଆନ୍ ଯୁଦ୍ଧ"ରେ "ଥୁସିଡାଇଡସ୍" ଥିଲେ ଜଣେ ସେନାପତି। ଯୁଦ୍ଧରେ ସେ ଏଥେନ୍ସ ପକ୍ଷରୁ ଲଢ଼ି ଥିଲେ। ଯୁଦ୍ଧରେ ଭାଗ ନେବା ସହିତ, ସେ ଏହି ପ୍ରସିଦ୍ଧ ସଂଗ୍ରାମର ଏକ ବିଚକ୍ଷଣ ଓ ସବିଶେଷ ବିବରଣୀ ମଧ୍ୟ ପ୍ରସ୍ତୁତ କରିଥିଲେ। ଏହି ବିବରଣୀର ନାମ ଥିଲା "ପେଲୋପୋନେସିଆନ୍ ଯୁଦ୍ଧର ଇତିହାସ" (History of the Peloponnesian War)। ଥୁସିଡାଇଡସ୍ ନିଜ ବିବରଣୀରେ ମତ ପ୍ରକାଶ କରିଥିଲେ ଯେ, ଉଦୀୟମାନ ଶକ୍ତି ଏଥେନ୍ସର ପରାକ୍ରମ, ଶାସକ ଶକ୍ତି ସ୍ପାର୍ଟା ମଧ୍ୟରେ ଚିନ୍ତା ଓ ଭୟର ସଞ୍ଚାର କରିଥିଲା। ପରିଶେଷରେ ଦୁଇ ଶକ୍ତି ମଧ୍ୟରେ ଯୁଦ୍ଧ ହେଲା। ସତେଇଶି ବର୍ଷ ଧରି ଚାଲିଥିବା ଏହି ମହା ପ୍ରଳୟଙ୍କାରୀ ସଂଗ୍ରାମରେ କଳେବଳେ କୌଶଳେ ଏଥେନ୍ସକୁ ପରାଜିତ କଲା ସ୍ପାର୍ଟା। ସ୍ପାର୍ଟା ଜିତିଲା କିନ୍ତୁ ଏତେ ଦୁର୍ବଳ ହୋଇ ପଡ଼ିଲା ଯେ, ଆଉ କେବେ ଅଣ୍ଟା ସଳଖି ଛିଡ଼ା ହୋଇପାରିଲା ନାହିଁ।

ଏଠାରେ ଗୋଟିଏ ଉଲ୍ଲେଖନୀୟ ତଥ୍ୟ ହେଉଛି କି, ଥୁସିଡାଇଡସ୍, ନିଜର ଜୀବନକାଳ ମଧ୍ୟରେ "ଥୁସିଡାଇଡସ୍ ଟ୍ରାପ୍" ଶବ୍ଦ ପ୍ରଣୟନ କରି ନଥିଲେ। ଏହି ଶବ୍ଦଟିକୁ ପ୍ରଣୟନ କରିବାର ଶ୍ରେୟ ଯିବ ହାଭାର୍ଡର ରାଜନୀତି ବିଶେଷଜ୍ଞ "ଗ୍ରାହାମ୍ ଏଲିସନ୍"ଙ୍କୁ। "ଥୁସିଡାଇଡସ୍ ଟ୍ରାପ୍" ଶବ୍ଦଟି ଏଲିସନ୍‌ଙ୍କର ହିଁ ଦ୍ୱାରା ୨୦୧୨ ମସିହାରେ ଦିଆଯାଇଥିଲା । ପ୍ରସିଦ୍ଧ ପତ୍ରିକା "ଦି ଆଟଲାଣ୍ଟିକ୍" ରେ ୨୦୧୫ ମସିହାରେ ଏଲିସନ୍ ଲେଖିଥିଲେ କି "ଥୁସିଡାଇଡସ୍" ଯୁଦ୍ଧ ସଂଘଟିତ ହେବାର ଗୁଢ଼ କାରଣ ଉପରେ ସଦା ସର୍ବଦା ଗୁରୁତ୍ୱାରୋପ କରୁଥିଲେ।

ଆଧୁନିକ ବିଶ୍ୱ ରାଜନୀତି ଓ କୂଟନୀତିରେ "ଥୁସିଡାଇଡସ୍ ଟ୍ରାପ୍"ର ଆବିର୍ଭାବକୁ ନେଇ "ଏଲିସନ୍" ହାର୍ଭାର୍ଡ କେନେଡ଼ି ସ୍କୁଲ୍‌ର ବେଲଫର୍ ସେଣ୍ଟରଠାରେ ବ୍ୟାପକ ଗବେଷଣା କରିଛନ୍ତି। ତାଙ୍କ ଟିମ୍ ବିଗତ ପାଞ୍ଚ ଶହ ବର୍ଷ ମଧ୍ୟରେ ଘଟିତ ହୋଇଥିବା, ଷୋହଳଟି ଘଟଣାକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ଗୋଟିଏ ଉଦୀୟମାନ ଶକ୍ତି, ଶାସକଶକ୍ତିକୁ ଖୋଲା ଆହ୍ୱାନ ଦେଇଛି। ଏଥି ମଧ୍ୟରୁ ଚାରୋଟିରେ ଯୁଦ୍ଧ ହୋଇଛି। ନିଜର ଗବେଷଣାର ଫଳାଫଳକୁ ନେଇ ଏଲିସନ୍ ୨୦୧୭ ମସିହାରେ ଏକ ପୁସ୍ତକ ଲେଖିଥିଲେ, "ଥୁସିଡାଇଡସ୍ ଟ୍ରାପ୍" ଉପରେ। ପୁସ୍ତକର ନାମ "Destined for war : can America and China escape the Thucydides Trap"

ଏହି ପୁସ୍ତକରେ ଏଲିସନ୍ ଲେଖିଛନ୍ତି କି କିଛି ସ୍ଥାନୀୟ ଘଟଣା ମଧ୍ୟ ଅତୀତରେ ମହାପ୍ରଳୟଙ୍କାରୀ ଯୁଦ୍ଧ ସୃଷ୍ଟି କରିଛି। ଉଦାହରଣ ଭାବେ ସେ ଦର୍ଶାଇଛନ୍ତି ୧୯୧୪ ମସିହାରେ ଫ୍ରାଞ୍ଜ ଫର୍ଡିନାଣ୍ଡଙ୍କ ହତ୍ୟା ଯାହାକି ବାଟ କଢ଼ାଇ ନେଇଥିଲା ପ୍ରଥମ ବିଶ୍ୱଯୁଦ୍ଧକୁ, ସେହିପରି ଫ୍ରାନ୍ସର ହାବସବର୍ଗ ସାମ୍ରାଜ୍ୟକୁ ଆହ୍ୱାନ, ୩୦ ବର୍ଷୀୟ ଯୁଦ୍ଧ(Thirty years war) ଘଟାଇଥିଲା ଓ ସର୍ବଶେଷରେ ବିଂଶ ଶତାବ୍ଦୀର ଆରମ୍ଭରେ ଜାପାନର ଉତ୍ଥାନ ଆମେରିକା ବିରୁଦ୍ଧରେ ଯାହାର ଫଳାଫଳ ସ୍ୱରୂପ ଘଟିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ।

ଚାଇନା ଓ ଆମେରିକାର ଉଚ୍ଚ ସ୍ତରୀୟ କୂଟନୈତିକ ବୈଠକରେ "ଥୁସିଡାଇଡସ୍ ଟ୍ରାପ୍"ର ବାରମ୍ବାର ଚର୍ଚ୍ଚା ହୋଇ ଆସୁଛି। ସୂଚନା ଯୋଗ୍ୟ ଏହି ତତ୍ତ୍ୱଟିକୁ ଜିନ୍ ପିଙ୍ଗ୍ ୨୦୧୫ ମସିହାରେ ଓବାମାଙ୍କ ସହ, ୨୦୨୪ ରେ ବାଇଡେନ୍‌ଙ୍କ ସହ ଓ ଏବେ ନିକଟରେ ଟ୍ରମ୍ପଙ୍କ ସହ ବୈଠକରେ ଦୋହରାଇଛନ୍ତି। ୨୦୧୫ରେ ୱାସିଂଟନ୍‌ର ସିଆଟେଲ୍‌ରେ ଏକ ବୈଠକରେ ଜିନ୍ ପିଙ୍ଗ୍ କହିଥିଲେ କି "ଥୁସିଡାଇଡସ୍ ଟ୍ରାପ୍" ବୋଲି କୌଣସି ଥିଓରି ବାସ୍ତବରେ ବିଶ୍ୱ ରାଜନୀତିରେ ନାହିଁ, କିନ୍ତୁ ଏଭଳି ଗୋଟିଏ ପରିସ୍ଥିତି ସୃଷ୍ଟି ହୋଇପାରିବ, ଯଦି ବିଶ୍ୱର ବୃହତ ଶକ୍ତିମାନେ ବାରମ୍ବାର କୂଟନୈତିକ ଓ ରଣନୈତିକ ଭୁଲ୍ ମାନ କରି ବସନ୍ତି। ତେବେ ପ୍ରଶ୍ନ ଉଠେ ଥୁଡିଡାଇଡସ୍ ଟ୍ରାପ୍ କ'ଣ ସବୁବେଳେ ସଂଘର୍ଷମୟ ପରିସ୍ଥିତିକୁ ଯୁଦ୍ଧ ଆଡ଼କୁ ନେଇଥାଏ? ଏହା ସଦା ସର୍ବଦା ଭୂ-ରାଜନୀତି ବିଶେଷଜ୍ଞ ମାନଙ୍କର ଚିନ୍ତାଧାରାକୁ ଆଲୋଡ଼ିତ କରି ଆସିଛି। ବର୍ତ୍ତମାନ ଏ ବିଷୟରେ ଆମେ ସବିଶେଷ ଆଲୋଚନା କରିବା।

ଗ୍ରାହାମ ଏଲିସନ୍ ବେଲ୍‌ଫର୍ ସେଣ୍ଟର ଠାରେ କରିଥିବା ଗବେଷଣାର ଫଳାଫଳରୁ ଏପରି କିଛି ଘଟଣାର ଉଲ୍ଲେଖ କରିଛନ୍ତି, ଯେଉଁଠାରେ "ଥୁସିଡାଇଡସ୍ ଟ୍ରାପ୍"ର ଭୟ ଯୁଦ୍ଧକୁ ରୋକିବାରେ ସଫଳ ହୋଇଛି। ଏ ଘଟଣାଗୁଡ଼ିକ ମଧ୍ୟରେ ବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ଆମେରିକା ଓ ବ୍ରିଟେନ୍ ମଧ୍ୟରେ ସଂଘର୍ଷ, ଶୀତଳ ଯୁଦ୍ଧ ସମୟରେ ଆମେରିକା, ରୁଷ୍ ଓ ପନ୍ଦର ଶହ ଶତାବ୍ଦୀରେ ସ୍ପେନ୍ ଏବଂ ପର୍ତ୍ତୁଗାଲ୍ ମଧ୍ୟରେ ସଂଘର୍ଷ ଅନ୍ୟତମ। ବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ଅର୍ଥନୈତିକ ଓ ନୌବାହିନୀ ପ୍ରସଙ୍ଗକୁ ନେଇ ଆମେରିକା ଓ ବ୍ରିଟେନ୍ ମଧ୍ୟରେ ପ୍ରତିଯୋଗୀତା ଚାଲିଥିଲା ବେଳେ ଉଭୟ କିନ୍ତୁ ସିଧା ସଳଖ ଯୁଦ୍ଧରୁ ନିବୃତ୍ତ ରହିଥିଲେ।

ବରଂ ପରବର୍ତ୍ତୀ ସମୟରେ ଦୁହେଁ ମିଳିତ ଭାବରେ ଦୁଇଟି ବିଶ୍ୱଯୁଦ୍ଧରେ କେନ୍ଦ୍ରଶକ୍ତି ବିରୁଦ୍ଧରେ ଲଢ଼ିଥିଲେ। ପନ୍ଦରଶହ ଶତାବ୍ଦୀରେ ସ୍ପେନ୍ ଓ ପର୍ତ୍ତୁଗାଲ୍ ମଧ୍ୟରେ ବିଭିନ୍ନ ଦେଶକୁ ଜଳପଥ ଆବିଷ୍କାର ତଥା ନିଜ ନିଜର ଆଧିପତ୍ୟ ବିସ୍ତାରକୁ ନେଇ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ପୋପ୍ ଷଷ୍ଠ ଆଲେକଜାଣ୍ଡାରଙ୍କ ମଧ୍ୟସ୍ଥତାରେ କିନ୍ତୁ ଏ ବିବାଦର ଅବସାନ ଘଟିଲା। ଗୋଟିଏ କାଳ୍ପନିକ ରେଖା ଆଟଲାଣ୍ଟିକରେ ଟାଣି ପୋପ୍ ପ୍ରସ୍ତାବ ଦେଲେ ଯେ, ରେଖାର ପୂର୍ବକୁ ସବୁ ଅଞ୍ଚଳ ପର୍ତ୍ତୁଗାଲ୍‌ର ଓ ପଶ୍ଚିମକୁ ସବୁ ସ୍ପେନ୍‌ର ବୋଲି। ଉଭୟ ଦେଶ ଏହାକୁ ମାନିନେଲେ। ସେହିପରି ମଧ୍ୟ ଶୀତଳ ଯୁଦ୍ଧ ସମୟରେ ଆମେରିକା ଓ ରୁଷ୍ ମଧ୍ୟରେ ବଡ଼ ଧରଣର କୌଣସି ଯୁଦ୍ଧ ହେଲାନାହିଁ। ଉପରୋକ୍ତ ତିନୋଟି ଘଟଣା "ଥୁସିଡାଇଡସ୍ ଟ୍ରାପ୍"ର ଭୟ ଯୋଗୁଁ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିବର୍ତ୍ତିତ ହୋଇପାରିଲା ନାହିଁ ବୋଲି ଆମେ କହିପାରିବା।

ଏବେ ଦେଖିବା କିଛି ଯୁଦ୍ଧକୁ ଯେଉଁଥିରେ ଏହି ଟ୍ରାପ୍ ଉଭୟ ପକ୍ଷକୁ ତଳିତଳାନ୍ତ କରି ଦେଇଛି। ପ୍ରଥମେ ଦେଖିବା ବିଂଶ ଶତାବ୍ଦୀର ଆରମ୍ଭରେ ଜର୍ମାନୀର ଉତ୍ଥାନକୁ ଯାହାକି ଜର୍ମାନୀ ଓ ବ୍ରିଟେନ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀ ମନୋଭାବ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଫର୍ଡିନାଣ୍ଡଙ୍କ ହତ୍ୟା ଫଳରେ ପ୍ରଥମ ବିଶ୍ୱଯୁଦ୍ଧ ହୋଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଅପମାନଜନକ ସନ୍ଧି ଯୋଗୁଁ ଜର୍ମାନୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ କରିଥିଲା। ମୋଟ୍ ଉପରେ ଏହି ଦୁଇ ଯୁଦ୍ଧରେ କୋଟି କୋଟି ଲୋକ ମୃତ୍ୟୁ ବରଣ କରିବା ସହିତ ଉଭୟ କେନ୍ଦ୍ରଶକ୍ତି ଓ ମିତ୍ରଶକ୍ତି ତଳିତଳାନ୍ତ ହୋଇଯାଇଥିଲେ।

ସେହିପରି ଭାବରେ ଷୋହଳଶହ ଶତାବ୍ଦୀରେ ହୋଇଥିଲା ଭିଏନା ଯୁଦ୍ଧ। ଏଥିରେ ଗୋଟିଏ ପଟେ ଥିଲେ ଓଟୋମାନ୍ ସାମ୍ରାଜ୍ୟ ଓ ଅନ୍ୟପଟେ ପୋଲାଣ୍ଡ ସମ୍ରାଟ ଜନ ତୃତୀୟଙ୍କ ଅଧିନରେ ମିଳିତ ଖ୍ରୀଷ୍ଟିୟାନ୍ ସେନା। ଶେଷରେ ଖ୍ରୀଷ୍ଟିୟାନ ସେନା ବିଜୟ ଲାଭ କରିଥିଲେ କିନ୍ତୁ ଉଭୟ ପକ୍ଷର ବିପୁଳ କ୍ଷୟକ୍ଷତି ହୋଇଥିଲା।

ପରିଶେଷରେ ଏତିକି କହି ନିବନ୍ଧଟିକୁ ଶେଷ କରିବି ଯେ ଉଭୟ ଆମେରିକା ଓ ଚୀନ୍ ପାଖରେ ପରମାଣୁ ଅସ୍ତ୍ର ଅଛି। ଦୁଇପକ୍ଷ ବୁଦ୍ଧିମାନର ସହ କାମ କଲେ ଏକ ବୃହତ ବିପର୍ଯ୍ୟୟରୁ ବିଶ୍ୱ ବର୍ତ୍ତିପାରିବ। ଥୁସିଡାଇଡସ୍ ଅଢ଼େଇ ହଜାର ବର୍ଷ ତଳେ ଏଥେନ୍ସରେ ଲେଖିଥିଲେ କି, "ଭୟ ଯୋଗୁଁ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇଥାଏ।" ଆଜି ତାଙ୍କ ବାଣୀ ବେଜିଂର ଗ୍ରେଟ୍ ହଲ୍ ଅଫ୍ ଚାଇନାରେ ଶୁଣିବାକୁ ମିଳିଛି।

### ଦୁର୍ନୀତି ବିରୋଧୀ ଅଭିଯାନର ଅଧୁରା କାହାଣୀ: ଧରାପଡ଼ିବା ପରେ ବେଆଇନ ସମ୍ପତ୍ତିର କ'ଣ ହୁଏ?

# ସ୍ୱଚ୍ଛ ଶାସନ ପାଇଁ ଜନସାଧାରଣଙ୍କ ଜାଣିବାର ଅଧିକାର ଓ ଗଣମାଧ୍ୟମର ଦାୟିତ୍ୱ



ସୌଜନ୍ୟ କୁମାର ପରିଡା
ବାରୁଅ, କେନ୍ଦ୍ରାପଡ଼ା
ମୋ-୮୨୪୯୯୪୩୨୪୭

ଦୁର୍ନୀତି କୌଣସି ଦେଶ କିମ୍ବା ରାଜ୍ୟର ବିକାଶ ପଥର ସବୁଠାରୁ ବଡ଼ ବାଧା। ଏହା କେବଳ ସରକାରୀ ଅର୍ଥର ଅପବ୍ୟୟ ନୁହେଁ, ବରଂ ଲୋକଙ୍କ ବିଶ୍ୱାସ, ନୈତିକତା ଓ ପ୍ରଶାସନିକ ବ୍ୟବସ୍ଥାକୁ ମଧ୍ୟ ଦୁର୍ବଳ କରିଥାଏ। ଯେତେବେଳେ ଜଣେ ସରକାରୀ କର୍ମଚାରୀ କିମ୍ବା ଅଧିକାରୀଙ୍କ ଘରୁ କୋଟି କୋଟି ଟଙ୍କାର ନଗଦ ଅର୍ଥ, ସୁନା, ବହୁମୂଲ୍ୟ ଫ୍ଲାଟ୍, ଆଲିଶାନ ଘର, ବିଳାସପୂର୍ଣ୍ଣ ଗାଡ଼ି ଓ ବେଆଇନ ସମ୍ପତ୍ତି ଠାବ ହେଉଥିବା ଖବର ଆସେ, ସେତେବେଳେ ସାଧାରଣ ଲୋକ ଆଶ୍ଚର୍ଯ୍ୟଚକିତ ହୋଇପଡ଼ନ୍ତି। ଲୋକମାନଙ୍କ ମନରେ ଏକ ଆଶା ଜାଗ୍ରତ ହୁଏ ଯେ ଆଇନ ନିଜ କାମ କରୁଛି ଏବଂ ଦୁର୍ନୀତି ବିରୋଧରେ କଠୋର ପଦକ୍ଷେପ ନିଆଯାଉଛି।

କିନ୍ତୁ ଏହି ଖବରର କାହାଣୀ ଅଧିକାଂଶ ସମୟରେ ସେଠାରେ ହିଁ ଶେଷ ହୋଇଯାଏ। ଚଢ଼ାଉ, ଜବତି ଓ ଗିରଫ ପର୍ଯ୍ୟନ୍ତ ଖବର ବ୍ୟାପକ ଭାବେ ପ୍ରଚାର ପାଏ। ତା'ପରେ ମାମଲାର ଗତିପଥ କଣ ହେଲା? ଅଭିଯୁକ୍ତଙ୍କ ବିରୋଧରେ କେଉଁ ଆଇନଗତ ପଦକ୍ଷେପ ନିଆଗଲା? ଜବତ ହୋଇଥିବା ସମ୍ପତ୍ତିର କଣ ହେଲା? ସେଗୁଡ଼ିକ ସରକାରୀ ଅଧିକାରକୁ ଗଲା କି? ନିଲାମ ହେଲା କି? ନା ବର୍ଷ ବର୍ଷ ଧରି ମାମଲା ଚାଲିରହିଲା? ଏହି ସବୁ ପ୍ରଶ୍ନର ଉତ୍ତର ଲୋକଙ୍କ ପାଖରେ ପ୍ରାୟତଃ ରହସ୍ୟ ହୋଇ ରହିଯାଏ।

ଏହା କେବଳ ଏକ ସାଧାରଣ ପ୍ରଶ୍ନ ନୁହେଁ; ଏହା ଲୋକତନ୍ତ୍ରରେ ଜବାବଦେହିତା, ସ୍ୱଚ୍ଛତା ଓ ସୁଶାସନ ସହ ସିଧାସଳଖ ଜଡ଼ିତ। ଯେଉଁ ସମ୍ପତ୍ତି ଜବତ ହେଉଛି, ସେଗୁଡ଼ିକ ପ୍ରକୃତରେ ଜନସାଧାରଣଙ୍କ ଅଧିକାରର ସମ୍ପତ୍ତି। ସେହି ସମ୍ପତ୍ତିର ଅନ୍ତିମ ପରିଣତି ଜାଣିବା ପ୍ରତ୍ୟେକ ନାଗରିକଙ୍କ ଅଧିକାର।

ଆଜିକାଲି ଗଣମାଧ୍ୟମରେ ଚଢ଼ାଉ ସମୟର ଦୃଶ୍ୟ, ଟଙ୍କା ଗଣାଯାଉଥିବା ମେସିନ୍, ସୁନାର ଗହଣା, ଦାମୀ ଗାଡ଼ି ଓ ଆଲିଶାନ ଘରର ଚିତ୍ର ବାରମ୍ବାର ପ୍ରସାରଣ ହୁଏ। ଏହା ନିଶ୍ଚିତ ଭାବରେ ଏକ ଖବର। କିନ୍ତୁ ପ୍ରକୃତ ସାମ୍ବାଦିକତା ସେତେବେଳେ ସଫଳ ହେବ, ଯେତେବେଳେ ସେହି ମାମଲାର ଶେଷ ପର୍ଯ୍ୟନ୍ତ ଅନୁସରଣ କରାଯିବ। ଦୋଷୀ ଦଣ୍ଡିତ ହେଲେ କି? ସରକାର କେତେ ସମ୍ପତ୍ତି ଅଧିଗ୍ରହଣ କଲେ? ସେହି ସମ୍ପତ୍ତି ଜନକଲ୍ୟାଣରେ ବ୍ୟବହୃତ ହେଲା କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବା ମଧ୍ୟ ସାମ୍ବାଦିକତାର ଅବିଚ୍ଛିନ୍ନ ଅଂଶ।

ଏକ ମାମଲାର ଆରମ୍ଭ ଯେତେ ଗୁରୁତ୍ୱପୂର୍ଣ୍ଣ, ତାହାର ଶେଷ ମଧ୍ୟ ସେତେ ଗୁରୁତ୍ୱପୂର୍ଣ୍ଣ। କେବଳ ବ୍ରେକିଂ ନ୍ୟୁଜ୍ ନୁହେଁ, ବରଂ 'ଫଲୋ-ଅପ୍ ଜର୍ନାଲିଜିମ୍' ହିଁ ଗଣମାଧ୍ୟମର ପ୍ରକୃତ ଶକ୍ତି। ଦୁର୍ଭାଗ୍ୟବଶତଃ ଆମ ଦେଶରେ ଅନେକ ଦୁର୍ନୀତି ମାମଲା ଚର୍ଚ୍ଚାରୁ ଧୀରେ ଧୀରେ ହଜିଯାଏ ଏବଂ ଜନସାଧାରଣ କେବେ ଜାଣିପାରନ୍ତି ନାହିଁ ଯେ ଶେଷରେ କଣ ହେଲା। ଏହି ନୀରବତା ବହୁ ପ୍ରଶ୍ନ ସୃଷ୍ଟି କରେ। କେଉଁଠି କି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ତଦନ୍ତର ଗତି ଧୀର ହୋଇଯାଏ। ଦୀର୍ଘ ଆଇନଗତ ପ୍ରକ୍ରିୟାରେ ମାମଲାର ଗୁରୁତ୍ୱ କମିଯାଏ କି? କିଛି ସମ୍ପତ୍ତି ପୁଣି ଫେରିଯାଏ କି? ଏହି ସବୁ ପ୍ରଶ୍ନର ସଠିକ୍ ଉତ୍ତର ନଥିବାରୁ ସନ୍ଦେହ ଜନ୍ମ ନିଏ। ଆଉ ଯେଉଁଠାରେ ସ୍ୱଚ୍ଛତାର ଅଭାବ ରହେ, ସେଠାରେ ବିଶ୍ୱାସ ଦୁର୍ବଳ ହୁଏ। ସରକାରୀ ତଦନ୍ତକାରୀ ସଂସ୍ଥାମାନେ ମଧ୍ୟ ଏହି କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆଣିପାରନ୍ତି। ପ୍ରତ୍ୟେକ ବଡ଼ ଦୁର୍ନୀତି ମାମଲାର ଅଗ୍ରଗତିକୁ ନିୟମିତ ଭାବରେ ସାର୍ବଜନୀନ କରିବା, ମାମଲାର ସ୍ଥିତି, ଆଦାଲତର ରାୟ, ଜବତ ସମ୍ପତ୍ତିର ଆଇନଗତ ସ୍ଥିତି ଓ ସରକାରୀ ଅଧିଗ୍ରହଣର ସୂଚନା ପ୍ରକାଶ କରିବା ଉଚିତ।

ଦୁର୍ନୀତିରୁ ଜବତ ହୋଇଥିବା ସମ୍ପତ୍ତିକୁ ଜନକଲ୍ୟାଣମୂଳକ କାର୍ଯ୍ୟରେ ବ୍ୟବହାର କରାଗଲେ ତାହା ଆହୁରି ଅର୍ଥପୂର୍ଣ୍ଣ ହେବ। ଉଦାହରଣ ସ୍ୱରୂପ, ସେହି ଅର୍ଥରେ ବିଦ୍ୟାଳୟ, ହସ୍ପିଟାଲ, ପାନୀୟ ଜଳ ପ୍ରକଳ୍ପ କିମ୍ବା ଗରିବ ଲୋକଙ୍କ ପାଇଁ ଘର ନିର୍ମାଣ କରାଯାଇପାରେ। ଏହା ଲୋକଙ୍କ ମନରେ ଏକ ସକାରାତ୍ମକ ବାର୍ତ୍ତା ଦେବ ଯେ ବେଆଇନ ଭାବରେ ଅର୍ଜିତ ସମ୍ପତ୍ତି ଶେଷରେ ସମାଜର କଲ୍ୟାଣରେ ବ୍ୟବହୃତ ହେଉଛି।

ସରକାରଙ୍କ ପକ୍ଷରୁ ଏକ ସାର୍ବଜନୀନ ଅନଲାଇନ୍ ପୋର୍ଟାଲ ମଧ୍ୟ ପ୍ରସ୍ତୁତ କରାଯାଇପାରେ, ଯେଉଁଠାରେ ପ୍ରତ୍ୟେକ ବଡ଼ ଦୁର୍ନୀତି ମାମଲାର ସ୍ଥିତି, ଜବତ ସମ୍ପତ୍ତିର ବିବରଣୀ, ମାମଲାର ଅଗ୍ରଗତି ଓ ଅନ୍ତିମ ରାୟ ସମ୍ପର୍କରେ ସୂଚନା ସାଧାରଣ ଲୋକ ପାଇପାରିବେ। ଏହା ଦ୍ୱାରା ସ୍ୱଚ୍ଛତା ବୃଦ୍ଧି ପାଇବ ଏବଂ ଗୁଜବର ଅବସାନ ହେବ।

ଦୁର୍ନୀତି ବିରୋଧୀ ଲଢ଼େଇରେ ଆଉ ଏକ ବଡ଼ ଅସ୍ତ୍ର ହେଉଛି— ଜନସଚେତନତା। ଯଦି ଲୋକମାନେ ଜାଣିବେ ଯେ ଦୁର୍ନୀତି କରି କୋଟିପତି ହେବା ପରେ ମଧ୍ୟ ଶେଷରେ ସମ୍ପତ୍ତି ହରାଇବାକୁ ପଡ଼େ, ଚାକିରି ହରାଇବାକୁ ପଡ଼େ, ଆଇନର ସମ୍ମୁଖୀନ ହେବାକୁ ପଡ଼େ ଓ ସାମାଜିକ ସମ୍ମାନ ନଷ୍ଟ ହୁଏ, ତେବେ ଏହା ଭବିଷ୍ୟତରେ ଦୁର୍ନୀତିକୁ ଅନେକ ମାତ୍ରାରେ ରୋକିପାରିବ।

ଏହା ମଧ୍ୟ ସତ୍ୟ ଯେ, ପ୍ରତ୍ୟେକ ଅଭିଯୁକ୍ତ ଦୋଷୀ ନୁହନ୍ତି। ଆଇନ ସମସ୍ତଙ୍କୁ ନ୍ୟାୟସଙ୍ଗତ ବିଚାରର ସୁଯୋଗ ଦେଇଥାଏ। ତେଣୁ ମିଡିଆର ଦାୟିତ୍ୱ ହେଉଛି ସନ୍ତୁଳିତ ଖବର ପ୍ରସାରଣ କରିବା ଏବଂ ଅନ୍ତିମ ରାୟ ଆସିବା ପୂର୍ବରୁ କାହାକୁ ଦୋଷୀ ଭାବେ ଉପସ୍ଥାପନ ନ କରିବା। ସେହି ସହିତ ରାୟ ପରେ ତାହାର ଫଳାଫଳକୁ ମଧ୍ୟ ସମାନ ଗୁରୁତ୍ୱରେ ପ୍ରଚାର କରିବା ଉଚିତ। ଆଜି ଭାରତ ଡିଜିଟାଲ ଶାସନ ବ୍ୟବସ୍ଥା ଦିଗରେ ଆଗେଇ ଚାଲିଛି। ସୂଚନା ଅଧିକାର ଆଇନ, ଇ-ଗଭର୍ନାନ୍ସ ଓ ଡିଜିଟାଲ ପ୍ଲାଟଫର୍ମ ସ୍ୱଚ୍ଛତାକୁ ବଢ଼ାଇଛି। ତେବେ ଦୁର୍ନୀତି ମାମଲାର ଅନ୍ତିମ ସ୍ଥିତିକୁ ସାର୍ବଜନୀନ କରିବା କାହିଁକି ସମ୍ଭବ ହେବ ନାହିଁ? ଏହା ଦ୍ୱାରା ଲୋକଙ୍କ ମନରେ ସରକାର ଓ ଆଇନ ବ୍ୟବସ୍ଥା ପ୍ରତି ଆସ୍ଥା ଆହୁରି ବଢ଼ିବ।

ଶେଷରେ କୁହାଯାଇପାରେ, ଦୁର୍ନୀତି ବିରୋଧୀ ଅଭିଯାନର ସଫଳତା କେବଳ ଚଢ଼ାଉର ସଂଖ୍ୟା କିମ୍ବା ଜବତ ସମ୍ପତ୍ତିର ପରିମାଣରେ ମାପାଯାଇପାରିବ ନାହିଁ। ପ୍ରକୃତ ସଫଳତା ସେତେବେଳେ ହିଁ ଆସିବ, ଯେତେବେଳେ ପ୍ରତ୍ୟେକ ମାମଲାର ଅନ୍ତିମ ରାୟ, ଦୋଷୀଙ୍କ ଦଣ୍ଡ, ବେଆଇନ ସମ୍ପତ୍ତିର ଅନ୍ତିମ ସ୍ଥିତି ଏବଂ ତାହାର ଜନକଲ୍ୟାଣମୂଳକ ବ୍ୟବହାର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ତେଣୁ ଗଣମାଧ୍ୟମ, ତଦନ୍ତକାରୀ ସଂସ୍ଥା, ନ୍ୟାୟ ବ୍ୟବସ୍ଥା ଓ ସରକାର— ସମସ୍ତଙ୍କ ପ୍ରତି ଏହା ଏକ ବିନମ୍ର ଆହ୍ୱାନ। ଦୁର୍ନୀତି ବିରୋଧରେ କେବଳ ଅଭିଯାନ ନୁହେଁ, ବରଂ ତାହାର ସମ୍ପୂର୍ଣ୍ଣ ପରିଣତିକୁ ମଧ୍ୟ ଲୋକଙ୍କ ସମ୍ମୁଖରେ ଆଣନ୍ତୁ। କାରଣ ସ୍ୱଚ୍ଛତା ହିଁ ବିଶ୍ୱାସର ମୂଳଦୁଆର, ଆଉ ଜବାବଦେହିତା ହିଁ ସୁଶାସନର ପ୍ରକୃତ ପରିଚୟ।

# ପରିବେଶ ସୁରକ୍ଷା ପ୍ରତି ଆମର ଦାୟିତ୍ୱବୋଧ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

'ପରିବେଶ ହିଁ ଜୀବନ', ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ-ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି। ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ। ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା। ଗଛଲତାକୁ ମା' ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ଋଷିମୁନିମାନେ ଅରଣ୍ୟ ମଧ୍ୟରେ ରହି ପରିବେଶ ସହିତ ସନ୍ତୁଳନ ରକ୍ଷା କରୁଥିଲେ। କିନ୍ତୁ କାଳକ୍ରମେ ମଣିଷ ପ୍ରକୃତିକୁ ଉପଭୋଗର ସାମଗ୍ରୀ ମନେକଲା, ଯାହା ଆଜିର ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି । ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି। ପ୍ରଥମ, ବାୟୁ ପ୍ରଦୂଷଣ (Air Pollution) । କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଯାହାଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି । ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ (Water Pollution) । ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ (Soil Pollution)। କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ (Noise Pollution)। ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢ଼ୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ।

ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଦାୟିତ୍ୱବାନ ହେବାକୁ ପଡ଼ିବ। ଆମର ପ୍ରମୁଖ ଦାୟିତ୍ୱଗୁଡ଼ିକ ହେଲା - ପ୍ରଥମ ଦାୟିତ୍ୱ ହେଉଛି ପୃଥିବୀର ସବୁଜ ବନାନୀକୁ ସୁରକ୍ଷିତ ରଖିବା ଯାହା ହେଉଛି ପରିବେଶର ଫୁସଫୁସ। ଗୋଟିଏ ଗଛ କାଟିଲେ ତା' ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ। ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଗଲାବେଳେ ସଦାସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ। ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ (Rain-water Harvesting) ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ନଦୀ ଓ ପୋଖରୀକୁ ସ୍ୱଚ୍ଛ ରଖିବା ଆବଶ୍ୟକ। ଆମ ଜୀବନଶୈଳୀରେ ଜରୟଙ୍କମର (କମ ବ୍ୟବହାର), Re-use (ପୁନଃ ବ୍ୟବହାର) ଏବଂ Re-cycle (ପୁନଃ ଚକ୍ରଣ) ନୀତି ଅବଲମ୍ବନ କରିବା ଉଚିତ । ଏହାଦ୍ୱାରା ଆବର୍ଜନା କମ ସୃଷ୍ଟି ହେବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପ ଗୁଡିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ। ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ୍, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଅନ୍ନଦାତା

**ବେବୀଲତା ଶତପଥୀ**



ହେ ଈଶ୍ୱର, ତମେ କେଉଁଠି ଅଛ ?
ସହରର କଳାଘୁମର କଂକ୍ରିଟ ରାସ୍ତାରେ
କୃଷ୍ଣଚୂଡ଼ା ଗଛ ଦେଖି
ମନ ମାରି ବସିଛ
ନା, ବସି କିଛି ଭାବୁଛ-

କୃଷକ ଭାଇର ହୃଦୟର ସ୍ପନ୍ଦନରେ
ଦୁଃଖ ଯନ୍ତ୍ରଣା କୋହର
ବୁକୁ ଫଟା ଆର୍ତ୍ତ ଚିତ୍କାର
ଆଞ୍ଜୁଳାଏ ମାଟିଠୁ
ଅନେକ କିଛି ପାଇବାର ଆଶା
ମାଟି କାହିଁ ଯେ
ସେଠି ତ ଦୁଇପାଦ ଥାପିବାର ଆପ୍ରାଣ ପ୍ରଚେଷ୍ଟା-

ପୁଣି, ମାଟିର ବାସ୍ନାରେ ସେ ଆଲୋଡ଼ିତ ହୁଏ
ଉଲ୍ଲସିତ ହୁଏ ଅଖିମୁଠି ଅନୁକୂଳରେ
ସବୁଜ ପୃଥିବୀର ନକ୍ସା ଟିଏ ଆଙ୍କେ
କ୍ଷେତ ଜଗେ ପାଳ ଭୁତ

ଧାନ ବିଲ ହସି ଉଠେ
ସାମ୍ନା କରେ ବାତ୍ୟା ବତାସର ଧ୍ୱଂସ ଲୀଳା-

ମୁଣ୍ଡ ଝାଳ ତୁଣ୍ଡରେ ମାରେ
ଅୟସ ଆରାମ ତ ଢେର ଦୂରରେ
ଘରକୁ ଆଣେ, ବର୍ଷକର ଦାନା
ସାରା ଜନ ସମୁଦାୟ ପାଇଁ
ତ୍ରିତଳ ପ୍ରାସାଦର ଭୋଗୀ ଠାରୁ
ଅଖ୍ୟାତ ପଲ୍ଲୀର ରୋଗୀ ଯାଏଁ
ସମସ୍ତଙ୍କ ପାଇଁ ସେ ସ୍ନେହ ପ୍ରେମ
କରୁଣାର ସ୍ୱତସ୍ଫୁର୍ତ୍ତ ମନ୍ଦାକିନୀଟିଏ-

କିଏ କେବେ ଭାବିଛିକି ତାର ସୁଖ ଶିରୀ
ଦେଇଛିକି ସୁନା ଅବା ବିଜୟ ମୁକୁଟ
ଘରଣୀ ତାର ଦେଖିଚି କି କେବେ
ଅଫୁରନ୍ତ ଆଲୋକର ସ୍ନିଗ୍ଧ ସୂର୍ଯ୍ୟୋଦୟ
ସଂକୀର୍ଣ୍ଣତାର ଉତ୍ତୁଙ୍ଗ ପ୍ରାଚୀର ଲଂଘି
ହେ ଈଶ୍ୱର
'ଅନ୍ନଦାତା' ସୁଖିଭବ ଆଶୀର୍ବାଦ ଦେଇ
ଥରୁଟିଏ ପାଇଁ ଆସ ମର୍ତ୍ତ୍ୟକୁ ଓହ୍ଲାଇ ।

*ପଦ୍ମାଲୋକ, କେ-୪, କଳିଙ୍ଗ ବିହାର, ଭୁବନେଶ୍ୱର*
*ମୋ-୬୩୭୨୯୯୯୫୯୦*

# ଆଞ୍ଜୁଳେ ଗୀତିକା

**ଦେବାଶିଷ ଚକ୍ରବର୍ତ୍ତୀ**

**ସ୍ନାନ**
ପୁଣ୍ୟ କି ସତରେ ମିଳିବ ଦେଖିଲେ
ସ୍ନାନ ମଣ୍ଡପରେ ଦିଅଁଙ୍କ ସ୍ନାନ
ଇର୍ଷା ଦ୍ୱେଷରେ ହୃଦୟ ଆମର
ହୋଇଅଛି ଯଦି ଅପରିଚ୍ଛନ୍ନ ?

**ଝରକା**
ସତେଜ ଲାଗଇ ପରିବେଶ ସିନା
ଝରକାକୁ ଆମେ ରଖିଲେ ଖୋଲା
ଲାଭ କଣ ଯଦି ମନ ଝରକାରେ
ଅହରହ ଝୁଲି ରହିଛି ତାଲା ?

**ତର୍ପଣ**
ପୁଣ୍ୟ କି ସତରେ ମିଳିବ ଆମକୁ
ଆଞ୍ଜୁଳାରେ ଦେଇ ସୂର୍ଯ୍ୟଙ୍କ ପାଣି
ମନ ଆମ ଯଦି ବଳିନାହିଁ କେବେ
ଭୋକୀକୁ ଦେବାକୁ ମୁନ୍ଦେ ତୋରାଣି ?

**ରକ୍ଷା**
ଚେଷ୍ଟା କରିଲେ ମୁକୁଳି ପାରିବ
ବିପଦ ସୁନାମି ଆସିଲେ ମାଡି
ମୁକୁଳି ହେବ କି ଜୀବନ ସାଜିଲେ
କପଟାଚାରର ଏକ ଭଉଁରୀ ?

**ମୁକ୍ତି**
ମୁକତି କି ସତେ ମିଳିଛି କାହାକୁ
ଖାଲି ଦେବ ଦେବୀ ନାମକୁ ସ୍ମରି
ଜୀବନ ଆମର ସାଜି ଅଛି ଯେବେ
ହୀନ ସ୍ୱାର୍ଥର ଏକ ପଞ୍ଜୁରୀ ?

*ମଣ୍ଡୁଆ, କେନ୍ଦୁଝରଗଡ*
*ମୋ-୯୪୩୭୭୫୨୩୯୫*



# ବୋଲେ ହୁଁ ଟି

**କବିତା ମହାନ୍ତି**

ଦେବ ସ୍ନାନ ପୂର୍ଣ୍ଣିମା ଯାର ନାଁଟି
ବୋଲେ ହୁଁ ଟି
ଜ୍ୟେଷ୍ଠା ସ୍ନାନ ବୋଲି ବୋଲାଇ
ବୋଲେ ହୁଁ ଟି
ବର୍ଷ ସାରା ସ୍ନାନ କରଇ
ବୋଲେ ହୁଁ ଟି
ବିମ୍ବ ସ୍ନାନ ଯାହାଙ୍କୁ ବୋଲାଇ
ବୋଲେ ହୁଁ ଟି
ସାରା ବ୍ରହ୍ମାଣ୍ଡରେ ଏକଇ
ଦେବତା ବୋଲଇ
ବୋଲେ ହୁଁ ଟି
ଭକ୍ତ ପାଇଁ ଉଭା ହୁଅନ୍ତି
ବୋଲେ ହୁଁ ଟି
ପ୍ରତ୍ୟକ୍ଷ ସ୍ନାନ ଯେ କରଇ
ବୋଲେ ହୁଁ ଟି
ସ୍ନାନ ଯାତ୍ରା ନାମେ ନାମିତ
ବୋଲେ ହୁଁ ଟି
ଧାଡ଼ି ପହଣ୍ଡିରେ ସ୍ନାନ
ମଣ୍ଡପକୁ ଯାତ୍ରା କରନ୍ତି
ବୋଲେ ହୁଁ ଟି
ଭକ୍ତ ବତ୍ସଳ ଯେ ବୋଲାଇ
ବୋଲେ ହୁଁ ଟି
ବରଷକେ ଥରେ ସୁନା କୂଅ ଖୋଲେ
ବୋଲେ ହୁଁ ଟି
ଅଣ ତୁଠ ପାଣି ବୋଲାଇ
ବୋଲେ ହୁଁ ଟି
ଠାକୁରାଣୀ ନାମ ଶୀତଳା
ବୋଲେ ହୁଁ ଟି
ବାହାନ ସିଂହ ଯେ ଅଟଇ
ବୋଲେ ହୁଁ ଟି
ସୁନା କୂଅ ତାଙ୍କ ମଝିରେ
ବୋଲେ ହୁଁ ଟି
ସିଂହ କରିଥାଏ ନିଘା ଯେ
ବୋଲେ ହୁଁ ଟି
ବରଷକେ ଥରେ ଆସେ ଯେ
ସେହି ଦିନଟି
ସୁନା କୂଅରୁ ୧୦୮ ଗରା ଜଳ
ନିମନ୍ତ୍ରିତ ହୁଅଇ
ବୋଲେ ହୁଁ ଟି
ମହୋଷଧି ମିଶ୍ରଣ ହୁଏ ଯେ
ବୋଲେ ହୁଁ ଟି
ତହିଁ ପରେ ଜଳ ଅଭିମନ୍ତ୍ରିତ ହୁଅନ୍ତି
ବୋଲେ ହୁଁ ଟି
ଶୂନ୍ୟ ପହଣ୍ଡିରେ ବିଜେ ହୁଅନ୍ତି
ପ୍ରଭୁ ସୁଦର୍ଶନ ହେ
ପରେ ପରେ ହଳାୟୁଧ ବଳରାମ
ମାଆ ସୁଭଦ୍ରା
ସ୍ନାନ ମଣ୍ଡପରେ ବିଜେ ହୁଅନ୍ତି
ବୋଲେ ହୁଁ ଟି
କୋଟି କୈବଲ୍ୟର ନାଥ ଯେ
ଆମ କାଳିଆ ଚାନ୍ଦ
ହଲି ହଲି ଝୁଲି ଝୁଲି ବିଜେ ହୁଅନ୍ତି
ବୋଲେ ହୁଁ ଟି
ସର୍ବ ଶେଷରେ ମଦନମୋହନ
ବିଜେ ହୁଅନ୍ତି
ବୋଲେ ହୁଁ ଟି
ଅବକାଶ ନୀତି ହୁଅଇ
ବୋଲେ ହୁଁ ଟି
ବିଧି ଅନୁସାରେ କାଳିଆର ଭାଗ
୩୫ ଗରା ବୋଲାଇ
ବୋଲେ ହୁଁ ଟି
ବଡ ଭାଇ ଭାଗ ୩୩ ଗରା ହେ
ଭଉଣୀ ସୁଭଦ୍ରା ନିଅନ୍ତି ୨୨
ବୋଲେ ହୁଁ ଟି
ସୁଦର୍ଶନ ଭାଗେ ୧୮
ବୋଲେ ହୁଁ ଟି
ଏହି କ୍ରମେ ଦେବ ସ୍ନାନ ହୁଅଇ
ବୋଲେ ହୁଁ ଟି
ସୁବାସିତ ଜଳେ ସ୍ନାନ ସମାପନ ହୁଅଇ
ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି
ତାପରେ ଛେରା ପହଁରା ନୀତି ଯେ
ବୋଲେ ହୁଁ ଟି
ସର୍ବ ଶେଷରେ ଗଜାନନ ବେଶେ
ଉଭା ହୁଅନ୍ତି
ବୋଲେ ହୁଁ ଟି
ଦକ୍ଷିଣାଭିମୁଖି ଦର୍ଶନେ
ଭକ୍ତ ବୈକୁଣ୍ଠପୁର ଗମନ କରନ୍ତି
ବୋଲେ ହୁଁ ଟି
ସ୍ନାନ ଯାତ୍ରା ସମାପନ ହୁଅଇ
ବୋଲେ ହୁଁ ଟି
ଅଣସର ପିଣ୍ଡିକୁ ବିଜେ ହୁଅନ୍ତି
ବୋଲେ ହୁଁ ଟି
ଜଗତେ ନାହିଁରେ ଏମିତି
ସତେ କେହି ଠାକୁର
ମାନବୀୟ ଲୀଳା କରେ ଯେ
ସେହି ଜଗତର ଅଧୀଶ୍ୱର
ଅନାଥର ନାଥ କରୁଣା ସାଗର
ତୁହିରେ ସାରା ବ୍ରହ୍ମାଣ୍ଡର ରାଜରାଜେଶ୍ୱର ।

*ଶୈଳ ନିବାସ, ନିଗମାନନ୍ଦ ନଗର, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

# ଚିତ୍ର

**ଡ. ଦୀପକ କୁମାର ମିଶ୍ର**



ଗୋଟେ ନିଶ୍ଚିହ୍ନ ହେଇଯାଇଥିବା ପାହାଡ଼
ଗୋଟେ ଶୁଖିଯାଇଥିବା ନଈ
ବନାଗ୍ନିରେ ନିଜକୁ ସ୍ୱାହା କରି ଫେରିଥିବା
ଗୋଟେ ଚିତ୍ରହରା ହରିଣୀ
ଆଉ ଧୈର୍ଯ୍ୟ ହରେଇ ନଥିବା ଏକ ଧର୍ଷିତାର ଦେହ...
ଏମାନଙ୍କର ଦୃଶ୍ୟ ଓ ଦୃଶ୍ୟାନ୍ତରକୁ
ଶବ୍ଦ ରଙ୍ଗରେ ମାପିବା ଏତେ ସହଜ ନୁହେଁ ।
ତୁମ ଦେହରେ ଚିତ୍ର କଲାବେଳେ
କହିଲି ଅନ୍ଧ ହୁଅ, ସ୍ଥବିର ହୁଅ, ପ୍ରେମଶୂନ୍ୟ ହୁଅ
ଶୀତେଇ ଉଠୁଥିବା ସକାଳ
ଧୁ ଧୁ ମଧ୍ୟାହ୍ନ ଆଉ ସଞ୍ଜର ଉପସ୍ଥାପନା ପାଇଁ
ମୃତବତ୍ ପଡ଼ି ରହିବାକୁ ପଡ଼େ କାରକକୁ
ଔଦ୍ଧତ୍ୟ ଓ ଆକ୍ରମଣର ସମସ୍ତ ଲକ୍ଷଣଗୁଡ଼ିକୁ ଆବୃତ କରି
ମୋଟା ଓ ମସୃଣ ଚିତ୍ରକନାଟିର ଛିଦ୍ର ମାର୍ଫତ୍‌ରେ ।
ଯାହା ସ୍ଥିର ତାହା ହୁଏତ ଚିତ୍ର, ଯାହା ଚଳନ୍ତ
ତାହା ଦୃଶ୍ୟ ଓ ଦୃଶ୍ୟାନ୍ତରର ସ୍ପଷ୍ଟ ଚିତ୍ରପ୍ରାଣ ।
ଅବଶ୍ୟ ଏକ କଥାକୁହା ଚିତ୍ରରେ
କାହାକୁ ବାଦ ଦେବାର ଦୁଃସାହସରେ
ବେଳେବେଳେ ଚିତ୍ରକର ହୁଏ ବାଟବଣା ଛନ୍ଦିମନ୍ଦି ହୁଏ
ଶରବିଦ୍ଧ ପକ୍ଷୀର ଦୃଶ୍ୟ ଏବଂ ଉନ୍ମାଦ ବ୍ୟାଧର
ବ୍ୟାଧିଗ୍ରସ୍ତ ହସ ମଧ୍ୟରେ ଯାହାକୁ ବି ଉହ୍ୟ କଲେ
ଚିତ୍ରପ୍ରତି ଅନ୍ୟାୟ ହୁଏ ଅସଂଗତିର ତୂଳୀ ଚାଳନାରେ ।
ତୁମ ଆଖିର ଚିତ୍ରରେ ମୁଁ ଏକ ସମୁଦ୍ର ଦେଖେ ଓ ଛାତିରେ
ସେହି ଶାନ୍ତ ସମୁଦ୍ରର ଉତ୍ତାଳ ଉର୍ମିମାଳା ।

*ଭୁବନେଶ୍ୱର*

# ଚେଷ୍ଟା ଏକ କଳା

**ରାହାସ କୁମାର ବେହେରା**

ଚେଷ୍ଟା ଏକ କଳା,
ମନର ଅଲେଖା କାଗଜରେ
ଆଙ୍କେ ସେ ରଙ୍ଗିନ ପ୍ରଜାପତି,
ଯାହାର ଡେଣାରେ ଲାଗିଥାଏ ସ୍ୱପ୍ନର ରଙ୍ଗ,
ଆଉ ସେ ଉଡ଼ି ବୁଲେ
ଘର ଅଗଣାରୁ ଅସୀମ ଆକାଶ ପର୍ଯ୍ୟନ୍ତ ।

ବେଳେବେଳେ ସେ ପ୍ରଜାପତି
ଲୁଚକାଳି ଖେଳେ ମନ ସହ,
ଦେଖାଏ ଜହ୍ନ, ତାରା ଓ
ଦୀର୍ଘ ଜୀବନର ଆଲୋକିତ ପଥ ।
ତାଜା ଫୁଲର ସୁଗନ୍ଧ ଖୋଜି
ବାସ୍ନାରେ ଭରିଦିଏ
ସାରା ପୃଥିବୀର ନିଶ୍ୱାସ ।

ଚେଷ୍ଟା ଏକ ମିଠା କାହାଣୀ,
ଯେଉଁଠି ସଫଳତାର ରାଜକୁମାର
ନିଶାର ନୀରବତା ଭେଦି
ଘୋଡ଼ା ଚଢ଼ି ଆସେ,
ଶୁଣାଯାଏ ତାହାର ଆଗମନର
ଠକ୍ ଠକ୍ ପଦଧ୍ୱନି ।

ନିଦରୁ ଉଠେ ମଣିଷ,
ଦେଖେ ଏକ ନୂଆ ରାସ୍ତା,
ଦୂର ଦିଗନ୍ତରେ ଦିଶେ
ଗୋଲାପୀ ଆଲୋକର ବଳୟ,
ଯେଉଁଠି ଉଇଁ ଆସେ
ଖୁସି ଓ ପ୍ରାପ୍ତିର ନୂଆ ସୂର୍ଯ୍ୟ,
ଆଉ ଦୂରେଇଯାଏ
ଅବରୋଧ ଓ ନୈରାଶ୍ୟର
ଘନ ଅନ୍ଧକାର ।

*ବାଲ୍ୟମ୍ୟା, ଭାପୁର, ଢେଙ୍କାନାଳ*
*ମୋ-୯୪୩୮୧୧୪୩୬୮*

# ପତ୍ନୀ, ମୌନାବତୀ ମେଘଫୁଲ

**ସୁଜିତ କୁମାର ମିଶ୍ର**

ମୌନାବତୀ ମେଘଫୁଲ ପରି
ମହମହ ବାସେ ପତ୍ନୀ
କୁହ କି ନକୁହ ସେ
ଶୋକରେ ଅବା ଅଶୋକରେ
ଚିରକାଳ ତପସ୍ୱିନୀ ।

ପ୍ରେମ ରତୁର ରୋଷଣୀରେ
ତୁମକୁ ଉଠଉ ଥାଏ ସେ ନିରନ୍ତର
ତୁମେ ହେଉଥିଲେ ଛାରଖାର ।

ପତ୍ନୀ ଫୁଲ ପରି କୋମଳ ସୁନ୍ଦର
ପଥର ପରି ଧୈର୍ଯ୍ୟର ଗଡ,
ଫଗୁଣ ପରି ସୁଖର ଝର
ଆକାଶ ପରି ଉଦାର ସ୍ୱର
ନଈ ପରି ପ୍ରୀତି ମୁଖର ।

ତୁମ ପାପୁଲି ରେଖାର ସେ
ଭାଗ ଆଉ ଭାଗ୍ୟ,
ତୁମ ପାରିଲାପଣିଆର ସେ
ସହୃଦ ପ୍ରେରଣା,
ସେଇଥିପାଇଁ ତ ବାରମ୍ବାର ତୁମ ପାଇଁ ସେ
ଭିଜାଭିଜା ଚିଠିଟିଏ,
ତୁମକୁ ସମର୍ପି ଦେଇଥାଏ ତା
ଅନ୍ତର ଅନୁରାଗର ବିସ୍ତୀର୍ଣ୍ଣ ଅଗଣା ।

ତୁମ ସାମର୍ଥ୍ୟର ସାମ୍ରାଜ୍ୟରେ
ସେ ଅପୂର୍ବ ସୁନ୍ଦରୀ ପାଟରାଣୀ,
ଅଭିଯୋଗ କରେନା
ଅଭିମାନରେ ଝୁରି ଝୁରି
ଝୁଲୁଥାଏ ତୁମ ହୃଦ ଦୋଳିରେ
ସେଇ ସେତିକି ତା
ସ୍ୱପ୍ନ ଓ ଜୀବନର ଶ୍ରଦ୍ଧା ସରଣୀ ।

ସର୍କାର ପରି ହୁକୁମ ଦିଏନା
ବୀଣାର ସ୍ୱର ହୋଇ ବାଜୁଥାଏ ତୁମ ପାଇଁ
ତା ଆଦରର ଆର୍ଦ୍ରଭୂମିରେ
ତୁମେ ସମର୍ପିତ ବରଗଛର
ମିଠାମିଠା ଛାଇ,
ଜନ୍ମଟିଏ ବିତାଇ ଦିଏ
ଏଇ ଅମୂଲ୍ୟ ପୁଞ୍ଜିକୁ ଚାହିଁ ଚାହିଁ ।

ପତ୍ନୀର ମନ୍ତ୍ରରେ ପତିର ନିଦ ଭାଙ୍ଗେ
ସଂସାର ରଥକୁ ସଜାଡେ
ସଭିଙ୍କୁ ଏକଜୁଟ କରି,
ପତ୍ନୀର ମଧୁର ତାଗିଦରେ
ପତି ଦୌଡେ ସ୍ୱପ୍ନଗଛ ପଛେ ପଛେ
ବୈକୁଣ୍ଠ ତିଆରି ହୁଏ
ପତ୍ନୀର ନିଃସ୍ୱାର୍ଥ ପ୍ରଜ୍ୱଳିତ ଦୀପ ଶିଖାରେ
ଚଉରା ମୂଳର ମୂରୁଜ ବୋଲି ସେ
ଘର ମନ୍ଦିରରୁ ଝରୁଥାଏ ବର୍ଷା ପରି
ବାରମାସୀ ବୈଭବର ସୁଖଶିରୀ ।

ତା ଲାଜଲାଜ ଗହଣାର ନୀଳଭାବରେ
ଚୋରି କରେ ମନ ଆକାଶକୁ,
ତା ଆଲୋକିତ ଆଶାରେ
ତମସା ବି ଅପସରେ,
ଉଡୁଥିବା କ୍ଳାନ୍ତମୁଖା ପକ୍ଷୀ ଫେରେ ନୀଡକୁ ।

ପତ୍ନୀ କଣ ନିୟନ୍ ଆଲୋକର
ସହର ପରି ସ୍ୱାର୍ଥୀ
ନା ଗାଆଁ ପଦ୍ମ ପୋଖରୀର
ଲାସ୍ୟ ଜଳରାଶି ?

ସେ ବିପର୍ଯ୍ୟୟର ଅତୁଆ ସୂତା
ନା ବିପୁଳ ସମ୍ଭାବନାର ଚିତ୍ରଲେଖା ?
ସେ ସୁନା ହରିଣୀର ମୋହ
ନା ଆକର୍ଷଣୀୟ ଆକଟର କୋହ ?
ପତି ପାଇଁ ତ ସେ ତମାମ୍ ଜୀବନ
ପ୍ରେମିକାର ଅଶ୍ରୁ,
ବିରହିଣୀ ରାଧୀକାର ବୈଶାଖୀ ପୀଡା
ସେ ସଜଉଥିଲେ ତୁମକୁ
ତୁମେ ହୁଅ ଦୁନିଆର ରାଜା ।

ପତ୍ନୀ ଶବ୍ଦ କିଶୋରୀ ବୋଲି
ତୁମେ ଲେଖ ଶ୍ରାବଣର କବିତା,
ତୁମ ସମଗ୍ର ଧାରାର
ସେ ନୀରବତାର ଧରା,
ଅନିନ୍ଦ୍ୟ ସକାଳର ଅଭିନନ୍ଦିତା ।

ଯଜ୍ଞକୁଣ୍ଡ ପରି ସେ ନିଜକୁ ଜାଳେ
ତୁମକୁ ଖୋଜେ, ସଜାଏ ସାତ ରଙ୍ଗରେ
ତୁମେ ଇନ୍ଦ୍ରଧନୁ ହେଲେ
ସେ କୁଆଡେ ଖୁସିରେ ନାଚେ ଗାଏ
ତୁମ ଭିତରେ ।

ପତିର ଝାଳରେ ସେ ସ୍ନାନକରେ ବୋଲିତ
ସେ ଗୀତି ମୁଖରା ନିର୍ଝରିଣୀ,
ଜୀବନ ବେଦର
କମନୀୟ କାହାଣୀ,
ତୁମ ଯୁଦ୍ଧ ପାଇଁ ସେ
ଚିରକାଳ ବିଜୟର ଶଙ୍ଖଧ୍ୱନି ।

ପତ୍ନୀ ସୁଖଦୁଃଖକୁ ନାଇଲେ
ଛାତି ତଳେ
ଉଲ୍ଲସିତ ଆୟୁଷରୁ
ଶାନ୍ତିର ଗଙ୍ଗାଜଳ ନିଗିଡେ ।

ଆହାଃ, ପତ୍ନୀ
ତୁମେ ଜନ୍ମଟିଏ ନୁହେଁ
ଜୟ ପରାଜୟରୁ ଉର୍ଦ୍ଧ୍ୱରେ
ଝରୁଥିବା ବସନ୍ତର ମଳୟଟିଏ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



# ମଧୁର ଏ ଆକର୍ଷଣ

**ବେଣୁଧର ସୂତାର**

ଝୁମା ଝୁମା ଏଇ ଗୋଧୂଳି ଲଗ୍ନରେ
ଅଳସୀ ସନ୍ଧ୍ୟାର ବିଳାସୀ ଅୟସ
ମାଧୁର୍ଯ୍ୟମୟ ଏଇ ଶୁଭ ଅବସରେ
ନୈସର୍ଗିକ ସୁଷମାର ଲାବଣ୍ୟ କଲ୍ଲୋଳ
ନିଃସର୍ଗ ସୌନ୍ଦର୍ଯ୍ୟ ସାର
ଧରିତ୍ରୀର ସ୍ନିଗ୍ଧ କଳେବର
ଶ୍ୟାମଳ ପ୍ରକୃତି ଅଙ୍ଗେ
ଭିଜା ଭିଜା ସ୍ୱପ୍ନର ଶୃଙ୍ଗାର ॥

ସ୍ୱପ୍ନ ଭିଜା ଏଇ ଗୋଲାପି ବେଳାରେ
ଜାଗିଉଠେ ମନତଳେ
ଭାବନାର ଅନନ୍ୟ ସ୍ୱରୂପ
ମଧୁ ଜ୍ୟୋସ୍ନାସ୍ନାତ ପୁଲକିତ
ସତେ ଏଇ ମାଟିର ଅଗଣା
ଫୁଲ ଫୁଟା ସନ୍ଧ୍ୟାର ଝୁଲଣା
ବିହାୟସେ ବିହଙ୍ଗମ ମଧୁବର୍ଷି ବୀଣା
ମଧୁକାର୍ତ୍ତିକାର ଜ୍ୟୋତି
ମହା ଭୂଗୋଳର ସ୍ଥିତି
ଏ ଧରାର ରୂପସାର
ଅନୁପମ ମାଧୁର୍ଯ୍ୟର
ପ୍ରକୃତିର ଚାରୁ ପରଶରେ
ସତେ ଅବା ବିଭୋର ଅଧୀର ॥

ଦିବ୍ୟ ଅନୁରାଗ ଛନ୍ଦେ
ସୂକ୍ଷ୍ମ କାରୁକାର୍ଯ୍ୟ ଝରା
ଆଶା ଆଉ ଅଭିପ୍ସାର
ଲଳିତ ମାଧୁର୍ଯ୍ୟ ଭରା
ଶ୍ୟାମଳ ଏ ବନ ବିଥି
ପ୍ରଶାନ୍ତିର ଅନୁଭୂତି
ସୌମ୍ୟ ଶାନ୍ତ ଧରା କୋଳେ
ବିରାଜିତ ବିମୁଗ୍ଧା ଶର୍ବରୀ
ସପନ ଭଉଁରୀ ଖେଳେ
ଖୁସିର ଲହରୀ ତୋଳେ
ନିଖିଳ ଅନ୍ତରେ ଭରେ
ସୁଧାମୟ ଭାବର ପ୍ରଶାନ୍ତି ॥

ପ୍ରକୃତିର ଉପାଦାନ
ମାୟା ମାଦକରେ ପୂର୍ଣ୍ଣ
ଅପରୂପ ସୌନ୍ଦର୍ଯ୍ୟରେ
ଭରା ଚପଳ ତାରୁଣ୍ୟ
ସୁଧା ସଞ୍ଜୀବନୀ ଧାରେ
ଜୀବନର ତୃଷା ହରେ
ଅନନ୍ତ ସୁଖ ଦାୟିନୀ
କଳ୍ପ ଆଉ କଳ୍ପାନ୍ତରେ
ମମତାର ମଧୁ ଆକର୍ଷଣ
ଶ୍ୟାମଳ ଚାରୁ ହାସିନୀ
ରୂପ ମଧୁ ବିଳାସିନୀ
ଆଶାର ଶ୍ରାବଣ କେବେ
ସୁଧାଝରା ବିମୁଗ୍ଧ ଫଗୁଣ ॥

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ -୯୧୭୮୫୬୮୨୪୬*



# ନିଶବ୍ଦ ରଜନୀ

**ଶରତ ଦାଶ**

ଏବେ ବି ନିଥର ନିଶବ୍ଦ ରଜନୀ
ବିତେ ସ୍ମୃତି ରୋମନ୍ଥନେ
ସେଦିନ କାହାଣୀ ସଜୀବ ହୁଅଇ
ମାନସର କେଉଁ କୋଣେ ॥
ମନେପଡେ ଭାରି ଯେବେ ପ୍ରୀତିକରି
ବିତିଥିଲା ସୁସମୟ
କାହିଁ ଗଲା ହଜି ସେଇ ସୁଖରାଜି
ଭାବିଲେ ଉଠଇ କୋହ ॥
ସମୟ ସ୍ରୋତରେ ଭାସିଯାଏ କେତେ
ପ୍ରୀତିସିକ୍ତ ଅନୁଭବ
ଯେତେ ଝୁରିଲେ ବି ଅତୀତକୁ ଆଉ
ଫେରିବା ନୁହେଁ ସମ୍ଭବ ॥
ନିର୍ଜନ ବେଳାରେ ବସି ବେଳାପରେ
ଭାବନାରେ ଗଲେ ହଜି
ନୟନୁ ଲୋତକ ଝରିପଡେ ଧୀରେ
ବିଗତ ଦିନକୁ ଖୋଜି ॥
ଥରେ ଖସିଗଲେ ସମୟ ହାତରୁ
ଆଉ ଦିଏନାହିଁ ଧରା
ଥରେ ପ୍ରଣୟରେ ଖସିଗଲେ ପାଦ
ସ୍ମୃତି ରହେ ଅପାଶୋରା ॥
ଏବେବି ଝୁରୁଛି ତୋ ପ୍ରୀତି ସଖିରେ
ଏବେବି ଆକୁଳ ପ୍ରାଣ
ବାହୁର ବନ୍ଧନେ ବାନ୍ଧିବାକୁ ଇଚ୍ଛା
ହାରିଲେ ହାରିବି ରଣ ॥
ପର ବୋଲି ତତେ ଭାବିନି କେବେ ବି
କରିନି ପ୍ରେମରେ ଊଣା
ତଥାପି କାହିଁକି ହେଲୁ ତୁ ନିଷ୍ଠୁରା
କାହା ପ୍ରେମ କଲା ବଣା ॥
ମିଳନର ସୁଖ ଏବେବି ଜୀବିତ
ମାନସର ପ୍ରତି କୋଣେ
ତାର ରୋମନ୍ଥନ ଅତୀବ ଦାରୁଣ
ଭାବନା ଆଣଇ ପ୍ରାଣେ ॥



ପାଇଲେ ପାଇବୁ ଭଲରେ ସଜନୀ
ନ ପାଇଲେ ଅଭିଯୋଗ
ନାହିଁ ଲେଶମାତ୍ର ମନରେ ମୋହର
ନାହିଁ ରାଗ ବା ବୈରାଗ୍ୟ ॥
ସୁଖେ ଥିଲେ ତୁହି ସୁଖୀ ହେବି ମୁହିଁ
ଦୁଃଖରେ ପଡ଼ିବି ଭାଜି
ମନେ ରଖିଥିବୁ ଭୁଲିବୁନି କେବେ
ଏତିକି ମିନତି ଆଜି ॥

*ଭୁବନେଶ୍ୱର*



# ଶେଷ ରୁଟି





**ଘନଶ୍ୟାମ ପଲେଇ**

ସନ୍ଧ୍ୟା ରତ ରତ ହେଲେ ସହର ତଳି ଗାଁ'ଟିର ସରୁ ରାସ୍ତାରେ ଗୋଟିଏ ପୁରୁଣା ଠେଲା ଗାଡ଼ିଟିଏ ଦେଖାଯାଏ । ଗାଡ଼ିଟିକୁ ଠେଲୁଥିବା ଲୋକଟି ଆଉ କେହି ନୁହଁ ସହର ଚିରପରିଚିତ ଠେଲାବାଲା ଅନାମ । ତା' ହାତରେ ନାହିଁ କୌଣସି ଦାନପାତ୍ର, ନାହିଁ ଅନୁଦାନର ତାଲିକା । ଅଛି କେବଳ ଏକ ଖାଲି ଠେଲାଗାଡ଼ି ଓ ହୃଦୟଭରା କରୁଣା । ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଦିନମଜୁରିଆ ଭାବେ ଯିଏ ଡାକେ, ତା' ପାଖକୁ କାମ କରିବାକୁ ଯାଏ । ସେହି ମଜୁରିରେ ପରିବାର ଚଳେ । କିନ୍ତୁ ସନ୍ଧ୍ୟା ହେଲେ ସେହି ସାଧାରଣ ଖଟିଖିଆ ଲୋକଟି ପାଲଟିଯାଏ ଜଣେ ଚଳନ୍ତି ଦେବତାରେ । ଗାଁର ଲୋକମାନେ ତା'ରି ଅପେକ୍ଷାରେ ଥାନ୍ତି । କେହି ପଲିଥିନ୍‌ରେ ଖାଦ୍ୟ ଦେବାକୁ ଚେଷ୍ଟା କଲେ ସେ ଭଦ୍ର ଭାବେ ଫେରାଇ ଦେଇ କହେ- 'ପଲିଥିନ୍ ନୁହେଁ... ଏହା ପଶୁମାନଙ୍କ ପାଇଁ ବିଷ" ।

ଦିନେ ପ୍ରବଳ ବର୍ଷା ନାଦୁଥାଏ । ରାସ୍ତା ପ୍ରାୟ ଜନଶୂନ୍ୟ । ଅନେକେ ଭାବିଲେ, ଆଜି ଅନାମ ଆଉ ଆସିବନାହିଁ । କିନ୍ତୁ ଦେଖୁ ଦେଖୁ ଓଦା ଲୁଗାରେ ସେ ପହଞ୍ଚିଗଲା । ଖାଦ୍ୟ ସଂଗ୍ରହ କଲା । ତା'କୁ ନେଇ ନିର୍ଜନ ପଡ଼ିଆରେ ପହଞ୍ଚି ଖାଦ୍ୟକୁ ବାଣ୍ଟିବାରେ ଲାଗିଗଲା । ଦେଖିଲା ସବୁ ପ୍ରାଣୀ ଖାଇସାରିଲେଣି । ଠେଲାଗାଡି ବି ଖାଲି ହେବା ଉପରେ । ତଳ ଆଡକୁ ବଳିପଡିଥିଲା ଯାହା ଶେଷ ରୁଟି ଖଣ୍ଡିଏ । ସେ ସେହି ରୁଟିଟିକୁ ଉଠେଇ ଆଣିଲା ବେଳେ ପାଖ ଗଛମୂଳୁ ଖସ୍‌ଖସ୍ ଶବ୍ଦ ହେଲା । ଜଣେ ଦଶ-ବାର ବର୍ଷର ହେବ ପିଲାଟିଏ ତାଙ୍କରି ଆଡକୁ ବଡ ବିକଳ ଓ କରୁଣ ହେଇ ଚାହିଁଛି । ପିନ୍ଧିଥିଲା ଖଣ୍ଡେ ଛିଣ୍ଡା ପୋଷାକ... ଏଣେ ମୁହଁରେ ଭୋକର ଛାପ । ସେ ଚୁପ୍‌ଚାପ୍ ଶେଷ ରୁଟିଟିକୁ ଚାହିଁ ରହିଲା । ଅନାମ ତା'କୁ ପାଖକୁ ଡାକିଲେ । ପଚାରିଲା- 'ବାବୁ... ଭୋକ ଲାଗୁଛି କି ରେ ?' ପିଲାଟି ଧୀରେ ମୁଣ୍ଡ ହଲାଇଲା । ଅନାମ ଆଉ କିଛି ବି କଥା ନକହି ଶେଷ ରୁଟିଟି ତା' ହାତରେ ଦେଇଦେଲା । ପିଲାଟି ରୁଟିଟି ନେଇ ଖୁସିରେ ଦୌଡ଼ିଲା । ଅନାମ ଭାବିଲା- ସେ ନିଶ୍ଚୟ ନିଜେ ଖାଇବ ଟିକିଏ ଦୂରରେ ବସି । କିନ୍ତୁ କିଛି ଦୂରରେ ଯାଇ ପିଲାଟି ରୁଟିଟିକୁ ଦୁଇ ଭାଗ କଲା । ଅଧା ନିଜେ ଖାଇଲା, ଆଉ ଅଧା ପାଖରେ ଭୋକରେ କୁଁ କୁଁ କରୁଥିବା ଗୋଟିଏ ଛୋଟ କୁକୁର ଛୁଆଟିକୁ ଖୁଆଇଦେଲା ।

ବର୍ଷାର ବୁନ୍ଦା ମଧ୍ୟରେ ଛିଡା ହେଇବି ଅନାମର ଆଖି ଭିଜିଗଲା । ସେ ବୁଝିଗଲା- କରୁଣା କେବେ ବ୍ୟର୍ଥ ଯାଏନାହିଁ । ସେ ଜଣଙ୍କ ହୃଦୟରେ ଜଳାଇଥିବା ଦୟାର ଦୀପ ଆଜି ଆଉ ଜଣଙ୍କ ହୃଦୟରେ ଆଲୋକ ହୋଇ ଜଳୁଛି ।

ସେହି ଦିନଠାରୁ ଅନାମର ମନରେ ଗୋଟିଏ ବିଶ୍ୱାସ ଜନ୍ମ ନେଲା ଯେ- ଦୁନିଆ ବଦଳିବା ପାଇଁ କୋଟି କୋଟି ଟଙ୍କା ଦରକାର ନାହିଁ । ଦରକାର ଗୋଟିଏ ରୁଟି, ଗୋଟିଏ ସହୃଦୟତାର ହାତ ଓ ଗୋଟିଏ କରୁଣାଭରା ହୃଦୟ ।

*ଟେନସା, ସୁନ୍ଦରଗଡ*
*ମୋ- ୯୪୩୭୭୧୮୫୫୦୦*

# ଦିଅଁ ଗଢୁ ଗଢୁ ....!!

**କୈଳାସ ଚନ୍ଦ୍ର ସାହାଣୀ**

ପାଷାଣ ବି ଜୀବନ୍ୟାସ ପାଏ
କେଉଁ ଶିଳ୍ପୀର ନିହାଣ ମୁଗୁର ଆଘାତରେ
ବିଚୂର୍ଣ୍ଣ ହେଉଥାଏ କଳେବର,
ପାଷାଣ ପାତିଦିଏ ଛାତି
ସହିଯାଏ ଯେତେ ଆଘାତ,
କ୍ଷତ ଭିତରୁ ଆବିର୍ଭୂତ ହୁଅନ୍ତି ଦିଅଁ
କି ଅପୂର୍ବ କମନୀୟ ଲଳିତ କଞ୍ଜ ଚରଣ !

ଅଥଚ ଏଠି କିଏ ଦିଅଁ ଗଢୁଥାଏ
ଆପଣା ଢଙ୍ଗରେ,
ବାରଶହ ବଢେଇରେ ଦାୟ ହୋଇ
ଧରମାକୁ କୁହେ ରଙ୍ଗ ମିସ୍ତ୍ରୀ,
ଧରମା ଦାଦନ ଖଟେ
ଝାଲ ମୁଢ଼ି ବିକେ,
ତା ମାଆ ଶରଧାରେ ରାନ୍ଧିଥିବା
ବେସର ଦିଆ ଶୁଖୁଆ ରାଇ
ବାଡି ବରକୋଳିଠୁ ଆହୁରି ମଧୁର ଲାଗେ !



ଦିଅଁ ମାନଙ୍କର ପୂର୍ବ ପୁରୁଷ
ହୁଏତ ମାଙ୍କଡ ଥିଲେ,
ଯେତେ ଦିଅଁ ଗଢିଲେ ବି ମାଙ୍କଡ ପ୍ରଜାତି
ଶିଳ୍ପୀକୁ ଆନମନା କରେ,
କୁମ୍ଭୀର ପିଠିରେ ନଈ ପହଁରିବାର ମାଦକତାରେ
ଭୁଲିଯାଇଥାଏ କୂଳ,
ଅଥଳ ଗଣ୍ଡରେ ଏବେ ମାଙ୍କଡର କଳିଜା
ଲୋଡାହୁଏ ,
କୁମ୍ଭୀର ହିଂସ୍ର ଅଥଚ ବେକୁବ୍
ସେ ବୁଝିପାରେନି ଗଛ କୋରଡରେ କଳିଜା ନଥାଏ
ଥାଏ ହୃଦୟରେ !

ଏବେ ରଜଦୋଳି ଗୀତରେ
ଲେମ୍ବୁଡାର ଧୂନ୍,
ଆଗାମୀ ସକାଳ ବେଶ୍ ଆରକ୍ତ ନିଶ୍ଚୟ,
ଆଖି, ପାଟି, କାନ ବୁଜି ଦିଅ ହେ ଜନତା
ତୁମେ ଏବେ ସବୁ ଗାନ୍ଧୀ ବୁଢାର ମାଙ୍କଡ,
ଅନ୍ୟାୟ ଅନୀତି ଦୁର୍ନୀତି
ସବୁ ମାଂସାସୀ ପ୍ରାଣୀର ଏକଚାଟିଆ ଅଧିକାର
ଅବଶ୍ୟ ଏବେ ତୁମେ କହିପାର
ବାଘ ଅଙ୍ଗୁର ଖାଏ !!

*ଲକ୍ଷ୍ମୀନଗର, ବଡବିଲ, କେନ୍ଦୁଝର*
*ମୋ-୯୪୩୭୮୪୩୨୧୯*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୪ ଜୁଲାଇ, ଶନିବାର, ୨୦୨୬


# ରୋନାଲ୍‌ଡୋଙ୍କ ରେକର୍ଡ : କ୍ରୋଏସିଆକୁ ହରାଇ ପ୍ରିକ୍ୱାର୍ଟରରେ ପର୍ତ୍ତୁଗାଲ ମାଡ୍ରିକ୍‌ଙ୍କ ଦୁଃଖଦ ବିଦାୟ

**ଟରୋଣ୍ଟୋ**



ନାଟକୀୟ ଭାବେ ଇନ୍‌ଜୁରୀ ସମୟରେ ବଦଳ ଖେଳାଳି ଗୋନ୍‌କାଲୋ ରାମୋସଙ୍କ ହେଡର ବଳରେ ଶୁକ୍ରବାର ପର୍ତ୍ତୁଗାଲ୍ ୨-୧ ଗୋଲ୍‌ରେ କ୍ରୋଏସିଆକୁ ପରାସ୍ତ କରିଛି। ଏହି ବିଜୟ ସହ ପର୍ତ୍ତୁଗାଲ ପ୍ରିକ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଯାଇଛି। ସୋମବାର କ୍ୱାର୍ଟରଫାଇନାଲ୍ ସ୍ଥାନ ପାଇଁ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ଦଳ ପଡ଼ୋଶୀ ସ୍ପେନ୍‌କୁ ଭେଟିବ।

ଶୁକ୍ରବାର ଟରୋଣ୍ଟୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟର ଶେଷ ହୋଇଥିଲା। ହେଲେ ୫୩ତମ ମିନିଟ୍‌ରେ ଜୋସିପ୍ ଷ୍ଟାନିସିକ୍‌ଙ୍କ ଏକ ସୁନ୍ଦର ପାସ୍‌କୁ ଭେଟେରାନ ୱିଙ୍ଗର ଇଭାନ ପେରିସିକ୍ ଗୋଲ୍‌ରେ ପରିଣତ କରି କ୍ରୋଏସିଆକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ୬୮ତମ ମିନିଟ୍‌ରେ ପର୍ତ୍ତୁଗାଲ୍‌କୁ ମିଳିଥିବା ପେନାଲ୍‌ଟିକୁ ରୋନାଲ୍‌ଡୋ ଗୋଲ୍‌ରେ ପରିଣତ କରି ସ୍ଥିତି ୧-୧ କରି ଦେଇଥିଲେ। ଏହି ଗୋଲ୍ ସହ ୪୧ ବର୍ଷୀୟ ରୋନାଲ୍‌ଡୋ ଫିଫା ବିଶ୍ୱକପ୍ ଇତିହାସରେ ନକ୍‌ଆଉଟ୍‌ରେ ଗୋଲ୍ ଦେବାରେ ସବୁଠୁ ବୟସ୍କ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ସେ ୪୧ ବର୍ଷ ୧୪୭ ଦିନ ବୟସରେ ଏହି ଗୋଲ୍ କରିଥିଲେ। ତାଙ୍କ ପୂର୍ବରୁ ଏହି ରେକର୍ଡ ବୋସନିଆ ଓ ହର୍ଜେଗୋଭିନା ଅଧିକ ଏଡିନ୍ ଜେକୋ (୪୦ ବର୍ଷ ୧୦୬ ଦିନ ବନାମ ଆମେରିକା)ଙ୍କ ନାମରେ ଥିଲା। ଏହା ମଧ୍ୟ ରୋନାଲ୍‌ଡୋଙ୍କ ବିଶ୍ୱକପ୍ ନକ୍‌ଆଉଟ୍‌ରେ ପ୍ରଥମ ଗୋଲ୍ ହୋଇଥିଲା। ତେବେ ୮୨ତମ ମିନିଟ୍‌ରେ ରୋନାଲ୍‌ଡୋଙ୍କୁ ବାହାରକୁ ଆଣି ବଦଳ ଖେଳାଳି ଭର୍ତ୍ତି କରି ପର୍ତ୍ତୁଗାଲ ପ୍ରବନ୍ଧକ ରୋବର୍ଟୋ ମାର୍ଟିନେଜ୍ ନୂଆ ଚାଲ୍ ଖେଳିଥିଲେ। ଏହାର ଫାଇଦା ଦଳକୁ ୯୪ତମ ମିନିଟ୍‌ରେ ମିଳିଥିଲା। ରାଫେଲ ଲିଓଙ୍କ ସୁନ୍ଦର କ୍ରସ୍ ବକ୍ସକୁ ଆସୁଥିଲା ବେଳେ ରାମୋସ୍ ହେଡରରେ କ୍ରୋଏସିଆ ଗୋଲି ଡୋମିନିକ୍ ଲିଭାକୋଭିକ୍‌ଙ୍କୁ ପରାସ୍ତ କରି ଗୋଲ୍ ଦେଇଥିଲେ। ଇନ୍‌ଜୁରି ସମୟରେ ୨-୧ରେ ପଛୁଆ ଥିବା କ୍ରୋଏସିଆ ମ୍ୟାଚ୍‌ର ଶେଷ ହ୍ୱିସିଲ୍ ବାଜିବା ପୂର୍ବରୁ ପର୍ତ୍ତୁଗାଲ୍ ଗୋଲ୍ ପୋଷ୍ଟ୍‌କୁ ବଲ୍ ପଠାଇ ମ୍ୟାଚ୍‌କୁ ଅତିରିକ୍ତ ସମୟକୁ ନେବାକୁ ଯାଉଥିଲା। ହେଲେ ମାରିଓ ପାସିଲିକ୍ ମାରିଥିବା ଏହି ସଟ୍‌ଟି ଭାରରେ ଅଫ୍‌ସାଇଡ୍ ଥିବା ଜଣାପଡ଼ିବାରୁ ଗୋଲ୍‌ଟିକୁ ଅମ୍ପାୟାର ନାକଚ କରି ଦେଇଥିଲେ। ଏହାକୁ ନେଇ କ୍ରୋଏସିଆ ପ୍ରଶଂସକ କ୍ଷୁବ୍ଧ ହେବା ସହ ପଡ଼ିଆ ଭିତରକୁ ବୋତଲ ଫିଙ୍ଗିଥିଲେ।

# ବଦଳିଲା ଭାରତ-ଇଂଲଣ୍ଡ ଟି-୨୦ ମ୍ୟାଚ୍‌ର ସମୟ

**ନୂଆଦିଲ୍ଲୀ**

ଭାରତ ବନାମ ଇଂଲଣ୍ଡ ମଧ୍ୟରେ ଟି-ଟ୍ୱେଣ୍ଟି ସିରିଜ ଜାରି ରହିଛି। ଜୁନ୍ ୧ ତାରିଖରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯାଇ ଥିଲା। ବର୍ଷା ଯୋଗୁଁ ମ୍ୟାଚ୍ ଧୋଇଯାଇଥିଲା। ଶନିବାର ଦ୍ୱିତୀୟ ଟି-୨୦ ଖେଳାଯିବ। ମ୍ୟାଚ୍‌ର ସମୟ ବଦଳିଛି। ରାତି ୧୦ଟାରେ ନୁହେଁ, ସନ୍ଧ୍ୟା ୭ଟାରେ ଆରମ୍ଭ ହେବ ମୁକାବିଲା। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯିବ ମ୍ୟାଚ୍। ଭାରତୀୟ ସମୟ ସକାଳ ୧୦ଟାରେ ଆରମ୍ଭ ହୋଇଥିବା ପ୍ରଥମ ଟି-ଟ୍ୱେଣ୍ଟି ବର୍ଷା ଯୋଗୁଁ ଧୋଇ ଯାଇଥିଲା। ଭାରତୀୟ ପ୍ରଶଂସକ ଏହି ମ୍ୟାଚ୍ ଉପଭୋଗ କରିପାରିନଥିଲ। କ୍ରିକେଟ୍ ପ୍ରେମୀଙ୍କୁ ଆଉ ରାତି ୧୦ଟା ଯାଏ ଅପେକ୍ଷା କରିବାକୁ ପଡିବ ନାହିଁ। ଏବେ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ସମୟ ବଦଳିଛି। ମ୍ୟାଚ୍ ରାତି ୭ଟାରେ ଖେଳାଯିବ। ଟସ୍ ପାଇଁ ଦୁଇ




ଦଳର ଅଧିନାୟକ ଅଧଘଣ୍ଟା ପୂର୍ବରୁ ମୈଦାନକୁ ଓହ୍ଲାଇବେ।

ଆୟର ଅଧିନାୟକ ହେବା ପରେ ପ୍ରଥମ ବିଜୟ ଖୋଜୁଛନ୍ତି- ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ, ଭାରତୀୟ ଦଳ ଏବେ ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ପାଇଁ ପ୍ରସ୍ତୁତି କରୁଛି। ନୂଆ ଟି-୨୦ ଅଧିନାୟକ ଶ୍ରେୟସ ଆୟର ଏପର୍ଯ୍ୟନ୍ତ ତିନୋଟି ମ୍ୟାଚ୍ ଅଧିନାୟକତ୍ୱ କରିଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ବି ଜିତି ନାହାନ୍ତି। ପ୍ରଥମେ, ସେମାନେ ଆୟର୍ଲାଣ୍ଡ ବିପକ୍ଷରେ ଲଗାତାର ଦୁଇଟି ପରାଜୟ ସହ ସିରିଜ ହାରିଥିଲେ। ଆୟର୍ଲାଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜକୁ ୨-୦ରେ ପରାସ୍ତ ହୋଇଥିଲା ଟିମ୍ ଇଣ୍ଡିଆ।

ବର୍ଷା ଧୋଇନେଲା ପ୍ରଥମ ଟି-ଟ୍ୱେଣ୍ଟି- ଘରୋଇ ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟି-ଟ୍ୱେଣ୍ଟି ମୁକାବିଲା ବର୍ଷା ଯୋଗୁଁ ଅଧାରୁ ବାତିଲ ହୋଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ୍ ବିନିମୟରେ ୧୮୯ ରନ ସଂଗ୍ରହ କରିଥିଲା। ଏହାପରେ ବର୍ଷା ହେବାରୁ ଖେଳ ଜାରି ରଖିବା ସମ୍ଭବ ହୋଇ ନଥିଲା। ୧ ଘଣ୍ଟା ପର୍ଯ୍ୟନ୍ତ ବର୍ଷା ନଛାଡ଼ିବାରୁ ମ୍ୟାଚକୁ ବାତିଲ କରିଥିଲେ ଦୁଇ ଅମ୍ପାୟାର। ଏହି ମ୍ୟାଚରେ ସଞ୍ଜୁ ସାମସନ ବିଫଳ ହୋଇଥିଲେ। ୭ ବଲରେ ମାତ୍ର ୧ ରନ୍ କରିଥିଲେ। ଅଭିଷେକ ଶର୍ମା ୨୪ ବଲରେ ୫୯ ରନ୍ କରିଥିଲେ। ଇଶାନ କିଷନ ଖାତା ଖୋଲି ପାରିନଥିଲେ। ଅଧିନାୟକ ଶ୍ରେୟସ ଆୟର ୪୭ ବଲରେ ୬୮ ରନର ଇନିଂସ ଖେଳିଥିଲେ। ତିଲକ ବର୍ମା ୧୩ ଓ ଶିବମ ଦୁବେ ୪୨ ରନ୍ କରିଥଲେ। ଆଇପିଏଲ୍‌ରେ ବିସ୍ଫୋରଣ ପରେ ଟିମ୍ ଇଣ୍ଡିଆରେ ସ୍ଥାନ ପାଇଥିବା ବ୍ୟାଟିଂ ବସ୍ମୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଡେବ୍ୟୁ କରିବାକୁ ସୁଯୋଗ ମିଳିନାହିଁ।

# ୮୮ ବର୍ଷର ମରୁଡ଼ି ଅନ୍ତ : ପ୍ରଥମ ଥର ନକଆଉଟ୍ ମ୍ୟାଚ୍ ଜିତିଲା ସ୍ୱିଜରଲାଣ୍ଡ



**ଭାନ୍‌କୋଭର**

ଆଲଜେରିଆକୁ ୨-୦ ଗୋଲରେ ହରାଇ ସ୍ୱିଜରଲାଣ୍ଡ ଫିଫା ବିଶ୍ୱକପ୍ ୨୦୨୬ ର ପ୍ରି-କ୍ୱାର୍ଟର ଫାଇନାଲ୍ (ରାଉଣ୍ଡ ଅଫ୍ ୧୬)ରେ ନିଜ ସ୍ଥାନ ପକ୍କା କରିନେଇଛି। ଏହା ସହିତ ସ୍ୱିଜରଲାଣ୍ଡ ୮୮ ବର୍ଷ ଧରି ଚାଲିଆସୁଥିବା ମରୁଡ଼ିର ଅନ୍ତ କରିଛି। ସୂଚନାଯୋଗ୍ୟ ଯେ ୧୯୩୮ ମସିହାରେ ଫ୍ରାନ୍ସରେ ଖେଳାଯାଇଥିବା ବିଶ୍ୱକପ୍ ପରେ ଏହି ଦଳ ପ୍ରଥମ ଥର ପାଇଁ ଫୁଟବଲ୍‌ର ଏହି ମହାକୁମ୍ଭରେ କୌଣସି ନକଆଉଟ୍ ମ୍ୟାଚ୍ ଜିତିଛି। ଦଳ ୧୯୫୪ ମସିହାରେ କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଥିଲା, କିନ୍ତୁ ସେତେବେଳେ ପ୍ଲେ-ଅଫ୍ ମ୍ୟାଚ୍ ଜିତି ଅନ୍ତିମ-୮ ରେ ପହଞ୍ଚିଥିଲା।

ସ୍ୱିଜରଲାଣ୍ଡ ଦଳ ବିଗତ ତିନୋଟି ବିଶ୍ୱକପ୍‌ରେ ରାଉଣ୍ଡ ଅଫ୍ ୧୬ ରେ ପହଞ୍ଚିଥିଲା, କିନ୍ତୁ ଏହାଠାରୁ ଆଗକୁ ବଢ଼ିବାରେ ବିଫଳ ହୋଇଥିଲା। ଏଥର ଦଳ କେତେ ଦୂର ଯାତ୍ରା କରୁଛି ତାହା ଦେଖିବାକୁ ବାକି ରହିଲା। ଆସନ୍ତା ମଙ୍ଗଳବାର ଦିନ କଲୋମ୍ବିଆ ଏବଂ ଘାନା ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କ ସହ ସ୍ୱିଜରଲାଣ୍ଡର ପରବର୍ତ୍ତୀ ମୁକାବିଲା ହେବ।

# ସଞ୍ଜୁଙ୍କ ପାଇଁ ଶେଷ ସୁଯୋଗ : ଫ୍ଲପ୍ ହେଲେ ବୈଭବଙ୍କର ହେବ ଡେବ୍ୟୁ

**ନୂଆଦିଲ୍ଲୀ**

ବିସ୍ମୟ ବୈଭବ ବନାମ ସଞ୍ଜୁ ସାମସନ। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ନିଆଯାଇପାରେ ବଡ଼ ନିଷ୍ପତ୍ତି। ଭାରତୀୟ ପ୍ଲେଇଂ ଏକାଦଶରେ ହୋଇପାରେ ବଡ଼ ପରିବର୍ତ୍ତନ। ଯଦି ସଞ୍ଜୁ ଦ୍ୱିତୀୟ ମ୍ୟାଚ୍‌ରେ ଫ୍ଲେପ୍ ହେଉଛନ୍ତି ତେବେ ତାଙ୍କ ସ୍ଥାନରେ ବୈଭବଙ୍କୁ ଚାନ୍ସ ମିଳିପାରେ। ନୀଳ ଜର୍ସିରେ ମୈଦାନକୁ ଓହ୍ଲାଇ ପାରନ୍ତି ବ୍ୟାଟିଂ ବିସ୍ମୟ ବୈଭବ। ଯଦି ସଞ୍ଜୁଙ୍କୁ ଦ୍ୱିତୀୟ ଟି-ଟ୍ୱେଣ୍ଟିରେ ଖେଳାଯାଉଛି ସେ ଫ୍ଲପ୍ ହେଉଛନ୍ତି ତେବେ ତୃତୀୟ ଟି-ଟ୍ୱେଣ୍ଟିରେ ବୈଭବଙ୍କ ଡେବ୍ୟୁ ନିଶ୍ଚିତ ହୋଇଯିବ।

ବୈଭବ ସୂର୍ଯ୍ୟବଂଶୀଙ୍କ ଅନ୍ତର୍ଜାତୀୟ ଡେବ୍ୟୁକୁ ସମସ୍ତେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଆୟରଲ୍ୟାଣ୍ଡ ବିପକ୍ଷ ଦୁଇଟି ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ମିଳିନଥିଲା। ଟିମ୍ ଇଣ୍ଡିଆ ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ରେ ମଧ୍ୟ ଏହାର ପୁରୁଣା କମ୍ବିନେସନ୍ ଖେଳିଥିଲା। କିନ୍ତୁ ଏବେ ବୈଭବଙ୍କ ଡେବ୍ୟୁ ସମ୍ଭବ। ଏହାର ସମ୍ଭାବନା ପୂର୍ବ ଅପେକ୍ଷା ବହୁତ ଅଧିକ ମନେ ହେଉଛି। ଶନିବାର ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି-୨୦ରେ ବୈଭବ ଡେବ୍ୟୁ କରିପାରନ୍ତି। ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଉଭୟ ଦଳ ବିଜୟ ଖାତା ଖୋଲିବାକୁ ଲଢ଼ିବେ। ଦ୍ୱିତୀୟ ମ୍ୟାଚରେ ବୈଭବଙ୍କୁ ସୁଯୋଗ ମିଳିପାରେ ଏବଂ ତାଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କୁ ବାଦ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ସଞ୍ଜୁ ଲଗାତାର ବିଫଳ ହୋଇ ଆସୁଛନ୍ତି। ସେ ଆୟର୍ଲାଣ୍ଡରେ ଭଲ ପ୍ରଦର୍ଶନ କରିନଥିଲେ, ଏବଂ ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍‌ରେ ତାଙ୍କର ବ୍ୟାଟିଂ ମଧ୍ୟ ଫ୍ଲପ୍ ହୋଇଥିଲା। ଟି-୨୦ ବିଶ୍ୱକପରେ ଭାରତର ବିଜୟରେ ସଞ୍ଜୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ଏବେ ତାଙ୍କ ବ୍ୟାଟ୍ ଶାନ୍ତ ପଡିଛି। ଏହି କାରଣରୁ ସଞ୍ଜୁଙ୍କ ସ୍ଥାନରେ ବୈଭବଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ସୁଯୋଗ ଦିଆଯାଇପାରେ। ଦଳ ଇଶାନ କିଷନଙ୍କୁ ଆଉ ଏକ ସୁଯୋଗ ଦେଇପାରେ। ଯଦି ସଞ୍ଜୁଙ୍କୁ ବାଦ୍ ଦିଆଯାଏ, ତେବେ ଇଶାନଙ୍କୁ ବାଦ୍ ଦିଆଯାଇପାରିବ ନାହିଁ କାରଣ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କୁ ୱିକେଟ କିପର ଭାବରେ ଖେଳିବାକୁ ପଡ଼ିବ।

# ବୈଭବ ସୂର୍ଯ୍ୟବଂଶୀଙ୍କ ଡେବ୍ୟୁକୁ ନେଇ ରବି ଶାସ୍ତ୍ରୀଙ୍କ ବଡ଼ ଦାବି

**ନୂଆଦିଲ୍ଲୀ**

ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍ ୨୦୨୬ରେ ନିଜର ବିସ୍ଫୋରକ ବ୍ୟାଟିଂ ବଳରେ ଚୟନକର୍ତ୍ତାଙ୍କୁ ଭାରତୀୟ ଟି-୨୦ ଦଳରେ ଚୟନ କରିବା ପାଇଁ ବାଧ୍ୟ କରିଥିଲେ। ବୈଭବଙ୍କୁ ସ୍କ୍ୱାଡ୍‌ରେ ତ ସ୍ଥାନ ମିଳିଯାଇଛି ସତ, କିନ୍ତୁ ତାଙ୍କୁ ଡେବ୍ୟୁ କରିବାର ସୁଯୋଗ ଏପର୍ଯ୍ୟନ୍ତ ମିଳିନାହିଁ। କ୍ରିକେଟ୍ ପ୍ରେମୀମାନେ ଭାବିଥିଲେ ଯେ ଆୟରଲାଣ୍ଡ ଗସ୍ତରେ ହିଁ ବୈଭବଙ୍କର ଡେବ୍ୟୁ ହୋଇଯିବ, କିନ୍ତୁ ଅଧିନାୟକ ଶ୍ରେୟସ ଆୟର, କୋଚ୍ ଗୌତମ ଗମ୍ଭୀର ଏବଂ ଟିମ୍ ମ୍ୟାନେଜ୍‌ମେଣ୍ଟଙ୍କ ଚିନ୍ତାଧାରା କିଛି ଅଲଗା ରହିଥିଲା। ସେମାନେ ବିଶ୍ୱକପ୍ ବିଜେତା ଦଳ ସହିତ ହିଁ ଆଗକୁ ବଢ଼ିବାକୁ ଚାହୁଁଥିଲେ, ଯେଉଁ କାରଣରୁ ବୈଭବ ସୂର୍ଯ୍ୟବଂଶୀ କେବଳ ବେଞ୍ଚରେ ହିଁ ବସି ରହିଛନ୍ତି।

ଆୟରଲାଣ୍ଡ ଗସ୍ତରେ ୦-୨ ରେ ପରାଜୟର ସମ୍ମୁଖୀନ ହେବା ପରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ପହଞ୍ଚିଛି। ଯେଉଁଠାରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳିବାର ସୁଯୋଗ ମିଳିନାହିଁ। ଭାରତର ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ମତରେ, ଯଦି ବୈଭବ ସୂର୍ଯ୍ୟବଂଶୀଙ୍କୁ ଆୟରଲାଣ୍ଡ ବିପକ୍ଷରେ ଖେଳିବାର ସୁଯୋଗ ମିଳିଥାନ୍ତା, ତେବେ ସେ ତାଙ୍କ ପେଣ୍ଟ ଖୋଲି ଦେଇଥାନ୍ତେ।

ରବି ଶାସ୍ତ୍ରୀ ଜୋର୍ ଦେଇ କହିଛନ୍ତି ଯେ,



ଆଇପିଏଲରେ ବୈଭବ ସୂର୍ଯ୍ୟବଂଶୀ କୌଣସି ବୋଲରଙ୍କୁ ଛାଡ଼ି ନାହାନ୍ତି। ଜସପ୍ରୀତ ବୁମ୍ରା ଓ ପ୍ୟାଟ୍ କମିନ୍ସଙ୍କ ଭଳି ବୋଲରଙ୍କୁ ସେ ପ୍ରଥମ ବଲ୍‌ରେ ଛକା ମାରିଥିଲେ। ତାଙ୍କ ପାଖରେ ଏଭଳି ପ୍ରତିଭା ଥିବା ସତ୍ତ୍ୱେ ସେ ଭାରତୀୟ ଦଳ ସହିତ କେବଳ ବେଞ୍ଚରେ ହିଁ ବସି ରହିଛନ୍ତି।

ରବି ଶାସ୍ତ୍ରୀ ସୋନି ସ୍ପୋର୍ଟସ ନେଟୱର୍କରେ କଥା ହେବା ସମୟରେ କହିଛନ୍ତି, "ଆରେ, ସେ ଖେଳିବା ଦରକାର ଥିଲା ୟାର୍ (ତାଙ୍କୁ ଆୟରଲାଣ୍ଡ ବିପକ୍ଷରେ ଖେଳିବା ଉଚିତ୍ ଥିଲା)। ତାହା ବହୁତ ଧୀମା ଓ ସଞ୍ଜି ଟ୍ରାକ୍ (ପିଚ୍) ଥିଲା। ସେ ତାଙ୍କୁ ଛାତ ଉପରକୁ ପଠାଇ ଦେଇଥାନ୍ତେ, ତାହା ବହୁତ ଛୋଟ ଗ୍ରାଉଣ୍ଡ ଥିଲା। ସେ ସେମାନଙ୍କ ପ୍ୟାଣ୍ଟ ଖୋଲି ଦେଇଥାନ୍ତେ। ତାଙ୍କୁ ନିଶ୍ଚିତ ଭାବେ ସେଠାରେ ଖେଳାଇବା ଉଚିତ୍ ଥିଲା। ବର୍ତ୍ତମାନ ସେ ଇଂଲଣ୍ଡରେ ଖେଳିବେ କି ନାହିଁ, ମୁଁ ନିଶ୍ଚିତ ନୁହେଁ। ମୁଁ ଜାଣିନି ସେମାନେ ତାଙ୍କୁ ସୁଯୋଗ ଦେବେ କି ନାହିଁ, କିନ୍ତୁ ତାଙ୍କୁ ଯଥାଶୀଘ୍ର ଗୋଟିଏ ମ୍ୟାଚ୍ ଖେଳିବାକୁ ଦିଅନ୍ତୁ। ସେ ଆଇପିଏଲ୍‌ରେ ସମସ୍ତଙ୍କୁ ଧୂଳି ଚଟାଇଛନ୍ତି। ସେ କେଉଁ ଦ୍ରୁତ ବୋଲରଙ୍କୁ ଛାଡ଼ିଛନ୍ତି ଆଉ ଆପଣ ତାଙ୍କୁ ବେଞ୍ଚରେ ବସାଇ ରଖିଛନ୍ତି।'

ୟୁକେ ଗସ୍ତରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ତିନୋଟି ମ୍ୟାଚ୍‌ରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ରହିଛି। ସେ ଗୋଟିଏ ହେଲେ ମ୍ୟାଚ୍‌ରେ ଦୁଇ ଅଙ୍କ ଛୁଇଁବାରେ ସଫଳ ହୋଇନାହାନ୍ତି। ଏଭଳି ସ୍ଥିତିରେ ଟିମ୍ ମ୍ୟାନେଜମେଣ୍ଟ ଏକ କଠୋର ନିଷ୍ପତ୍ତି ନେଇ ଏହି ବିଶ୍ୱକପ୍ ବିଜେତା ଖେଳାଳିଙ୍କୁ ଦଳରୁ ବାହାରେ ବସାଇ ପାରେ। ଯଦି ସାମସନ ଦଳରୁ ବାହାର ହୁଅନ୍ତି, ତେବେ ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ପ୍ଲେଇଂ ଇଲେଭେନର ଦ୍ୱାର ସମ୍ପୂର୍ଣ୍ଣ ରୂପେ ଖୋଲିଯିବ। ସେ ଅଭିଷେକ ଶର୍ମାଙ୍କ ସହ ମିଶି ବିସ୍ଫୋରକ ଅନ୍ଦାଜରେ ପାଳିର ଓପନିଙ୍ଗ୍ କରିପାରନ୍ତି। ତେବେ ବୈଭବ ଦଳକୁ ଆସିଲେ ଏକମାତ୍ର ଚ୍ୟାଲେଞ୍ଜ ଏହା ରହିବ ଯେ, ଟପ୍-୩ର ସମସ୍ତ ତିନିଜଣଯାକ ବ୍ୟାଟ୍ସମ୍ୟାନ୍ ବାମହାତୀ ହୋଇଯିବେ। ଇଶାନ କିଶନ ଏହି ସମୟରେ ନମ୍ବର-୩ ସ୍ଥାନର ଦାୟିତ୍ୱ ସମ୍ଭାଳୁଛନ୍ତି।

# ଦଶ ଦିନିଆ ବାଳିକା ଫୁଟବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଲପଙ୍ଗା, ନ୍ୟୁଜ୍‌ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ ଦ୍ୱାରା ଆୟୋଜିତ ଦଶ ଦିନିଆ ଗ୍ରୀଷ୍ମ କାଳୀନ ବାଳିକା ଫୁଟବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସମାରୋହ, ଆର୍‌ଆର୍ କଲୋନୀ ଲୁଧାପାଲି ଠାରେ ଆୟୋଜନ କହିଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଅଞ୍ଚଳର ଛଅ ଗୋଟି ପଞ୍ଚାୟତ (ବୋମାଲୋଇ, ଘିଚାମୁର, ଜଙ୍ଗଲା, କତରବଗା, ଲପଙ୍ଗା, ନିଶାନଭଙ୍ଗା)ର ବାଳିକା ମାନଙ୍କୁ ନେଇ ଗଠିତ ହୋଇଥିବା ଆଦିତ୍ୟ ଉଦୟ ସ୍ପୋର୍ଟସ କ୍ଲବ ଓ ଖେଲୋ ଇଣ୍ଡିଆ, ସମ୍ବଲପୁର ଟିମ୍ ସହିତ ଏକ ବନ୍ଧୁତା ପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ଉକ୍ତ ମ୍ୟାଚ୍‌ରେ ଆଦିତ୍ୟ ଉଦୟ ସ୍ପୋର୍ଟସ କ୍ଲବ ୧-୦ ଗୋଲରେ ବିଜୟ ହାସଲ




କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ଭାରତୀୟ ମହିଳା ଫୁଟବଲ୍ ପ୍ରଶିକ୍ଷକ ଓ ଉପ ସଭାପତି ଫୁଟବଲ୍ ଆସୋସିଏସନର ମହମ୍ମଦ ସାହିଦ୍ ଜବାର୍ ଉପସ୍ଥିତ ରହିଥିଲେ ବାଳିକାମାନଙ୍କୁ ବିଭିନ୍ନ କୌଶଳ ଓ ପ୍ରଣାଳୀ, ଜୀବନ ଶୈଳୀ ଉପରେ ଖେଳାଳିମାନଙ୍କୁ ଉପଦେଶ ଦେବା ସହିତ ଏକତା ହିଁ ବଳ ବୋଲି ଖେଳାଳିମାନଙ୍କୁ ଉପଦେଶ ଦେଇଥିଲେ। ପୂର୍ବତନ ଭାରତୀୟ ମହିଳା ଖେଳାଳି ତଥା ପ୍ରଶିକ୍ଷକ ଗୀତାଞ୍ଜଳି ଖୁଣ୍ଟିଆ ମଧ୍ୟ ଉପସ୍ଥିତ ରହି ନିଜର ଜୀବନର ଅନୁଭୂତି ଓ ଖେଳାଳିମାନଙ୍କୁ ଉତ୍ସାହ କରିବା ସହିତ ନିୟମିତ ଅଭ୍ୟାସ କରିବାପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଦିତ୍ୟ ଆଲୁମିନିୟମର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ସିଏସଆର୍ କ୍ଲଷ୍ଟର ମୁଖ ଶିବ ମହାପାତ୍ର, ସିଏସଆର୍ ମୁଖ୍ୟ ରବି ନିୱାସ ଓ ଉପ ପ୍ରବନ୍ଧକ ମନୋରଂଜନ ବେହେରା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହ କରିଥିଲେ।

# ବ୍ରିକ୍ସରେ ନାରୀ ଶକ୍ତିର ନୂଆ ଦିଗ; ପ୍ରତିଶ୍ରୁତିକୁ ବାସ୍ତବତାରେ ପରିଣତ କରିଛି ଭାରତ



**ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ**
କେନ୍ଦ୍ର ସରକାରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ

୨୦୨୬ ମସିହା ଜାନୁଆରୀ ୧ ତାରିଖ ଦିନ ଭାରତ ବ୍ରିକ୍ସର ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲା ଏବଂ ଏଥି ନିମନ୍ତେ ଶୀର୍ଷକ ରଖିଥିଲା: 'ଏକ ସହନଶୀଳ, ସମାବେଶୀ, ସହଭାଗୀ ଓ ପୋଷଣୀୟ ବ୍ୟବସ୍ଥା ନିର୍ମାଣ'। ମହିଳା ସଶକ୍ତୀକରଣ କ୍ଷେତ୍ରରେ, ଆମର ଅବଦାନ ଅତ୍ୟନ୍ତ ସ୍ୱତନ୍ତ୍ର। ଆମେ କେବଳ କୌଣସି ସ୍ଲୋଗାନ କିମ୍ବା କେବଳ ପ୍ରଶଂସା ପାଇଁ ସଫଳତାର କାହାଣୀ ସମୂହ ଉପସ୍ଥାପନ କରୁନାହୁଁ। ଆମେ ଏଭଳି ଏକ ପ୍ରକୃତ କାର୍ଯ୍ୟକ୍ଷମ ବ୍ୟବସ୍ଥା ଆଣୁଛୁ, ଯାହା କୋଟି କୋଟି ମହିଳାଙ୍କ ନିକଟରେ ପହଞ୍ଚିପାରିଛି; ଏବଂ ଏହି ଯାତ୍ରା କେବଳ ଭାରତରେ ଶେଷ ହେଉନାହିଁ ବରଂ ଏଠାରୁ ଆରମ୍ଭ ହୋଇଛି। ଭାରତ ଯେଉଁ ଯେଉଁ କ୍ଷେତ୍ରରେ ନିଜର ବିକାଶ ଯାତ୍ରା ଆରମ୍ଭ କରିଛି ସେଥିରେ ଏହା ନିଜର ପଦଚିହ୍ନ ଛାଡ଼ିଛି।

ଏହି ବିଶେଷତା ହିଁ ଉଲ୍ଲେଖର ଉଦାହରଣ। ଦୀର୍ଘ ଏକଦଶନ୍ଧିରୁ ଅଧିକ ସମୟ ଧରି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ତା'ର ମହିଳା କୈନ୍ଦ୍ରିକ ବିକାଶକୁ ଏକ ଜାତୀୟ ମିଶନ ଭାବେ ଗ୍ରହଣ କରିଛି। ବିଶ୍ୱର କ୍ୱଚିତ ରାଷ୍ଟ୍ର ଏଭଳି ମାତ୍ରାର ବିକାଶ ଯାତ୍ରା ଆରମ୍ଭ କରିଛନ୍ତି। ୨୦୨୩ ମସିହାରେ ଆମର ଜି-୨୦ ଅଧ୍ୟକ୍ଷ ଦାୟିତ୍ୱ ସମ୍ପାଦନ ଅବସରରେ ଭାରତ ମହିଳାମାନଙ୍କ ବିକାଶଠାରୁ ଏହାକୁ ମହିଳା କୈନ୍ଦ୍ରିକ ବିକାଶର ଏକ ବୈଶ୍ୱିକ ଆହ୍ୱାନକୁ ପରିବର୍ତ୍ତନ କରିଥିଲା। ଏହା କେବଳ ଏକ ଶବ୍ଦର ପରିବର୍ତ୍ତନ ନୁହେଁ, ବରଂ ଏକ ସଂକଳ୍ପର ପରିବର୍ତ୍ତନ। ମହିଳାମାନଙ୍କୁ କେବଳ ହିତାଧିକାରୀ ଭାବେ ବିବେଚନା ନ କରି ସେମାନଙ୍କୁ ନିଷ୍ପତ୍ତି ଗ୍ରହଣକାରୀ ଦୃଷ୍ଟିରେ ଦେଖାଯିବା ଉଚିତ୍। ଆମେ କୋଟିକୁ ଯେଉଁ ପ୍ରଶ୍ନ ଆଣି ଆସିଛୁ, ତାହା ହେଉଛି ଏଭଳି ପରିବର୍ତ୍ତନର ମାର୍ଗକୁ ଅନୁକରଣ କରିବା। ଯେତେବେଳେ କୌଣସି ଏକ ପ୍ରତିଜ୍ଞା କରାଯାଏ, ଏହାକୁ କିପରି ଭାବେ ଆପଣମାନେ ପୂରଣ କରନ୍ତି। ମାତ୍ରାରେ ହେଉ ଅବା ଯେ ଅନ୍ୟ କୌଣସି ଉପାୟରେ ହେଉ ଏହା ସମାଜର ଶେଷତମ ମହିଳାଙ୍କ ନିକଟରେ ପହଞ୍ଚିଯିବା ଜରୁରୀ। ଭାରତ ଗତ ୧୦ ବର୍ଷ ଧରି ଏହି ଧାରାର ଉତ୍ତର ଦେଇ ଆସିଛି। କେବଳ ନୀତିକୁ ଅନୁସରଣ କରି ନୁହେଁ, ବାସ୍ତବତାର ସ୍ୱରୂପ ଧାରଣ କରି ଏହା କାର୍ଯ୍ୟରେ ପ୍ରତିଫଳିତ ହୋଇଛି।

ଭାରତ ପାଇଁ ଏଭଳି କାର୍ଯ୍ୟପନ୍ଥା କିଛି ନୂଆ କଥା ନୁହେଁ। ଏହାର ପରମ୍ପରା ବେଶ୍ ପ୍ରାଚୀନ। ବିକାଶର ଭାଷା ଉଚ୍ଚାରିତ ହେବାର ଢେର ପୂର୍ବରୁ ଆମ ସଂସ୍କୃତିରେ ମାତୃଶକ୍ତିକୁ ସାମର୍ଥ୍ୟର ମୂଳ ଉତ୍ସ, ଜ୍ଞାନ ଓ ସମୃଦ୍ଧିର ମୂଳ ଆଧାର ବୋଲି ଗ୍ରହଣ କରାଯାଇଥିଲା। ଏହି ତିନୋଟି ସାମର୍ଥ୍ୟ ହିଁ ପ୍ରତ୍ୟେକ ସମାଜକୁ ଆଗକୁ ଆଗେଇ ନେଇଥାଏ। ସେଇଥିପାଇଁ ଦେବୀ ଦୁର୍ଗା, ସରସ୍ୱତୀ ଏବଂ ଲକ୍ଷ୍ମୀଙ୍କୁ ଆମ ସମାଜରେ ସର୍ବଶ୍ରେଷ୍ଠ ସମ୍ମାନ ଦିଆଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଦେବୀ ଶକ୍ତିକୁ ଶକ୍ତି ବୋଲି ନାମିତ କରାଯାଇଛି ଏବଂ ସଂସ୍କୃତର କାବ୍ୟ କବିତାରେ ଏହି ଶବ୍ଦ ବାରମ୍ବାର ଉଚ୍ଚାରିତ ହୋଇଥାଏ। ଏହା ପଛରେ ଥିବା କାରଣ ହେଉଛି- ନାରୀଶକ୍ତିକୁ ଆମେ ସଦାବେଳେ ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ କରିଥାଉ। ଏପରିକି ଦେବତାମାନେ ମଧ୍ୟ ନାରୀଶକ୍ତିକୁ ସମ୍ମାନ ଜଣାଇଥାନ୍ତି। ପୁନଶ୍ଚ ଏଭଳି ସମ୍ମାନ କେବଳ ସାଂସ୍କୃତିକ ନୁହେଁ, ନାରୀ ପ୍ରତିଭା ଯଥା ଲୋପାମୁଦ୍ରା ଏବଂ ଘୋଷା ଋଗ୍ୱେଦର ଅନେକ ଶ୍ଳୋକ ରଚନା କରିଥିଲେ। ଗାର୍ଗୀ ଏବଂ ମୈତ୍ରୀଙ୍କ ଭଳି ଦର୍ଶନଶାସ୍ତ୍ରୀମାନେ ଉପନିଷଦର ତର୍ଜମା କାଳରେ ସ୍ୱ ସ୍ୱ ମତ ପ୍ରଦାନ ପୂର୍ବକ ଏହି ମହାନ ବିଚାରରେ ଅଂଶଗ୍ରହଣ କରୁଥିଲେ। ସେତେବେଳେ ଭାରତ ପାଇଁ ମହିଳା କୈନ୍ଦ୍ରିକ ବିକାଶ ଅନ୍ୟ କାହାଠାରୁ ଉଧାର କରି ଆଣିଥିବା ଏକ ଭାବନା ନଥିଲା। ତେଣୁ ବର୍ତ୍ତମାନର ଏହି ଧାରାର ମୂଳ ଉତ୍ସ ବେଶ ପ୍ରାଚୀନ।

ପ୍ରଥମେ ନିଷ୍ପତ୍ତି ଗ୍ରହଣ ଠାରୁ ହିଁ ଆରମ୍ଭ କରାଯାଉ। ଭାରତୀୟ ପଞ୍ଚାୟତିରାଜ ଅନୁଷ୍ଠାନରେ ପ୍ରାୟ ଅର୍ଦ୍ଧେକ ନିର୍ବାଚିତ ଜନପ୍ରତିନିଧି ହେଉଛନ୍ତି ମହିଳା। ବିଶ୍ୱର ଯେକୌଣସି ନିର୍ବାଚନ ଅପେକ୍ଷା ଏଠାରେ ହିଁ ସର୍ବାଧିକ ମହିଳା ପ୍ରତିନିଧିଙ୍କୁ ଆମେ ଦେଖିବାକୁ ପାଉ। ସେହିଭଳି ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୩ ସଂସଦ ଏବଂ ରାଜ୍ୟ ବିଧାନସଭାମାନଙ୍କରେ ମହିଳାମାନଙ୍କ ନିମନ୍ତେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷିତ ରଖିଛି। ଏଭଳି ଜନ ପ୍ରତିନିଧିତ୍ୱରେ ମହିଳା କୈନ୍ଦ୍ରିକ ବିକାଶର ମାର୍ଗ ଶେଷ ହୁଏ ନାହିଁ। ବରଂ ଅନ୍ୟ ଭାଷାରେ କହିଲେ ଏହିଠାରୁ ହିଁ ସେହି ପ୍ରକ୍ରିୟାର ଆରମ୍ଭ। ଏହା ଏପରି ଏକ ମଡେଲ, ଯାହା ମହିଳାମାନଙ୍କୁ ସେବା ଯୋଗାଏ, କିନ୍ତୁ ନିଷ୍ପତ୍ତି ଗ୍ରହଣବେଳେ ସେମାନଙ୍କୁ ଏଥିରୁ ବାଦ୍ ଦେଇଥାଏ। ଯୁକ୍ତି ଦର୍ଶାଯାଇଥାଏ ଯେ ଏହା ମହିଳା କୈନ୍ଦ୍ରିକ ସେବା କାର୍ଯ୍ୟ ନୁହେଁ।

ସୁଫଳର ଢାଞ୍ଚା ତିନୋଟି ମୁଖ୍ୟ କାରଣ ଉପରେ ଆଧାରିତ। ସେଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କଲେ ହିଁ ସେଥିରୁ ଇପ୍ସିତ ସୁଫଳ ମିଳିଥାଏ। ପ୍ରଥମଟି ହେଉଛି ପହଞ୍ଚ। ଡିଜିଟାଲ ଜନସଂସାଧନ ମହିଳାମାନଙ୍କ ହାତରେ ସିଧାସଳଖ ଭାବେ ସେମାନଙ୍କ ହିତାଧିକାର ସୁଫଳ ପ୍ରଦାନ କରିଥାଏ। ସେମାନଙ୍କ ଆଧାର ସଂଯୁକ୍ତ ଜମାଖାତାକୁ ଏହି ଅର୍ଥ ଯାଇଥାଏ। ଏଥିରେ କୌଣସି ମଧ୍ୟସ୍ଥ ରହିନଥାନ୍ତି କିମ୍ବା ସେମାନେ ଏହି ଅର୍ଥକୁ ବାଟମାରଣା କରିନଥାନ୍ତି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନା ଦର୍ଶାଏ ଯେ ଏହାର ପହଞ୍ଚ ବାସ୍ତବ କ୍ଷେତ୍ରରେ କେତେ ବ୍ୟାପକ। ପ୍ରାୟ ୪.୨୬ କୋଟି ମାଆ ସେମାନଙ୍କର ପ୍ରସବକାଳୀନ ସୁବିଧା ବାବଦକୁ ୨୦,୬୬୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ପାଇଛନ୍ତି, ଯାହା ସେମାନଙ୍କ ଆଧାର ସଂଯୁକ୍ତ ଜମାଖାତାକୁ ଯାଇଛି। ଦ୍ୱିତୀୟଟି ହେଉଛି ଅନୁଷ୍ଠାନ। ଡେ-ଏନଆରଏଲଏମ ଅଧୀନରେ ୧୦.୦୫ କୋଟିରୁ ଅଧିକ ଗ୍ରାମୀଣ ମହିଳାଙ୍କୁ ୯୦.୯୦ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଂଗଠିତ କରାଯାଇଛି। ଏହା ବିଶ୍ୱର ସର୍ବବୃହତ ମହିଳା ନେତୃତ୍ୱାଧୀନ ଗୋଷ୍ଠୀ ଅନୁଷ୍ଠାନର ସର୍ବଶ୍ରେଷ୍ଠ ଉଦାହରଣ ଏବଂ ନେଟ୍‌ୱାର୍କ। ତୃତୀୟଟି ହେଉଛି ଚଳନଶୀଳତା। ଏହା ଏପରି ଏକ ଚୟନକୃତ ମାର୍ଗ ଯାହା କେବଳ ଆଗକୁ ହିଁ ବୃଦ୍ଧି ପାଇଥାଏ। ଏହା ମୂଲ୍ୟ ଶୃଙ୍ଖଳର ସର୍ବନିମ୍ନରେ କଦାପି ସ୍ଥିର ଭାବେ ରହି ନଥାଏ। ଭାରତ ବର୍ତ୍ତମାନ ୬୫,୯୪୯ କୋଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରି ବ୍ୟବସାୟିକ ପ୍ରତିନିଧି ଏଜେଣ୍ଟ ଭାବେ ମହିଳାଙ୍କୁ ବି.ସି.ସାକ୍ଷୀ ଭାବରେ ନିଯୁକ୍ତ କରିଛି। ସେମାନେ ଦୂରଦୂରାନ୍ତ ଏବଂ ଦୁର୍ଗମ ଅଞ୍ଚଳରେ ବୃଦ୍ଧ ଏବଂ ଭିନ୍ନକ୍ଷମ ଲୋକମାନଙ୍କ ଅର୍ଥ ବ୍ୟାଙ୍କରେ ଜମା କରିବା, ଋଣ ପ୍ରଦାନ, ଉଠାଣ ଏବଂ ପେନସନ ସେବା ଯୋଗାଇ ଦେବା କାର୍ଯ୍ୟ ସଂପାଦନ କରୁଛନ୍ତି। ଯେଉଁ ମହିଳାମାନେ ପୂର୍ବରୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେଉଥିଲେ, ଏବେ ସେମାନେ ଅନ୍ୟମାନଙ୍କୁ ସୁବିଧା ପ୍ରଦାନ କରୁଛନ୍ତି।

ଏକତ୍ର ମିଶି ଏହିସବୁ ସାଧନ ମହିଳାମାନଙ୍କ ଅଂଶଗ୍ରହଣକୁ ଉପାର୍ଜନ ଓ ମାଲିକାନାରେ ପରିଣତ କରିଛି। ସରକାରଙ୍କ ଲକ୍ଷପତି ଦିଦି ଉପକ୍ରମ ଅଧୀନରେ ୧.୪୮ କୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ବାର୍ଷିକ ଉପାର୍ଜନ ଜୁନ୍ ୨୦୨୫ ସୁଦ୍ଧା ଅନ୍ୟୂନ ୧ଲକ୍ଷ ଟଙ୍କା ଛୁଇଁଥିଲା। ସେହିଭଳି ଉଦ୍ୟମିତା ପାଇଁ ୨୦୨୬ ମସିହା ଜାନୁଆରୀ ମାସରେ ଆରମ୍ଭ କରାଯାଇଥିବା ଜାତୀୟ ଅଭିଯାନ ୫୦,୦୦୦ ଗୋଷ୍ଠୀ ସମ୍ପଦ ସାଧନକାରୀଙ୍କ ମାଧ୍ୟମରେ ୫୦ଲକ୍ଷରୁ ଅଧିକ ମହିଳାଙ୍କୁ ତାଲିମ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଏହିଭଳି ପ୍ରଗତିର ମାର୍ଗ ସଂଗଠିତ ଉଦ୍ୟୋଗ ମାଧ୍ୟମରେ ମଧ୍ୟ ଜାରି ରହିଛି। ଏହା ଫଳରେ ପିଏମ୍‌ଏମ୍‌ୱାଇ ଅଧୀନରେ ୬୯ ପ୍ରତିଶତ ଋଣ ଷ୍ଟାର୍ଟଅପ୍ ଇଣ୍ଡିଆର ମହିଳାମାନଙ୍କୁ ପ୍ରଦାନ କରାଯାଇଛି। ସେଥି ମଧ୍ୟରୁ ୨.୧୨ ଲକ୍ଷ ଷ୍ଟାର୍ଟଅପ୍ ଡିପ୍ପୀ ଦ୍ୱାରା ସ୍ୱୀକୃତ। ଏହା ବ୍ୟତୀତ ୧.୦୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ରେ ଅନ୍ୟୂନ ଜଣେ ଲେଖାଏଁ ମହିଳା ନିର୍ଦ୍ଦେଶକ ଅଥବା ଅଂଶୀଦାର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦେଶର ମେଟ୍ରୋ ସହର ନୁହେଁ, ଛୋଟ ଛୋଟ ସହରରେ ରହିଥିବା ଜଣାପଡ଼ିଛି। ଆମେ ବ୍ରିକ୍ସକୁ ଯାହା ଦେବାକୁ ଚାହୁଁ ତାହା କେବଳ ଏକ ବ୍ରାଣ୍ଡ ନାମ ନୁହେଁ, ବରଂ ଏହା ପଛରେ ଥିବା କାର୍ଯ୍ୟପନ୍ଥା। ସେଗୁଡ଼ିକ ହେଉଛି ପ୍ରଥମେ ସେମାନଙ୍କ ନିକଟରେ ପହଞ୍ଚିବା, ପରେ ଅନୁଷ୍ଠାନ ପହଞ୍ଚିବ। ଏହା ଫଳରେ ହିତାଧିକାରୀ ଏବଂ ଉଦ୍ୟୋଗୀମାନଙ୍କ ମଧ୍ୟରେ ଏକ ସାଙ୍ଗଠନିକ ମାର୍ଗ ନିର୍ମିତ ହୋଇପାରୁଛି।

ସଂଖ୍ୟା ମଧ୍ୟ ଏଭଳି ପରିବର୍ତ୍ତନର ଚିତ୍ରକୁ ଦର୍ଶାଇଥାଏ। ଭାରତର ମହିଳା ଶ୍ରମଶକ୍ତିର ଅଂଶଗ୍ରହଣ ୨୦୧୭-୧୮ ମସିହାରେ ୨୩.୩ ପ୍ରତିଶତ ଥିବାବେଳେ ୨୦୨୩-୨୪ ମସିହାରେ ତାହା ୪୧.୭ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ମହିଳାମାନଙ୍କ କ୍ଷେତ୍ରରେ ବେକାରୀ ମାତ୍ରା ୫.୬ ପ୍ରତିଶତରୁ ୩.୨ ପ୍ରତିଶତକୁ କମି ଆସିଛି। ପୂର୍ବାପେକ୍ଷା ବର୍ତ୍ତମାନ କର୍ମଶକ୍ତିରେ ମହିଳାମାନଙ୍କ ଅଧିକରୁ ଅଧିକ ଅଂଶଗ୍ରହଣର ସୁଯୋଗ ଦେଇ ଆମେ ପରବର୍ତ୍ତୀ ପର୍ଯ୍ୟାୟରେ ଗୁଣାତ୍ମକ ଉନ୍ନତି ଏବଂ କର୍ମକ୍ଷେତ୍ରରେ ଉପାର୍ଜନ ବୃଦ୍ଧି ପାଇଁ ପ୍ରୟାସ ଜାରି ରଖିଛୁ।

ଚଳିତବର୍ଷର ମହିଳା ବିକାଶ ମାର୍ଗ ୪ ଗୋଟି ମୁଖ୍ୟ କ୍ଷେତ୍ରକୁ ଚିହ୍ନଟ କରିଛି। ପ୍ରତ୍ୟେକ ମାନଚିତ୍ର ପ୍ରତ୍ୟକ୍ଷ ଭାବେ ଆମର ଅନୁଭୂତିକୁ ଆହରଣ କରୁଛି। ଜଳବାୟୁ କାର୍ଯ୍ୟାନୁଷ୍ଠାନ, ଖାଦ୍ୟ ନିରାପତ୍ତା ଏବଂ ପୁଷ୍ଟି କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ସର୍ବୋପରି। ଏଠାରେ ହାସଲ କରାଯାଇଥିବା ସୁଫଳର ମାତ୍ରା ସ୍ପଷ୍ଟ। ଯେତେବେଳେ ମହିଳାମାନେ ନିଷ୍ପତ୍ତି ଗ୍ରହଣ, ପୁଷ୍ଟି ଉନ୍ନତିକରଣ ଏବଂ ଗୋଷ୍ଠୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତି, ସେତେବେଳେ ସେମାନେ ଅଧିକ ସହନଶୀଳ ହୋଇଥାନ୍ତି। ଏହା କେବଳ ଏକ ମନ୍ତବ୍ୟ ନୁହେଁ। ଏଥିରେ ବାସ୍ତବତା ରହିଛି। ଝାଡ଼ଖଣ୍ଡର ମହିଳା କୃଷକମାନେ ବିଭିନ୍ନ ପ୍ରକାର ବିହନ କିସମ ସଂପର୍କରେ ଅଧିକ ମାତ୍ରାରେ ଅବଗତ। ସେଥିପାଇଁ ଯେତେବେଳେ ସେଠାରେ ମରୁଡ଼ି ଭଳି ପରିସ୍ଥିତି ଉପୁଜେ, ସେମାନେ ନିଜର ପାରମ୍ପରିକ ଜ୍ଞାନ ବଳରେ ଫସଲର ସୁରକ୍ଷା କରିପାରିଥାନ୍ତି। ରାଜସ୍ଥାନର ମହିଳା ଗୋ-ଚାଳକମାନେ ସ୍ଥାନାନ୍ତରଣର ମାର୍ଗକୁ ଉତ୍ତମ ରୂପେ ଚିହ୍ନିଥାନ୍ତି। ମରୁଡ଼ି ସମୟରେ ସେମାନେ ନିଜର ଗୃହପାଳିତ ପଶୁପକ୍ଷୀମାନଙ୍କୁ ସେହି ମାର୍ଗରେ ନେଇ ସୁରକ୍ଷିତ ରଖିଥାନ୍ତି। ଭାରତର ଦାୟିତ୍ୱ ହେଲା ଏପରି ଏକ ଅନୁଷ୍ଠାନ ନିର୍ମାଣ କରିବା, ଯାହା ନିଜର ବିଶେଷତାକୁ ବ୍ୟବହାର କରି ସେଥିରୁ ସୁଫଳ ପାଇପାରିବ। ଏହାକୁ ଏଡ଼ାଇ ଯିବା ଭାରତର ଚିନ୍ତାଧାରା ନୁହେଁ। ମିଶନ ପୋଷଣ ୨.୦କୁ ବର୍ତ୍ତମାନ ଅଙ୍ଗନୱାଡ଼ି ନେଟୱାର୍କ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ସେଥିପାଇଁ ମହିଳାମାନଙ୍କୁ ମୁତୟନ କରାଯାଇଛି। ସେମାନେ ହେଉଛନ୍ତି ଏହାର ସର୍ବଶ୍ରେଷ୍ଠ ପ୍ରବର୍ତ୍ତକ। ଦୂରତମ ସ୍ଥାନରେ ଥିବା ପ୍ରତିକୂଳ ପାଣିପାଗ ବା ଜଳବାୟୁ ମଧ୍ୟରେ ସେମାନେ ଏହି କାର୍ଯ୍ୟକ୍ରମକୁ ସାକାର କରିଥାନ୍ତି। ସୁଉଚ୍ଚ ପାହାଡ଼ିଆ ଅଞ୍ଚଳଠାରୁ ଆରମ୍ଭ କରି ଯେକୌଣସି ସ୍ଥାନରେ ଜଳ ଅମଳ ସଂସାଧନ ନିର୍ମାଣ କରିବା ହେଉଛି ଲଦାଖର ମହିଳାମାନଙ୍କ ବିଶେଷତା। ଓଡ଼ିଶା ଉପକୂଳରେ ହେନ୍ତାଳ ବଣର ସୁରକ୍ଷା ନିମନ୍ତେ ମହିଳାମାନଙ୍କ ଗୋଷ୍ଠୀ ଗଠନ ଏହାର ଅନ୍ୟ ଏକ ଉଦାହରଣ। ସେହିଭଳି ମହିଳାମାନେ ଯେକୌଣସି ନୂଆ ପ୍ରଯୁକ୍ତିକୁ କେବଳ ଗ୍ରହଣ କରିନଥାନ୍ତି, ସେଥିସହିତ ନିଜକୁ ଉତ୍ତମ ରୂପେ ସାମିଲ କରିଥାନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ନମୋ ଡ୍ରୋନ ଦିଦି ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେମାନଙ୍କୁ କୃଷି କ୍ଷେତ୍ରରେ ଡ୍ରୋନ୍ ଉଡାଣ ତାଲିମ ଦିଆଯାଉଛି। ଯାହାକି ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କୁ ଅତିମାତ୍ରାରେ କୁଶଳୀ ଏବଂ ଉପାର୍ଜନକ୍ଷମ କରିପାରୁଛି।

ଏଭଳି ବିକାଶର ଗୋଟିଏ ଖିଅ ଭାରତର ନିଜସ୍ୱ। ଏକ ଜିଲ୍ଲା- ଏକ ଉତ୍ପାଦ ଅଭିଯାନ ମାଧ୍ୟମରେ ବର୍ତ୍ତମାନ ୧,୧୦୨ ଗୋଟି ଉତ୍ପାଦ ଦେଶର ୭୬୧ଟି ଜିଲ୍ଲାରେ ଉତ୍ପାଦନ କରାଯାଉଛି। ସ୍ଥାନୀୟ ବିଶେଷତା ମହିଳା ଗୋଷ୍ଠୀରେ ରୂପାନ୍ତରିତ ହୋଇଛି। ତାହା ହସ୍ତତନ୍ତ, ଜିଆଇ ଟ୍ୟାଗ୍‌ଯୁକ୍ତ କଳାକୃତି, ଆଞ୍ଚଳିକ ଖାଦ୍ୟ ଭଳି ସାମଗ୍ରୀକୁ ବ୍ରାଣ୍ଡଯୁକ୍ତ କରିବାରେ ସେମାନେ ସାଧନ ପାଲଟିଛନ୍ତି। ଏହା ଫଳରେ ଏହିସବୁ ଉତ୍ପାଦ ଏବେ ରପ୍ତାନୀଯୋଗ୍ୟ ହୋଇପାରିଛି। ସରକାର ବଜାର ସୁବିଧା ପାଇଁ ଅନ୍ୟ ବ୍ୟବସ୍ଥା କରିଛନ୍ତି। ବିମାନବନ୍ଦର ଗୁଡ଼ିକରେ ଏହାର ଖୁଚୁରା ଆଉଟଲେଟ୍‌କୁ ଅବସର ଯୋଜନା ଅଧୀନରେ ସ୍ଥାନୀତ କରାଯାଇଛି। ମହିଳା ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଭୋକାଲ ଫର୍ ଲୋକାଲ ଅଧୀନରେ ଏକ ଉତ୍ସର୍ଗୀକୃତ ଜିଏମ୍ ଷ୍ଟୋର ଫଣ୍ଡ ପ୍ରାପ୍ତ ହୋଇଛି। ଏହାକୁ ଆକ୍ଷରିତ ଅର୍ଥରେ ପୋଷଣୀୟତାର ସର୍ବଶ୍ରେଷ୍ଠ ଉଦାହରଣ ବୋଲି କୁହାଯାଇପାରେ। ସ୍ଥାନୀୟ ସାମଗ୍ରୀ, ସ୍ଥାନୀୟ କଳା ଓ କୌଶଳ ଏବଂ ସ୍ଥାନୀୟ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଗୋଷ୍ଠୀ ଭିତରେ ଥିବା ମୂଲ୍ୟକୁ ସଂଗ୍ରହ କରାଯାଇପାରୁଛି ଏବଂ ଏହା ବିକାଶର ଏକ ରୂପଧାରଣ କରିଛି। ଏହା ଫଳରେ ମହିଳାମାନେ ବଜାରରେ ପହଞ୍ଚିବା ପାଇଁ ଆଉ ନିଜ ନିଜ ଜିଲ୍ଲା ଛାଡ଼ି ଅନ୍ୟତ୍ର ଯିବାକୁ ପଡୁନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁପରିକଳ୍ପିତ ଚିନ୍ତାଧାରା ଅଧୀନରେ ମହିଳା ନେତୃତ୍ୱାଧୀନ ବିକାଶ କେବଳ ଏକ ଆକାଂକ୍ଷା ଭାବେ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇ ନାହିଁ। ଏକ ବ୍ୟବସ୍ଥା ଭାବେ ଏହା ନିର୍ମିତ ହୋଇଛି। ପ୍ରତି ସାଧନ ଏଥିରେ ସାମିଲ କରାଯାଇଛି। ସମାଜର ଶେଷତମ ମହିଳାଙ୍କ ନିକଟରେ ପହଞ୍ଚିଯିବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଚଳିତବର୍ଷ ଜୁଲାଇରେ କୋଚିଠାରେ ଆୟୋଜିତ ମନ୍ତ୍ରୀସ୍ତରୀୟ ବୈଠକରେ ଭାରତ ଏହି ଢାଞ୍ଚାକୁ ନିଜର ଅବଦାନ ରୂପେ ଉପସ୍ଥାପନ କରିବ। ଏହା ଏକ ପରିପତ୍ର ଭାବେ ଅନ୍ୟମାନେ ଯାହା ଗ୍ରହଣ କରିବେ ତାହା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ନିଜର ସ୍ଥିତିକୁ ଆହରଣ କରିବାର ଏହା ଏକ ଅଭିନବ ଉପାୟ। ଏହା ଏଭଳି ଏକ ବ୍ୟବସ୍ଥା ଏବଂ ଏହା ପ୍ରମାଣସିଦ୍ଧ ହୋଇଛି ଯେ ଭାରତ ଯାହା ନିଜେ ହାସଲ କରିଛି ତାହା ବ୍ରିକ୍ସକୁ ବାଣ୍ଟିବାକୁ ଚାହେଁ। ଆଦାନ ପ୍ରଦାନ ସର୍ବଦା ଦ୍ୱିପାକ୍ଷିକ: ଭାରତ ବ୍ରିକ୍ସ ରାଷ୍ଟ୍ରର ସହଭାଗୀମାନଙ୍କଠାରୁ କିଛି ଶିକ୍ଷା ଲାଭ କରିବାକୁ ଚାହେଁ ଏବଂ ସେମାନଙ୍କ ସହ ନିଜର ଅନୁଭୂତିକୁ ମଧ୍ୟ ବାଣ୍ଟିବାକୁ ଆଗ୍ରହୀ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୪ ଜୁଲାଇ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ସହ ରାଜସ୍ୱ ମନ୍ତ୍ରୀଙ୍କ ଆଲୋଚନା

# କାର୍ଯ୍ୟ ପରିଚାଳନାକୁ ଅଧିକ ସୁଗମ ଓ ଦକ୍ଷ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩।୭

ନ୍ୟୁଜ୍‌ବ୍ୟୁରୋ

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସଦସ୍ୟବୃନ୍ଦଙ୍କ ସହ ବୈଠକରେ ଆଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ରାଜସ୍ୱ ନିରୀକ୍ଷକ (ଆରଆଇ), ଅତିରିକ୍ତ ରାଜସ୍ୱ ନିରୀକ୍ଷକ (ଏଆରଆଇ), ଅମୀନ ତଥା ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ସହିତ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଆନୁସାଙ୍ଗିକ ସୁବିଧାସୁଯୋଗ ଯୋଗାଇଦେବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକର ଆଗାମୀ ଦିନରେ ଆରଆଇ ସର୍କଲ୍‌ଗୁଡ଼ିକର ପରିଧି ହ୍ରାସ କରି କାର୍ଯ୍ୟ ପରିଚାଳନାକୁ ଅଧିକ ସୁଗମ ଓ ଦକ୍ଷ କରିବା, ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆନୁସଙ୍ଗିକ କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ପାଣ୍ଠି ପ୍ରଦାନ, ବିଭିନ୍ନ ପଦବୀରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଚୟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସୁଦୃଢ଼ ଏବଂ ସରଳ କରିବା ଏବଂ କ୍ଷେତ୍ର ପରିଦର୍ଶନ ପାଇଁ ଆବଶ୍ୟକୀୟ ଖର୍ଚ୍ଚ ବହନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସେହିପରି ଅଧିକାରୀ ଓ କର୍ମଚାରୀଙ୍କ ପଦୋନ୍ନତିକୁ ବ୍ୟବସ୍ଥିତ କରିବା ଏବଂ କ୍ୟାଡର୍ ରୁଲ୍ ସଂଶୋଧନ ତଥା କ୍ୟାଡର୍ ପୁନର୍ଗଠନ ସମ୍ପର୍କିତ ପ୍ରସ୍ତାବଗୁଡ଼ିକର ବିଚାର କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ନିଜର ଦାୟିତ୍ୱ ନିଷ୍ଠା ଓ ସଚ୍ଚୋଟତାର ସହିତ ସମ୍ପାଦନ କରିବା ସହ ସାଧାରଣ ଜନତାଙ୍କ ନିକଟରେ ରାଜସ୍ୱ ସେବାକୁ ଅଧିକ ସହଜରେ ପହଞ୍ଚାଇବା ଦିଗରେ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ସେମାନଙ୍କ ସମସ୍ୟାର ସମ୍ବେଦନଶୀଳ ବିଚାର ସହ ସମାଧାନ ପାଇଁ ସକରାତ୍ମକ ଆଶ୍ୱାସନା ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଏବଂ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ।

# ଡିଜିଟାଲ ଆରେଷ୍ଟ ନେଇ କମିଶନରେଟ ପୋଲିସର ସତର୍କବାର୍ତ୍ତା

ଭୁବନେଶ୍ୱର,୩।୭

ନ୍ୟୁଜ୍‌ବ୍ୟୁରୋ




ଡିଜିଟାଲ ଆରେଷ୍ଟ ନେଇ ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ସତର୍କବାର୍ତ୍ତା ଜାରି କରିଛି। ଡିଜିଟାଲ ଆରେଷ୍ଟ ଏକ ବଡ଼ ଠକେଇ ବୋଲି କହିଛି କମିଶନରେଟ ପୋଲିସ।

ପୋଲିସ ପକ୍ଷରୁ କୁହାଯାଇଛି ଯେ,ଭାରତରେ 'ଡିଜିଟାଲ ଆରେଷ୍ଟ' ବୋଲି କୌଣସି ଆଇନଗତ ବ୍ୟବସ୍ଥା ନାହିଁ। ପୋଲିସ କିମ୍ବା କୌଣସି ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଡିଜିଟାଲ ଆରେଷ୍ଟ କରନ୍ତିନି। ଭିଡିଓ କଲ୍ କିମ୍ବା ମେସେଜ୍ ମାଧ୍ୟମରେ କେବେ କାହାକୁ ଗିରଫ କରନ୍ତି ନାହିଁ। ତଦନ୍ତକାରୀ ସଂସ୍ଥା କୌଣସି ଆପ୍‌ରେ ଯୋଗଦେବାକୁ କେବେ ହେଲେ କହିନଥାନ୍ତି। ସନ୍ଦେହଜନକ ଫୋନ୍ କଲ୍ ଆସିଲେ ସଙ୍ଗେ ସଙ୍ଗେ କଲ୍ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଜଣା ବ୍ୟକ୍ତିଙ୍କ କଥାରେ କେବେ ଟଙ୍କା ପଠାନ୍ତୁ ନାହିଁ, ଏଫଡି କିମ୍ବା ପିପିଏଫ ଭାଙ୍ଗନ୍ତୁ ନାହିଁ। ଓଟିପି, ପିନ୍ ପାସୱାର୍ଡ କିମ୍ବା ବ୍ୟାଙ୍କିଂ ସୂଚନା କାହା ସହ ସେୟାର କରନ୍ତୁ ନାହିଁ। ତୁରନ୍ତ ୧୯୩୦ (ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍)କୁ କଲ୍ କରନ୍ତୁ। ସାଇବର କ୍ରାଇମର ସରକାରୀ ୱେବସାଇଟ୍‌ରେ ଅଭିଯୋଗ କରିପାରିବେ। ସାଇବର କ୍ରାଇମ୍ ଓ ଆର୍ଥିକ ଅପରାଧ ଥାନା ସହ ଯୋଗାଯୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଓଏଏସ୍ ବରିଷ୍ଠତା ବିବାଦ ମାମଲା

# ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକାର କାର୍ଯ୍ୟକାରିତା ଉପରେ ରୋକ ଲଗାଇଲେ ହାଇକୋର୍ଟ

କଟକ,୩।୭

ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଗ୍ରୁପ୍-ଏ (ଜେବି) ଅଧିକାରୀଙ୍କ ମଧ୍ୟରେ ବହୁ ଦିନରୁ ଲାଗି ରହିଥିବା ବରିଷ୍ଠତା ବିବାଦ ମାମଲାରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। କୋର୍ଟ ଏହି ମାମଲାରେ ପ୍ରକାଶିତ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା କାର୍ଯ୍ୟକାରୀ କରିବା ଉପରେ ରୋକ୍ ଲଗାଇଛନ୍ତି। ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକାଧିକ ରିଟ୍ ଆପିଲ୍‌ର ଶୁଣାଣି କରି ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୧ ମସିହାରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପରୀକ୍ଷା ମାଧ୍ୟମରେ ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କୁ ବିଭିନ୍ନ ଆଇନଗତ ବିବାଦ କାରଣରୁ ୨୦୧୬ ମସିହାରେ ନିଯୁକ୍ତି ମିଳିଥିଲା; କିନ୍ତୁ ଏହି ମଧ୍ୟବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୫ ମସିହାରେ ବିଭାଗୀୟ ପଦୋନ୍ନତି ମାଧ୍ୟମରେ କିଛି ଅଧିକାରୀ ଓଏଏସ୍ (ଗ୍ରୁପ୍-ଏ, ଜେବି) ପଦକୁ ପଦୋନ୍ନତି ପାଇଥିଲେ। ପରବର୍ତ୍ତୀ ସମୟରେ ସିଧାସଳଖ ନିଯୁକ୍ତିପ୍ରାପ୍ତ ଓ ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କ ମଧ୍ୟରେ କାହାକୁ ବରିଷ୍ଠତାରେ ଆଗରେ ରଖାଯିବ, ତାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସରକାର ପ୍ରକାଶ କରିଥିବା ଚୂଡ଼ାନ୍ତ ଗ୍ରେଡେସନ ତାଲିକାରେ ୨୦୧୬ରେ ନିଯୁକ୍ତି ପାଇଥିବା ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀମାନଙ୍କୁ ୨୦୧୫ରେ ପଦୋନ୍ନତି ପାଇଥିବା ଅଧିକାରୀଙ୍କଠାରୁ ଉପରେ ସ୍ଥାନ ଦିଆଯାଇଥିଲା। ଏହାକୁ ପଦୋନ୍ନତିପ୍ରାପ୍ତ ଅଧିକାରୀମାନେ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ।



ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଜଣକିଆ ବିଚାରପତି ଗ୍ରେଡେସନ ତାଲିକାକୁ ପୁନଃବିଚାର କରି ପଦୋନ୍ନତିପ୍ରାପ୍ତ ଅଧିକାରୀମାନଙ୍କୁ ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କଠାରୁ ଉପରେ ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚାଲେଞ୍ଜ କରି ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀମାନେ ବର୍ତ୍ତମାନ ହାଇକୋର୍ଟଙ୍କ ଖଣ୍ଡପୀଠରେ ରିଟ୍ ଅପିଲ୍ ଦାଖଲ କରିଛନ୍ତି। ଖଣ୍ଡପୀଠ ମାମଲାର ଶୁଣାଣି ବେଳେ କହିଛନ୍ତି ଯେ ମୁଖ୍ୟ ପ୍ରଶ୍ନ ହେଉଛି 'ନିଯୁକ୍ତି ବର୍ଷ' (ରିକ୍ରୁଟ୍‌ମେଣ୍ଟ ଇୟର)ର ବ୍ୟାଖ୍ୟା। ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଲେ ଅଧିକାରୀଙ୍କୁ ନିଯୁକ୍ତି ବିଜ୍ଞପ୍ତି ବର୍ଷରୁ କ୍ୟାଡରରେ ଗଣନା କରାଯିବ ନା କି ପ୍ରକୃତ ନିଯୁକ୍ତି ତାରିଖରୁ ସେହି ପ୍ରସଙ୍ଗର ଆଇନଗତ ବ୍ୟାଖ୍ୟା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଅଦାଲତ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକାର କାର୍ଯ୍ୟକାରିତା ଉପରେ ରୋକ ଲଗାଇଛନ୍ତି। ଏହି ସମୟ ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆଯାଇଥାଏ, ତାହା ଏହି ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୭ରେ ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି। ଏହି ମାମଲାରେ ଆବେଦନକାରୀ ହେମବନ୍ତୀ ପାତ୍ର, ସିଦ୍ଧାର୍ଥ ଶଙ୍କରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ଓ କର୍ଣ୍ଣଦେବ ସମାଦାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଛନ୍ତି।

# 'ଦି ଲାନସେଟ୍'ରେ ସ୍ଥାନ ପାଇଲା କିଟ୍ ଗବେଷକଙ୍କ ନିବନ୍ଧ

ଭୁବନେଶ୍ୱର,୩।୭

ନ୍ୟୁଜ୍‌ବ୍ୟୁରୋ

କିଟ୍ ଗବେଷକମାନଙ୍କ ଦ୍ୱାରା ଲିଖିତ ଏକ ନିବନ୍ଧ 'ଦି ଲାନସେଟ୍'ରେ ପ୍ରକାଶିତ ହୋଇଛି। ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ସ୍ତନ କର୍କଟ ସ୍କ୍ରିନିଂ ମୂଲ୍ୟାଙ୍କନ କରିବା ସମୟରେ ବୟସ-ସମ୍ବନ୍ଧୀୟ ଟ୍ୟୁମର ଜୀବବିଜ୍ଞାନକୁ ବିଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଜୈବିକ ପାର୍ଥକ୍ୟଗୁଡ଼ିକୁ ସାମିଲ କରିବା ଦ୍ୱାରା ଏଆଇ-ଆଧାରିତ ମାମୋଗ୍ରାଫି କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାଙ୍କନ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ।



ଏହା ଉପରେ ମତ ଦେଇ କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ନିର୍ଦ୍ଦେଶକ ଡା ରମ୍ୟା ପିନ୍ନାମାନେନି, ଆସୋସିଏଟ୍ ପ୍ରଫେସର ଡା. ପ୍ରତାପ କୁମାର ଜେନା ଏବଂ ପିଏଚଡି ଗବେଷକ ସବ୍ୟସାଚୀ ଶୁକ୍ଲା କହିଲେ, କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାମୋଗ୍ରାଫି ଉପକରଣଗୁଡ଼ିକୁ କେବଳ ସେମାନଙ୍କର ବୈଷୟିକ କାର୍ଯ୍ୟଦକ୍ଷତା ଉପରେ ଆଧାର କରି ମୂଲ୍ୟାଙ୍କନ କରିବା ଉଚିତ୍ ନୁହେଁ। ବରଂ, ସ୍ତନ କର୍କଟ ସ୍କ୍ରିନିଂର ପ୍ରଭାବଶାଳୀତା ସଂପର୍କରେ ଅଧିକ ନିର୍ଭରଯୋଗ୍ୟ ପ୍ରମାଣ ପାଇବା ପାଇଁ, ବିଭିନ୍ନ ବୟସ ଗୋଷ୍ଠୀ ମଧ୍ୟରେ ଟ୍ୟୁମର ବୃଦ୍ଧିରେ ଥିବା ଜୈବିକ ପାର୍ଥକ୍ୟକୁ ବିଚାର କରିବା ଆବଶ୍ୟକ।

ସ୍ୱିଡେନରେ ହୋଇଥିବା ଏମ୍‌ଏଏସ୍‌ଏଆଇ ପରୀକ୍ଷଣ ନିଷ୍କର୍ଷ ଆଧାରରେ ସ୍ତନ କର୍କଟ ଚିହ୍ନଟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ମୂଲ୍ୟାଙ୍କନ କରୁଥିବା ବିଶ୍ୱର ସର୍ବବୃହତ ଅଧ୍ୟୟନ ମଧ୍ୟରୁ ଏହା ଅନ୍ୟତମ। ପରୀକ୍ଷଣରେ ଦର୍ଶାଯାଇଥିଲା ଯେ ଏଆଇ-ସହାୟତାପ୍ରାପ୍ତ ସ୍କ୍ରିନିଂ ଅଧିକ କର୍କଟ ଚିହ୍ନଟ କରିଛି ଏବଂ ରେଡିଓଲୋଜିଷ୍ଟମାନଙ୍କ ଦ୍ୱାରା ବ୍ୟବହୃତ ପାରମ୍ପରିକ 'ଡବଲ-ରିଡିଂ' ପଦ୍ଧତି ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ଏହା ଉପରେ କିଟ୍ ଗବେଷଣା ଦଳ ଯୁକ୍ତି ଦେଇଛନ୍ତି ଯେ ଅଧ୍ୟୟନ ଟ୍ୟୁମରର ଜୈବିକ ବୈଶିଷ୍ଟ୍ୟରେ ବୟସ-ସମ୍ବନ୍ଧୀୟ ପାର୍ଥକ୍ୟକୁ ପର୍ଯ୍ୟାପ୍ତ ବିଚାର କରାଯାଇନାହିଁ।

ଗବେଷକଙ୍କ ଅନୁସାରେ, ସବୁ ବୟସର ମହିଳାଙ୍କୁ ସମାନ ଭାବରେ ସ୍ତନ କର୍କଟ ଆକ୍ରାନ୍ତ କରେନାହିଁ। ଯୁବାବସ୍ଥାରେ ଟ୍ୟୁମରଗୁଡ଼ିକ ପ୍ରାୟତଃ ଦ୍ରୁତ ଗତିରେ ବୃଦ୍ଧି ପାଏ, ଯେତେବେଳେ ବୟସ୍କ ମହିଳାଙ୍କଠାରେ ଟ୍ୟୁମରଗୁଡ଼ିକ ସାଧାରଣତଃ ଧୀରେ ବଢ଼ିଥାଏ ଏବଂ ଦୀର୍ଘ ସମୟ ପରେ ଚିହ୍ନଟଯୋଗ୍ୟ ହୋଇଥାଏ। ଡା. ପ୍ରତାପ ଜେନା ଉଲ୍ଲେଖ କରିଛନ୍ତି ଯେ ଏଆଇ ମୂଲ୍ୟାଙ୍କନ ଢାଞ୍ଚାରେ ଜୈବିକ କାରକଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ପୂର୍ବାନୁମାନ ସଠିକତା ବୃଦ୍ଧି ପାଇପାରେ ଏବଂ ଏଆଇ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନରେ ତ୍ରୁଟି ହ୍ରାସ ପାଇପାରେ। ଏହାକୁ ଦୃଷ୍ଟିରେ ରଖି, ଗବେଷକମାନେ ପରାମର୍ଶ ଦେଇଛନ୍ତି ଯେ ଏଆଇ-ସହାୟତାପ୍ରାପ୍ତ ମାମୋଗ୍ରାଫି ଉପରେ ଭବିଷ୍ୟତର ଅଧ୍ୟୟନରେ ଗାଣିତିକ ମଡେଲଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉଚିତ ଯାହା କର୍କଟ ପ୍ରଗତିରେ ବୟସ-ସମ୍ବନ୍ଧୀୟ ପରିବର୍ତ୍ତନ ଜଣାପଡ଼ିବ।

# ଚୌଦ୍ୱାର ଜେଲ୍‌ରେ ୫ କଏଦୀ ଏଚଆଇଭି ପଜିଟିଭ

କଟକ,୩।୭

ନ୍ୟୁଜ୍‌ବ୍ୟୁରୋ



କଟକର ଚୌଦ୍ୱାର ଜେଲ୍‌ରେ ୫ ଜଣ କଏଦୀ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନଙ୍କ ମଧ୍ୟରୁ ୨ ଜଣ ସଜାପ୍ରାପ୍ତ କଏଦୀ ଥିବାବେଳେ ଅନ୍ୟ ୩ ଜଣ ବିଚାରାଧୀନ କଏଦୀ ବୋଲି ଜେଲ୍ ଅଧୀକ୍ଷକ ସୁଜିତ ରାଉଳ ସୂଚନା ଦେଇଛନ୍ତି। ଜେଲ୍ ଅଧୀକ୍ଷକଙ୍କ କହିବା ଅନୁଯାୟୀ, ଆକ୍ରାନ୍ତ କଏଦୀମାନଙ୍କୁ ଜେଲ୍‌ର ସ୍ୱତନ୍ତ୍ର ୱାର୍ଡରେ ରଖାଯାଇ ନିୟମିତ ଚିକିତ୍ସା ଯୋଗାଇ ଦିଆଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଜଣେ ଡାକ୍ତର ଓ ଦୁଇଜଣ ଫାର୍ମାସିଷ୍ଟ ନିରନ୍ତର ନଜର ରଖୁଛନ୍ତି। ଅଧିକ ଚିକିତ୍ସା ଓ ପରାମର୍ଶ ପାଇଁ ସେମାନଙ୍କୁ କଟକ ବଡ଼ ମେଡିକାଲର ଏଆରଟି ସେଣ୍ଟରକୁ ମାସକୁ ଥରେ କିମ୍ବା ଦୁଇଥର ପଠାଯାଉଛି। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ନିୟମିତ ଯାଞ୍ଚ କରିବା ସହ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଶ୍ରୀ ରାଉଳ ଆହୁରି କହିଛନ୍ତି, ବିଭିନ୍ନ ମାମଲାରେ ଗିରଫ ହୋଇ କାରାଗାରକୁ ଆସୁଥିବା ସମସ୍ତ ଅଭିଯୁକ୍ତ ଓ କଏଦୀଙ୍କର ପ୍ରଥମେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। କୌଣସି ସଂକ୍ରାମକ କିମ୍ବା ଅନ୍ୟ ଗୁରୁତର ରୋଗ ଚିହ୍ନଟ ହେଲେ, ସେହି ଅନୁଯାୟୀ ସେମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଏବଂ ଆବଶ୍ୟକ ନିରୀକ୍ଷଣରେ ରଖାଯାଇଥାଏ।

## ଏସ୍‌ସିବି ମେଡ଼ିକାଲରେ ଜମି ରହିଛି ବର୍ଷା ପାଣି : ରୋଗୀ ହନ୍ତସନ୍ତ

କଟକ,୩।୭

ନ୍ୟୁଜ୍‌ବ୍ୟୁରୋ

ସାରା ରାଜ୍ୟରେ ଏବେ ଲଗାଣ ବର୍ଷା ଜାରି ରହିଛି। କଟକରେ ମଧ୍ୟ ଦୁଇ ଦିନ ଧରି ଚାଲୁ ରହିଛି ବର୍ଷା। ଏହି ବର୍ଷାର ପ୍ରଭାବ ଯୋଗୁଁ କଟକ ବଡ଼ ମେଡିକାଲ ପରିସରରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ମେଡିକାଲର ବିଭିନ୍ନ ଅଞ୍ଚଳରେ ବର୍ଷା ପାଣି ଜମା ହୋଇ ରହିଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କିଛି ୱାର୍ଡ ଓ ରାସ୍ତାରେ ପାଣି ଜମି ଥିବାରୁ ଯାତାୟାତ ମଧ୍ୟ ବ୍ୟାହତ ହୋଇଥିବା ଦେଖିବାକୁ ମିଳିଛି। ଡ୍ରେନ୍ ସଫା ଠିକ୍ ଭାବରେ ହୋଇନଥିବାରୁ ବର୍ଷା ପାଣି ସଠିକ ଭାବେ ନିଷ୍କାସନ ହେଉନାହିଁ ଯାହାକୁ ନେଇ ବର୍ଷା ପାଣି ଜମି ରହୁଥିବା ଅଭିଯୋଗ ହେଉଛି। ଫଳରେ ମେଡିକାଲ ପରିସରରେ ଜଳବନ୍ଦୀ ପରିସ୍ଥିତି ବା କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରୋଗୀମାନେ ଚିକିତ୍ସା ସେବା ସହ ଦୈନନ୍ଦିନ ଯାତାୟାତରେ ମଧ୍ୟ କଷ୍ଟଭୋଗ କରୁଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର ଡ୍ରେନ୍ ସଫାଇ ଓ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି କରାଯାଉଛି।

# କୃଷି ବିଭାଗ ପକ୍ଷରୁ ୪ଟି ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୩।୭

ନ୍ୟୁଜ୍‌ବ୍ୟୁରୋ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୪ଟି ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ (ଓଏଆଇସି), ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ (ଆପିକଲ), ଓଡ଼ିଶା ରାଜ୍ୟ ବିହନ ନିଗମ (ଓଏସଏସସି) ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ (ଓଏସସିଡିସିଏଲ) ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ବିଭାଗ ସହ ସମନ୍ୱୟ ରକ୍ଷା କରି ଏକାଠି କାମ କରିବା ପାଇଁ ନିଗମଗୁଡିକୁ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଏବଂ ନିଗମଗୁଡ଼ିକର ଅଧକ୍ଷ ସଚିନ ରାମଚନ୍ଦ୍ର ଜାଧବଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବୁଝାମଣା ପତ୍ରଗୁଡ଼ିକରେ ନିଗମଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଏବଂ କୃଷି ବିଭାଗର ପ୍ରତିନିଧି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ନିଗମ ଗୁଡିକର ପୂର୍ବ ବର୍ଷଗୁଡିକର ସଫଳତା ଏବଂ ଆଗାମୀ ଟାର୍ଗେଟ୍ ନେଇ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି।




ଚୁକ୍ତିନାମା ଅନୁଯାୟୀ, ଚଳିତ ବର୍ଷ ଓଏଆଇସି ପକ୍ଷରୁ ୫୪,୦୦୦ ଟନ୍ ସାର, ୮,୪୦୦ ଟ୍ରାକ୍ଟର, ୧,୨୦୦ ପାୱାର୍ ଟିଲର୍ ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ସହିତ 'ଜଳନିଧି' ଯୋଜନା ଅଧୀନରେ ୬,୨୪୦ଟି ବିଦ୍ୟୁତ-ଚାଳିତ ଉଠା ଜଳସେଚନ ପଏଣ୍ଟ, ୧,୨୦୦ଟି ସାଲୋ ଟ୍ୟୁବୱେଲ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଏବଂ ପ୍ରାୟ ୨୪ କୋଟି ଟଙ୍କାର ଉଦ୍ୟାନ କୃଷି ସାମଗ୍ରୀ ବିକ୍ରି କରିବାକୁ ଓଏଆଇସି ଲକ୍ଷ୍ୟ ରଖିଛି। ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୧,୨୦୦ କୋଟି ଟଙ୍କାର ଟର୍ଣ୍ଣଓଭର ପାଇଁ ଲକ୍ଷ୍ୟ ରଖାଯାଇଛି। ନିଗମକୁ ଆଡଭାନ୍ସ ଟେକ୍ନୋଲୋଜିର ଅଧିକ ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେହିପରି ଆପିକଲ୍ ଆର୍ଥିକ ବର୍ଷ ୨୦୨୬-୨୭ ମଧ୍ୟରେ ୧,୬୫୯ଟି ବାଣିଜ୍ୟିକ ପ୍ରତିଷ୍ଠାନ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଥିପାଇଁ ୩୩୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସହାୟତା ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ଏଥିମଧ୍ୟରୁ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ପାଇଁ ୩୦୦ କୋଟି ଟଙ୍କା ଏବଂ ଶୀତଳ ଭଣ୍ଡାରଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ୩୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଫଏସିଏସ୍ ଯୋଜନା ପାଇଁ ଜିଲ୍ଲାରୁ ଅଧିକ ପ୍ରସ୍ତାବ ଆସିବା ଉପରେ ଗୁରୁତ୍ୱ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ।

ଆର୍ଥିକ ବର୍ଷ ୨୦୨୬-୨୭ ମଧ୍ୟରେ, କାଜୁ ଚାଷକୁ ଅଧିକ ମଜବୁତ କରିବା ପାଇଁ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ (ଓଏସସିଡିସିଏଲ) ପକ୍ଷରୁ ୫୦୦ ହେକ୍ଟର ଜମିରେ ହାଇବ୍ରିଡ୍ କାଜୁର ପୁନଃ-ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହା ସହିତ ପୂର୍ବରୁ କରାଯାଇଥିବା ୭୬୧.୨୨ ହେକ୍ଟର ଜମିର କାଜୁ ବଗିଚାର ତୃତୀୟ ଓ ଚତୁର୍ଥ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ କରାଯିବ। ନିଗମକୁ ବ୍ରାଣ୍ଡିଂ ଏବଂ ମାର୍କେଟିଂ ଉପରେ ଅଧିକ ଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ।

ସେହିପରି, ଓଡ଼ିଶା ରାଜ୍ୟ ବିହନ ନିଗମ (ଓଏସଏସସି) ସହିତ ହୋଇଥିବା ସହଭାଗିତାର ମୂଳ ଲକ୍ଷ୍ୟ ହେଉଛି ରାଜ୍ୟରେ ବିହନ ଉତ୍ପାଦନ ଏବଂ ଯୋଗାଣ ବ୍ୟବସ୍ଥାକୁ ଅଧିକ ମଜବୁତ କରିବା। ଏହି ଚୁକ୍ତିନାମା ଅଧୀନରେ ଅଧିକ ଅମଳକ୍ଷମ ଏବଂ ଜଳବାୟୁ-ସହନଶୀଳ ବିହନ କିସମର ପ୍ରଚଳନ କରାଯିବ। ଏହା ସହିତ ସରକାରୀ ଅଧିକାରୀ ଓ ବିହନ ଚାଷୀମାନଙ୍କ ପାଇଁ ମିଳିତ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ନିଗମକୁ ସ୍ୱଳ୍ପ ଅବଧି ବିଶିଷ୍ଟ ଫସଲ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଉପମୁଖ୍ୟମନ୍ତ୍ରୀ କହିଥିଲେ।

# ରାଜ୍ୟ ସରକାରଙ୍କୁ ଓପିଏଚଡବ୍ଲୁସି ପକ୍ଷରୁ ୨୧.୨୮ କୋଟି ଟଙ୍କାର ଲାଭାଂଶ ପ୍ରଦାନ

ଭୁବନେଶ୍ୱର,୩।୭:ନ୍ୟୁଜ୍‌ବ୍ୟୁରୋ

ଗୃହ ବିଭାଗ, ଓଡ଼ିଶା ସରକାର ଅଧୀନସ୍ଥ ରାଜ୍ୟ ସରକାରୀ ଉଦ୍ୟୋଗ, ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ (ଓପିଏଚଡବ୍ଲୁସି) ପକ୍ଷରୁ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଓଡ଼ିଶା ସରକାରଙ୍କୁ ୨୧.୨୮ କୋଟି ଟଙ୍କା ଲାଭାଂଶ ପ୍ରଦାନ କରାଯାଇଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ, ସୌମ୍ୟେନ୍ଦ୍ର କୁମାର ପ୍ରିୟଦର୍ଶୀ, ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ଲାଭାଂଶର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରାଧା କିଶନ୍ ଶର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆର୍ଥିକ ବର୍ଷ ୨୦୨୫-୨୬ରେ ନିଗମ ପ୍ରାୟ ୧,୫୨୦ କୋଟି ଟଙ୍କାର କାରବାର କରିଥିବା ବେଳେ ଏହା ପୂର୍ବ ବର୍ଷର ୧,୩୬୬ କୋଟି ଟଙ୍କା କାରବାର ତୁଳନାରେ ପ୍ରାୟ ୧୧ ଶତକଡା ବୃଦ୍ଧି ଯାହାକି ନିଗମର ଇତିହାସରେ ସର୍ବାଧିକ କାରବାର। ଏକ ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ ସରକାରୀ ଉଦ୍ୟୋଗ ଭାବେ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ନିଜସ୍ୱ ସମ୍ବଳରେ ସମସ୍ତ ଆର୍ଥିକ ଦାୟିତ୍ୱ ସମାପନ କରିବା ସହିତ ଆର୍ଥିକ ବର୍ଷ ୨୦୧୪-




୧୫ ଠାରୁ ନିୟମିତ ଭାବେ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରିଆସୁଛି। ଚଳିତ ବର୍ଷର ଲାଭାଂଶ ସହିତ ରାଜ୍ୟ ସରକାରଙ୍କୁ ନିଗମ ମୋଟ ଲାଭାଂଶ ପ୍ରଦାନ ୮୬.୦୫ କୋଟି ଟଙ୍କାରେ ପହଞ୍ଚିଛି।

ନିର୍ମାଣ କ୍ଷେତ୍ରରେ ଉଚ୍ଚମାନର କାର୍ଯ୍ୟ ଏବଂ ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ରାଜ୍ୟ ଅରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ଜାତୀୟ ସ୍ତରରେ ମଧ୍ୟ ସ୍ୱୀକୃତି ହାସଲ କରିଛି। ନୀତି ଆୟୋଗ ଅଧୀନସ୍ଥ କନଷ୍ଟ୍ରକ୍ସନ୍ ଇଣ୍ଡଷ୍ଟ୍ରି ଡେଭଲପମେଣ୍ଟ କାଉନସିଲ୍ ପକ୍ଷରୁ ୨୦୨୫ ମସିହାରେ ଭୁବନେଶ୍ୱର କମିଶନରେଟ୍ ପୋଲିସ ଭବନ ଏବଂ ୨୦୨୬ ମସିହାରେ ଗୋପବନ୍ଧୁ ପ୍ରଶାସନ ଏକାଡେମୀର ନୂତନ ଛାତ୍ରାବାସ ନିର୍ମାଣ ପାଇଁ କର୍ପୋରେସନକୁ ସମ୍ମାନଜନକ 'ବିଶ୍ୱକର୍ମା ପୁରସ୍କାର' ପ୍ରଦାନ କରାଯାଇଛି।

ବର୍ତ୍ତମାନ ନିଗମ କଟକର ତାରକସି ହବ୍, ଭୁବନେଶ୍ୱରର ଏକ୍ସାଇଜ୍ ଭବନ, ଗୋପବନ୍ଧୁ ପ୍ରଶାସନ ଏକାଡେମୀ ଛାତ୍ରାବାସ, ବିଭିନ୍ନ ସ୍ଥାନରେ ଟ୍ରକ୍ ଟର୍ମିନାଲ, ଭୁବନେଶ୍ୱର ନୂତନ ମଡେଲ ଜେଲ୍, ଯାଜପୁର ଜିଲ୍ଲା କାରାଗାର, ପାରାଦୀପ ବ୍ଲୁ ଫ୍ଲାଗ୍ ବିଚ୍, ଡୁଡୁମା ଜଳପ୍ରପାତ ଓ ଜିରାଙ୍ଗ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ସଫଳତାର ସହ ନିର୍ବାହ କରୁଛି। ଏହା ସହିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ରାଜ୍ୟବ୍ୟାପୀ ଅଟଳ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ମଧ୍ୟ ନିଗମ ଦ୍ୱାରା କରାଯାଉଛି। ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ଆର୍ଥିକ ଶୃଙ୍ଖଳା ଏବଂ ସମୟାନୁବର୍ତ୍ତୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ରାଜ୍ୟର ଭିତ୍ତିଭୂମି ବିକାଶରେ ଏକ ଅଗ୍ରଣୀ ସରକାରୀ ଉଦ୍ୟୋଗ ଭାବେ ନିଜର ଭୂମିକା ସୁଦୃଢ଼ କରିଚାଲିଛି।

## ମଧୁବାବୁ ପେନସନ ଟଙ୍କା ଲୁଟ୍

# ଭିଜିଲାନ୍ସ ଜାଲରେ ୨ ପୂର୍ବତନ ପିଇଓ

ଭୁବନେଶ୍ୱର,୩।୭

ନ୍ୟୁଜ୍‌ବ୍ୟୁରୋ



ପୁରୀ ଜିଲ୍ଲାରେ ମଧୁବାବୁ ପେନସନ ଟଙ୍କା ଲୁଟ୍ ଘଟଣାରେ ୨ ପୂର୍ବତନ ପିଇଓଙ୍କୁ ଗିରଫ କଲା ଭିଜିଲାନ୍ସ। ଜମରସୁଆଁ ପଞ୍ଚାୟତ ପୂର୍ବତନ ପିଇଓ ସୁଲମଣି ଜାନି ଓ ସାହୁପଡ଼ା ପଞ୍ଚାୟତ ପୂର୍ବତନ ପିଇଓ ଟୁନା ପ୍ରଧାନ ଗିରଫ ହୋଇଛନ୍ତି। ଉଭୟଙ୍କ ନାଁରେ ୩୦ ଲକ୍ଷ ୭୮ହଜାର ପେନସନ ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ପୁରୀ ସଦର ବ୍ଲକ୍‌ରେ କାମ କରୁଥିବା ସୁଲାମଣି ଜାନି ଓ ଗୋପ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ଟୁନା ପ୍ରଧାନ ୩୦ଲକ୍ଷ ୭୮ ହଜାର ଟଙ୍କା ହଡ଼ପ କରିଛନ୍ତି। ୨୦୨୨ରୁ ୨୦୨୫ ମଧ୍ୟରେ ସୁଲମଣି ଗଡ଼ମରୁଗସିରା ଓ ଜାମରସୁଆଁରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ମଧୁବାବୁ ପେନସନ ଯୋଜନାର ହିତାଧିକାରୀ ତାଲିକା ଜାଲିଆତି କରିବା ସହ ଗରିବ ଅସହାୟଙ୍କ ପାଇଁ ଆସିଥିବା ୧୫ଲକ୍ଷ ୭୪ହଜାର ୮୨୦ ଟଙ୍କା ଆତ୍ମସାତ୍ କରିଥିଲେ। ସେହିଭଳି କଣାସ ବ୍ଲକ ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତର ପିଇଓ ଥିବାବେଳେ ଅନୈତିକ ଉପାୟ ଅବଲମ୍ବନ କରି ଟୁନା ୧୫ଲକ୍ଷ ୩ହଜାର ୮ଶହ ଟଙ୍କା ଆତ୍ମସାତ୍ କରିଛନ୍ତି। ଏ ନେଇ ଅଭିଯୋଗ ପରେ ଭିଜିଲାନ୍ସ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରିଛି। ସେମାନଙ୍କ ଆୟବହିର୍ଭୂତ ସମ୍ପତ୍ତି ଆଦି ନେଇ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣାପଡ଼ିଛି।


ସମ୍ପାଦକୀୟ
ପୃଷ୍ଠା-୪
ବନସ୍ତେ ରହିଲେ ହସ୍ତୀ

ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com

Vol-10 • Issue-52 • 01-07th July 2026 • Bhubaneswar

ଭୁବନେଶ୍ୱର ରେଳ ଧାରଣାରେ ୫ ବର୍ଷରେ ଗଲାଣି ୪୦୦ ଜୀବନ

କଟକ ବଡ଼ ମେଡିକାଲ ଆସୁଥିଲେ ସାବଧାନ ! ବର୍ଷକ ମଧ୍ୟରେ ହଜିଲେଣି ୬୬ ରୋଗୀ !

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com